

୨୮ ବର୍ଷ ପରେ ଭାରତକୁ ପଦକ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-91 ◆THURSDAY ◆24 SEPTEMBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୯୧ ◆ଗୁରୁବାର ◆୨୪ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ଦକ୍ଷିଣରେ ଅବିଶ୍ରାନ୍ତ ବର୍ଷା

## କଳିଙ୍ଗପଟ୍ଟଣମ୍ ନିକଟରେ ସ୍ଥଳଭାଗ ଛୁଇଁଲା ଅବପାତ

■ ଭୁବନେଶ୍ୱର,୨୩।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଦକ୍ଷିଣ ଓଡ଼ିଶାର ୧୦ ସ୍ଥାନରେ ଅତିପ୍ରବଳ ଓ ୩୫ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଏହି ଗଭୀର ଅବପାତ ଘଣ୍ଟା ପ୍ରତି ୧୨ କିଲୋମିଟର ବେଗରେ ପଶ୍ଚିମ ଦିଗକୁ ଗତି କରି ବୁଧବାର ରାତିରେ ବିଶାଖାପାଟଣା ଓ ଗୋପାଳପୁର ମଧ୍ୟବର୍ତ୍ତୀ କଳିଙ୍ଗପଟ୍ଟଣମ ନିକଟରେ ସ୍ଥଳଭାଗ ଅତିକ୍ରମ କରିଛି। ଏହାର ପ୍ରଭାବରେ ଆନ୍ଧ୍ରର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ଜାରି ରହିଛି। ସେହିପରି ଦକ୍ଷିଣ ଓଡ଼ିଶାରେ ମଧ୍ୟ କିଛି ଜିଲ୍ଲାରେ ଭୀଷଣ ବର୍ଷା ଲାଗି ରହିଛି। ଲଘୁଚାପ ▶ପୃଷ୍ଠା-୭

**କୋରାପୁଟ ଜିଲ୍ଲାରେ ସର୍ବାଧିକ ବର୍ଷା; ଭାଙ୍ଗିଲା ୭ କଚ୍ଚା ଘର**

**ଆସୁଛି ଆଉ ଏକ ଘୂର୍ଣ୍ଣିବଳୟ**



## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

■ ଭୁବନେଶ୍ୱର, ୨୩।୯ (ସମିସ): ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ "ଜିରୋ କାଜୁଆଲ୍‌ଟି' ସରକାରଙ୍କ ଲକ୍ଷ୍ୟ। ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଏହି ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ। ଲୋକଙ୍କ ଧନଜୀବନ ସୁରକ୍ଷା, ଜଳବନ୍ଦୀ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ସେମାନଙ୍କୁ ଉପଯୁକ୍ତ ରିଲିଫ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ବର୍ଷା ଓ ଏହାର ପ୍ରଭାବ ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ, ସମସ୍ତ ପ୍ରକାର ସତର୍କତାମୂଳକ ବ୍ୟବସ୍ଥା ସହ ସର୍ବୋଚ୍ଚ ସ୍ତରର ପ୍ରସ୍ତୁତି ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ପରିସ୍ଥିତିର ▶ପୃଷ୍ଠା-୭




**ମୁକାବିଲା ପାଇଁ ୩୩ ଓଡ୍ରାଫ୍ ଟିମ୍ ମୁତୟନ**

**ସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ନିର୍ଦ୍ଦେଶ**

# ନିର୍ବାଚନ କମିସନରେ ଫାଟ

## ସିଇସି ଜ୍ଞାନେଶ କୁମାରଙ୍କ ବେଆଇନ କାର୍ଯ୍ୟକୁ ଦୁଇ କମିସନରଙ୍କ ବିରୋଧ

■ ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ଶେଷରେ ପଦାକୁ ଆସିଲା ଭାରତର ସବୁଠାରୁ ବିବାଦୀୟ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ କଳା କାରନାମା। ନିର୍ବାଚନ ପରିଚାଳନା ଏବଂ ବିଶେଷ କରି ବିବାଦୀୟ ଏସ୍‌ଆଇଆର୍ (ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ)କୁ ନେଇ ତାଙ୍କର ଏକତରଫା ଓ ବେଆଇନ କାର୍ଯ୍ୟକୁ ଅନ୍ୟ ଦୁଇ ଜଣ ନିର୍ବାଚନ କମିସନର ବିରୋଧ ଏବଂ ସେମାନଙ୍କ ମତାମତକୁ ଗୁରୁତ୍ୱ ନଦେବା ସଂକ୍ରାନ୍ତ ରିପୋର୍ଟ ଆଜି ଏକ ଦୈନିକ ଜାତୀୟ ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶ ପାଇବା ପରେ ଭାରତୀୟ ରାଜନୀତିରେ ବିରାଟ କମ୍ପନ ସୃଷ୍ଟି ହୋଇଛି। ଖବର ଗଣମାଧ୍ୟମ ଠାରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମ ଏବଂ ଏପରିକି ବିଭିନ୍ନ ମଞ୍ଚରେ ଏହି ଖବର ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ରହିଛି। କେବଳ ବିରୋଧୀ ଦଳ ନୁହନ୍ତି; ବିଭିନ୍ନ ସଂଗଠନ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଜ୍ଞାନେଶ କୁମାରଙ୍କୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ମତଭେଦ କଥାକୁ ଖୋଦ ନିର୍ବାଚନ କମିସନ ସ୍ୱୀକାର କରିବା ଏବଂ ଏହା ସପକ୍ଷରେ କେନ୍ଦ୍ରରେ ବିଜେପି ସରକାର ଯୁକ୍ତି କରିବା ଘଟଣା ଲୋକମାନଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିଛି। ଏହି ଘଟଣା ଏସ୍‌ଆଇଆର୍‌ଠାରୁ ଆରମ୍ଭ ବିହାର ପରେ ଯେତେସବୁ ବିଧାନସଭା ନିର୍ବାଚନ ହୋଇଛି, ତାହାର ବିଶ୍ୱସନୀୟତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିରୋଧୀ ଦଳ ଏହି ଘଟଣାରେ କେନ୍ଦ୍ର ସରକାର ଓ ନିର୍ବାଚନ କମିସନଙ୍କୁ ଘେରିବା ସହିତ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଗିରଫ କରି ଜେଲ ପଠାଇବା ଲାଗି ଦାବି କରିଛନ୍ତି।

'ଦି ଇଣ୍ଡିଆନ ଏକ୍ସପ୍ରେସ'ରେ ଆଜି ନିର୍ବାଚନ କମିସନ ସମ୍ପର୍କରେ ଏଭଳି ବିସ୍ଫୋରକ ଖବର ପ୍ରକାଶ ▶ପୃଷ୍ଠା-୭



**▶▶ ମତଭେଦ କଥା ସ୍ୱୀକାର କଲେ କମିସନ**

**▶▶ ସରକାର, କମିସନଙ୍କୁ ଘେରିଲେ ବିରୋଧୀ**

# ମୋଦୀଙ୍କ 'କ୍ୟାବିନେଟ୍' କ୍ଲାସ୍

## ନିଜ କାମର ବିବରଣୀ ରଖିଲେ ବିଭିନ୍ନ ବିଭାଗର ମନ୍ତ୍ରୀ

■ ନୂଆଦିଲ୍ଲୀ, ୨୩।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ମୁଖରେ କେନ୍ଦ୍ର ମନ୍ତ୍ରୀମାନେ ଆଜି ରଖିଛନ୍ତି ନିଜ ବିଭାଗର କାର୍ଯ୍ୟୋପଲବ୍ଧି ବା କାର୍ଯ୍ୟର ବିବରଣୀ। ବିଭିନ୍ନ ବିଭାଗର ମନ୍ତ୍ରୀମାନେ ସେମାନଙ୍କ କାର୍ଯ୍ୟର ବିସ୍ତୃତ ତଥ୍ୟ ଉପସ୍ଥାପନ କରିବା ସହ ଆଗାମୀ ଦିନରେ ୨ଟି ନିର୍ଦ୍ଦିଷ୍ଟ ପ୍ରସଙ୍ଗ 'ଜେନ୍ -ଜି', 'ମହିଳା ଆରକ୍ଷଣ'ରେ ନିଜନିଜର ଆଭିମୁଖ୍ୟ ଉପସ୍ଥାପନ କରିଛନ୍ତି। ଆଜି ମନ୍ତ୍ରୀମାନେ ପ୍ରଦାନ କରିଥିବା ବିବରଣୀଗୁଡ଼ିକର ସମୀକ୍ଷା ଆସନ୍ତାକାଲି ଅନୁଷ୍ଠିତ ହେବ ଓ ଏହା ଆଧାରରେ ମନ୍ତ୍ରୀମାନଙ୍କ ରିପୋର୍ଟକାର୍ଡ଼ ପ୍ରସ୍ତୁତ କରାଯିବ। ଏହି ରିପୋର୍ଟ କାର୍ଡ ଆଧାରରେ ଆଗାମୀ ଦିନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ।

'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ଆଧାରରେ ଏହି କାର୍ଯ୍ୟୋପଲବ୍ଧି ସମୀକ୍ଷାକୁ ଚିନ୍ତନ ଶିବିର ଭାବରେ ଅଭିହିତ କରାଯାଇଛି।

ପ୍ରଥମ ଦିନରେ ପ୍ରତ୍ୟେକ କ୍ୟାବିନେଟ୍ ମନ୍ତ୍ରୀ ନିଜ ମନ୍ତ୍ରଣାଳୟର ▶ପୃଷ୍ଠା-୭



**ଆସନ୍ତାକାଲି ସମୀକ୍ଷା ପରେ ପ୍ରସ୍ତୁତ ହେବ ରିପୋର୍ଟ କାର୍ଡ**

**ରିପୋର୍ଟ କାର୍ଡ ଆଧାରରେ ହେବ କ୍ୟାବିନେଟ୍ ପୁନର୍ଗଠନ**

### ବିଧାନସଭାରେ ଅଚଳାବସ୍ଥା ଜାରି

# ଦ୍ୱିତୀୟ ଦିନରେ ଗୃହ ଚାଲିଲା ମାତ୍ର ୧୧ ମିନିଟ୍

■ ଭୁବନେଶ୍ୱର, ୨୩।୯ (ସମିସ): ପାଠ୍ୟ ପୁସ୍ତକ ତ୍ରୁଟି ପ୍ରସଙ୍ଗରେ ବିଜେଡି ଏବଂ ଏମଏମଡିଆର ସଂଶୋଧିତ ଆଇନ ପ୍ରତ୍ୟାହାର ଦାବିରେ ଆଜି ଦ୍ୱିତୀୟ ଦିନରେ ମଧ୍ୟ ଗୃହ ଅଚଳ କରିଛନ୍ତି। ଉଭୟ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୫ ମିନିଟ ଚାଲିପାରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ମାତ୍ର ୬ ମିନିଟ ଚାଲି ପାରିଛି। ପ୍ରବଳ ବିରୋଧ ମଧ୍ୟରେ ଗୃହ ମାତ୍ର ୧୧ ମିନିଟ ଚାଲିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ପ୍ରସ୍ତାବ ଆଲୋଚନା ଏବଂ ବିଧେୟକ ଆଲୋଚନା ଧୋଇଯାଇଛି। ପ୍ରଥମ ଦୁଇଦିନରେ ଗୃହ ମାତ୍ର ୬୦ ମିନିଟ ଚାଲିଥିବା ବେଳେ ଉଭୟ ପ୍ରସଙ୍ଗରେ ସରକାର ସକରାତ୍ମକ ଆଭିମୁଖ୍ୟ ଗ୍ରହଣ ନରିବା ପର୍ଯ୍ୟନ୍ତ ଅଚଳବସ୍ଥା ଲାଗିରହିବ ବୋଲି ▶ପୃଷ୍ଠା-୭



**ପାଠ୍ୟ ପୁସ୍ତକ ତ୍ରୁଟି ଓ ଏମଏମଡିଆର ସଂଶୋଧନ ଆଇନକୁ ନେଇ ଗୃହ ଅଚଳ କଲେ ବିଜେଡି, କଂଗ୍ରେସ**

**ରିପୋର୍ଟର ଟେବୁଲ ଉପରେ ଚଢ଼ି ବିଧାୟକ କଲେ ପ୍ରତିବାଦ**

**ଗୃହ ବନ୍ଦ ପରେ ଚାଲିଚାଲି ବିକ୍ଷୋଭରେ ଯୋଗଦେଲେ ବିଜେଡି ବିଧାୟକ**

### ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବର୍ଷାରେ ଭିଜି ବିଧାନସଭା ଘେରିଲେ ଦଳର ଯୁବ ଓ ଛାତ୍ର

# ସରକାରଙ୍କୁ କୁମ୍ଭକର୍ଣ୍ଣ ନିଦ: ବିଜେଡି

■ ଭୁବନେଶ୍ୱର, ୨୩।୯ (ସମିସ): ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ରେ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ସାଂଘାତିକ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶ କରି ଶିକ୍ଷା ବ୍ୟବସ୍ଥାକୁ ବିଜେପି ସରକାର ନଷ୍ଟ କରିଛି। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦାବି କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯାଇଛି। ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ମାନେ ଏକତ୍ରିତ ହୋଇ ବର୍ଷାରେ ଭିଜି ଭିଜି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ବିକ୍ଷୋଭରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ରାଜ୍ୟର ଭବିଷ୍ୟତ ପିଢ଼ିକୁ ନଷ୍ଟ କରିବାକୁ ବିଜେପି ସରକାର ଚକ୍ରାନ୍ତ କରିଛନ୍ତି । ▶ପୃଷ୍ଠା-୭



# ମାନିଲେ ମନ୍ତ୍ରୀ: ବଢ଼ିଛି ଦରଦାମ୍

■ ଭୁବନେଶ୍ୱର, ୨୩।୯ (ସମିସ): ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଅହେତୁକ ବୃଦ୍ଧି ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରି ଆସୁଥିବା ବେଳେ ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

**ଅଧିକ ଦରରେ ଚିନି, ତେଲ, ପିଆଜ କିଣୁଛନ୍ତି ରାଜ୍ୟବାସୀ**

ବିଧାନସଭାରେ ବିଧାୟକ ପ୍ରକାଶ ସୋରେନଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ଯଥା ଡାଲି, ଖାଇବା ତେଲ, ପିଆଜ ଦରରେ ସାମାନ୍ୟ ବୃଦ୍ଧି ଘଟିଥିବା ପରିଲକ୍ଷିତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଦରଦାମ ପରିସ୍ଥିତି ଓ ଯୋଗାଣପେଣ୍ଠ ଗୁଡିକରେ ହେଉଥିବା ଦର ବୃଦ୍ଧି ଆମ ରାଜ୍ୟ ବଜାର ଉପରେ ଅନୁଭୂତ ହୋଇଛି। ସେହିପରି ଅନ୍ୟ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ ସର୍ବଭାରତୀୟ ହାରାହାରି ଦର ତୁଳନାରେ ଓଡ଼ିଶାରେ ତେଲ, ପିଆଜ, ଚିନି ଦର ଅଧିକ ରହିଛି। ଦରଦାମକୁ ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର ରାଜ୍ୟର ପ୍ରମୁଖ ବଜାରମାନଙ୍କରେ ପ୍ରଚଳିତ ▶ପୃଷ୍ଠା-୭





# ବିବାଦରେ ଜ୍ଞାନେଶ କୁମାର

■ କମିସନର ଆଇନ ସଂଶୋଧନ ପରେ ନିଯୁକ୍ତି
■ ସିଭିଲ-କ୍ରିମିନାଲ ମାମଲାରୁ ମିଳିଛି ସୁରକ୍ଷା
■ ଏସ୍ଆଇଆର ଝଡ଼ରେ କଟିଗଲେ ୧୩ କୋଟି
■ ମହାଭିଯୋଗ ପ୍ରସ୍ତାବ ଆଣିଛନ୍ତି ବିରୋଧୀ ଦଳ
■ ନିର୍ବାଚନ ଇତିହାସରେ ପ୍ରଥମ ଘଟଣା

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ଏସ୍ଆଇଆର୍‌କୁ ନେଇ ନିର୍ବାଚନ କମିସନରେ ମତଭେଦ ସଂପର୍କରେ ରିପୋର୍ଟ ପ୍ରକାଶ ପାଇବା ପରେ ବିବାଦରେ ପଡ଼ିଯାଇଛନ୍ତି ମୁଖ୍ୟ ନିର୍ବାଚନ କମିସନର ୬୨ ବର୍ଷୀୟ ଜ୍ଞାନେଶ କୁମାର। କେରଳ କ୍ୟାଡରର ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଫିସର କୁମାରଙ୍କୁ ୧୯ ଫେବୃଆରୀ ୨୦୨୫ରେ ଭାରତର ୨୬ତମ ମୁଖ୍ୟ ନିର୍ବାଚନ କମିସନର ରୂପେ ନିଯୁକ୍ତ କରାଯାଇଥିଲା। ଯେଉଁ ଢଙ୍ଗରେ ତାଙ୍କୁ ନିଯୁକ୍ତ କରାଯାଇଥିଲା ଏବଂ ଆଜି ପର୍ଯ୍ୟନ୍ତ ସେ ଯାହାସବୁ ନିଷ୍ପତ୍ତି ନେଇଛନ୍ତି, ସେଗୁଡ଼ିକ ବିବାଦୀୟ ରହିଆସିଛି। ବିଶେଷ କରି ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ଯେଉଁଭଳି ସ୍ୱତନ୍ତ୍ର ନିର୍ବାଚନ ତାଲିକା ସଂଶୋଧନ ବା ଏସଆଇଆର କରାଗଲା, ତାହା ସବୁଠାରୁ ବିବାଦୀୟ ହୋଇପଡ଼ିଛି। ଏହି ପ୍ରକ୍ରିୟାରେ ୩୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କଟିଯାଇଛି। ଏହାକୁ ନେଇ ସେ ବିରୋଧୀ ଦଳର ଟାର୍ଗେଟରେ ରହିଛନ୍ତି।

ମୁଖ୍ୟ ନିର୍ବାଚନ କମିସନର ଭାବେ ନିଯୁକ୍ତ ହେବା ଦିନଠାରୁ ବିବାଦରେ ରହିଛନ୍ତି ଜ୍ଞାନେଶ କୁମାର। କୁହାଯାଉଛି ଯେ ତାଙ୍କ ନିଯୁକ୍ତି ଲାଗି କେନ୍ଦ୍ର ସରକାର ନିର୍ବାଚନ କମିସନ ନିଯୁକ୍ତି ନିୟମରେ ସଂଶୋଧନ କରିଥିଲେ। କମିସନର ନିଯୁକ୍ତି ଲାଗି ଯେଉଁ ଚୟନ କମିଟି ଗଠିତ ହେଉଥିଲା, ସେଥିରେ ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏବଂ ଲୋକସଭାରେ ବିରୋଧୀ ଦଳର ନେତା ରହିଥିଲେ। କମିସନ ନିଯୁକ୍ତିରେ ନିରପେକ୍ଷତା ଓ ସ୍ୱଚ୍ଛତା ଅବଲମ୍ବନ ପାଇଁ ଏହି ତିନି ଜଣ ସଭ୍ୟ ରହିଥିଲେ। କିନ୍ତୁ କେନ୍ଦ୍ର ସରକାର ସଂସଦରେ ବିଲ୍ ଆଣି ଏହି ନିୟମରେ ପରିବର୍ତ୍ତନ କରିଦେଲେ। ସଂଶୋଧିତ ନିୟମ ଅନୁଯାୟୀ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବିଦା କରାଯାଇ ତାଙ୍କ ସ୍ଥାନରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ରଖାଗଲା। ଫଳରେ କମିସନର ନିଯୁକ୍ତି ପାଇଁ ଯେଉଁ ତିନି ଜଣିଆ କମିଟି ରହିଲା ସେଥିରେ ପ୍ରଧାନମନ୍ତ୍ରୀ, ଜଣେ କେନ୍ଦ୍ର ମନ୍ତ୍ରୀ ଓ ବିରୋଧୀ ଦଳର ନେତା ରହିଲେ। ତେଣୁ ସରକାରଙ୍କ ପାଖରେ ସଂଖ୍ୟାଗରିଷ୍ଠତା ଥିବାରୁ ଏହାର ମନପସନ୍ଦର ପ୍ରାର୍ଥୀଙ୍କୁ କମିସନର କରାଯାଇପାରିବ। ଏହିଠାରୁ ହିଁ ଉଠିଲା ସ୍ୱଚ୍ଛତାର ପ୍ରଶ୍ନ। ସଂଶୋଧିତ ଆଇନ ପରେ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିସନର ନିଯୁକ୍ତ କରାଯାଇଥିଲା। କେବଳ ଏତିକି ନୁହେଁ, ଏଥିରେ ଆଉ ଏକ ଧାରା ମଧ୍ୟ ଯୋଡ଼ାଯାଇଥିଲା। ଏଥିରେ ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିସନରଙ୍କୁ ସୁରକ୍ଷା ଦିଆଯାଇଥିଲା ଏଥିରେ ଉଲ୍ଲେଖ ରହିଛି ଯେ କମିସନର ଭାବେ ସେମାନଙ୍କର କାମ ପାଇଁ କୌଣସି କମିସନରଙ୍କ ବିରୋଧରେ ସିଭିଲ କିମ୍ବା କ୍ରିମିନାଲ କେସ୍ କରାଯାଇ ପାରିବ ନାହିଁ। ଏପରିକି ଅବସର ପରେ ମଧ୍ୟ ସେମାନଙ୍କ ବିରୋଧରେ ଏଭଳି କୌଣସି ମାମଲା ଆସିଲେ କୋର୍ଟ ଏହାକୁ ବିଚାର ପାଇଁ ଗ୍ରହଣ କରିପାରିବେ ନାହିଁ। ଏଭଳି ନିଯୁକ୍ତି ଓ ସୁରକ୍ଷା ପ୍ରକ୍ରିୟାକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରାଯାଇଛି।

ଏଭଳି ଅଖଣ୍ଡ କ୍ଷମତା ସହିତ ଜ୍ଞାନେଶ କୁମାର ଦାୟିତ୍ୱ ନେବାପରେ ତାଙ୍କର ଅନେକ ନିଷ୍ପତ୍ତିକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଛନ୍ତି। ବିଶେଷ କରି ଏସଆଇଆରକୁ ନେଇ। ଦୁଇ ଦଶନ୍ଧି ପରେ ଗତବର୍ଷ ତାଙ୍କ ପକ୍ଷରୁ ଏସଆଇଆର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହି ପ୍ରକ୍ରିୟାରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କଟିଗଲା। ଏହାର ପ୍ରଭାବ ଅନେକ ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିଥିଲା। ମହାରାଷ୍ଟ୍ର ଓ ହରିଆଣାରେ ଅସମ୍ଭବ ଭାବେ ଭୋଟରଙ୍କ ନାମ ଯୋଡ଼ାଯାଇଥିବା ବେଳେ ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ୯୨ ଲକ୍ଷ ଭୋଟରଙ୍କ ନାମ କାଟିଦିଆଗଲା। ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ମହାରାଷ୍ଟ୍ରରେ ହଜାର ହଜାର ନକଲି ଭୋଟରଙ୍କ ନାମ ତାଲିକାରେ ସ୍ଥାନ ପାଇଛି। ଅନେକ ଭୋଟରଙ୍କ ନକଲି ଠିକଣା ରହିଛି ଏବଂ ଗୋଟିଏ ଠିକଣାରେ ଶତାଧିକ ଭୋଟରଙ୍କ ନାମ ରହିଛି। ତେବେ ଏସଆଇଆର ପ୍ରକ୍ରିୟାରେ ସବୁଠାରୁ ବିବାଦୀୟ ପ୍ରସଙ୍ଗ ରହିଛି 'ଲଜିକାଲ ଡିସକ୍ରେପାନ୍ସି'। 'ଲଜିକାଲ ଡିସକ୍ରେପାନ୍ସି'ର ଅଲଗା ନାମ ହେଉଛି ସନ୍ଦିଗ୍ଧ ତାଲିକା। ବିହାରରେ ହୋଇଥିବା ଏସଆଇଆର ବେଳେ 'ଲଜିକାଲ ଡିସକ୍ରେପାନ୍ସି' ବୋଲି କିଛି ନଥିଲା। ପଶ୍ଚିମ ବଙ୍ଗ ନିର୍ବାଚନରେ ନୂତନ ଭାବେ ଏହାକୁ ଆରମ୍ଭ କରାଯାଇଥିଲା। ଯେଉଁମାନଙ୍କୁ ନେଇ କମିସନ ସନ୍ଦେହ କରିବେ, ସେମାନଙ୍କର ନାମ ଏହି ତାଲିକାରେ ରହିବ। ସମସ୍ତ ଦସ୍ତାବିଜ ଥିଲେ ମଧ୍ୟ ସେମାନଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରାଯାଇଛି।

ଏଭଳି ପରିସ୍ଥିତି ମଧ୍ୟରେ ଜ୍ଞାନେଶ କୁମାରଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିଛନ୍ତି ବିରେଧୀ ଦଳ। କେନ୍ଦ୍ରରେ ସରକାରୀ ଦଳକୁ ସୁହାଇଲା ଭଳି କାମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ନିର୍ବାଚନ କମିସନ ଇତିହାସରେ କୌଣସି କମିସନରଙ୍କ ବିରୋଧରେ ମହାଭିଯୋଗ ଆଣିବାରେ ଏହା ଥିଲା ପ୍ରଥମ ଘଟଣା। ଲୋକସଭାର ୧୩୦ ଏବଂ ରାଜ୍ୟସଭାର ୬୩ ଜଣ ସାଂସଦଙ୍କ ଦସ୍ତଖତରେ ଅଭିଯୋଗପତ୍ର ଦିଆଯାଇଛି। ୨୦୨୯ ଜାନୁଆରୀରେ ଅବସର ନେବାକୁ ଯାଉଥିବା ଜ୍ଞାନେଶଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

# ଗର୍ଜିଲେ ବିରୋଧୀ: 'ମାଷ୍ଟରମାଇଣ୍ଡ'ଙ୍କୁ ଗିରଫ କରି ଜେଲ୍ ପଠାଯାଉ






■ ଜ୍ଞାନେଶଙ୍କ ବିରୋଧରେ ଦେଶଦ୍ରୋହ ମାମଲା ହେଉ: ରାହୁଲ
■ ବିହାର, ପଶ୍ଚିମବଙ୍ଗରେ ସାନି ବିଧାନସଭା ନିର୍ବାଚନ ହେଉ: ମମତା
■ ଭୋଟ ଅଧିକାର ଛଡ଼ାଇ ନିଆଯାଇଛି: କକ୍ରୋଚ୍ ପାର୍ଟି

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର୍)କୁ ନେଇ ନିର୍ବାଚନ କମିସନରେ ମତଭେଦ ଥିବା ରିପୋର୍ଟ ପ୍ରକାଶ ପରେ ବିରୋଧୀ ଦଳଗୁଡ଼ିକ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀ ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'ର ରିପୋର୍ଟ ଅନୁଯାୟୀ, ଗତ ୧୦ ମାସରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍ଆଇଆର୍‌ର ବିଭିନ୍ନ ପ୍ରସଙ୍ଗରେ ୧୪ ଥର ଆନୁଷ୍ଠାନିକ ଭାବେ ଆପତ୍ତି ଉଠାଇଥିଲେ। ନୂଆ ଭୋଟର ପଞ୍ଜୀକରଣ, ନାମ ବାଦ୍ ଓ ପୁନଃସଂଯୋଜନ ଏବଂ ଭୋଟରଙ୍କ ନାମ ପୁନଃସ୍ଥାପନ ବିରୋଧରେ ଆବେଦନ ଭଳି ପ୍ରସଙ୍ଗରେ ଏହି ଆପତ୍ତି ଥିବା ରିପୋର୍ଟରେ କୁହାଯାଇଛି। ଏହାକୁ ନେଇ ବିରୋଧୀ ଦଳ ବିଜେପି ସରକାର ଏବଂ ନିର୍ବାଚନ କମିସନଙ୍କୁ ଘେରିଛନ୍ତି। ଏସଆଇଆର ଏବଂ ବିଧାନସଭା ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଏସଆଇଆରକୁ ଅସ୍ତ୍ର କରି ବିଭିନ୍ନ ବିଧାନସଭା ନିର୍ବାଚନରେ ବ୍ୟାପକ ଜାଲିଆତି କରାଯାଇଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏହାର ମାଷ୍ଟରମାଇଣ୍ଡ ବୋଲି ସେମାନେ ଅଭିଯୋଗ କରିବା ସହିତ ତାଙ୍କୁ ଗିରଫ କରି ଜେଲ ପଠାଇବା ଲାଗି ବିରୋଧୀ ଦଳ ଦାବି କରିଛନ୍ତି।

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ପ୍ରତିକ୍ରିୟା ଦେଇ 'ଭୋଟ ଚୋରି'କୁ ଭାରତୀୟ ଜନତାଙ୍କ ବିରୋଧରେ ଅପରାଧ ଏବଂ ସମ୍ବିଧାନ ଉପରେ ଆକ୍ରମଣ ବୋଲି କହିଛନ୍ତି। ସେ ଏହି ପ୍ରସଙ୍ଗରେ ବିଜେପି, ଆର୍ଏସ୍ଏସ୍ ଓ ନିର୍ବାଚନ ଆୟୋଗ ବିରୋଧରେ 'ଦେଶଦ୍ରୋହ କାର୍ଯ୍ୟ' ଅଭିଯୋଗ ଆଣିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଟିଏମସି ନେତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ ତଥା କଂଗ୍ରେସ ସାଂସଦ ମନୀଷ ତିୱାରୀ ଓ ଜୟରାମ ରମେଶ, ଆପ୍ ନେତା ସୌରଭ ଭରଦ୍ୱାଜ ମଧ୍ୟ ଆୟୋଗର କାର୍ଯ୍ୟପ୍ରଣାଳୀ ନେଇ ପ୍ରଶ୍ନ ଉଠାଇଛନ୍ତି। ମମତା ବାନାର୍ଜୀ କହିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ହେଉଛନ୍ତି ଜାଲିଆତିର ମୁଖ୍ୟ କାର୍ପଟଦାର। ତାଙ୍କୁ ଗିରଫ ଲାଗି ଦାବି କରିଛନ୍ତି। ଏସ୍ଆଇଆର୍ ପୂର୍ବର ଭୋଟର ତାଲିକା ଆଧାରରେ ପଶ୍ଚିମବଙ୍ଗରେ ପୁଣି ନିର୍ବାଚନ କରାଇବାକୁ ମଧ୍ୟ ସେ ଦାବି କରିଛନ୍ତି। ସେହିଭଳି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନ କମିସନରମାନଙ୍କ ଆପତ୍ତି ଯଦି ଶୁଣାଯାଉନାହିଁ, ତେବେ ଏହା ଗଣତନ୍ତ୍ର ପାଇଁ ଚିନ୍ତାର ବିଷୟ ବୋଲି କହିବା ସହ ସୁପ୍ରିମକୋର୍ଟ ସ୍ୱତଃସଂଜ୍ଞାନ ନେବାକୁ ଦାବି କରିଛନ୍ତି। ତେଜସ୍ୱୀ ଯାଦବ କହିଛନ୍ତି ନିର୍ବାଚନ କମିସନଙ୍କୁ ବିଜେପିର ସ୍ୱାର୍ଥ ପାଇଁ ବ୍ୟବହାର କରାଯାଉଛି। ବିହାର ଓ ପଶ୍ଚିମବଙ୍ଗରେ ପୁନଃ ନିର୍ବାଚନ କରାଯିବା ସହିତ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଏସ୍ଆଇଆର୍ ପ୍ରକ୍ରିୟା ବାତିଲ୍ କରାଯାଉ। ଏସ୍ଆଇଆର୍ ପରେ ହୋଇଥିବା ନିର୍ବାଚନଗୁଡ଼ିକର ମଧ୍ୟ ଯାଞ୍ଚ ଦାବି କରିଛନ୍ତି।

ଶିବସେନା ନେତା ଉଦ୍ଧବ ଠାକରେ କହିଛନ୍ତି ଯେ ନିର୍ବାଚନ କମିସନଙ୍କ ଅବୈଧ ଓ ଗଣତନ୍ତ୍ର ବିରୋଧୀ କାର୍ଯ୍ୟ ବିରୋଧରେ ଆମେ ବିରୋଧୀ ଦଳଗୁଡ଼ିକ ଗତ କିଛି ବର୍ଷ ଧରି ସ୍ୱର ଉଠାଇଆସୁଛୁ। ଏବେ ଦୁଇଜଣ ନିର୍ବାଚନ କମିସନର ମଧ୍ୟ ଏହା ନେଇ ଆପତ୍ତି ଉଠାଇଛନ୍ତି। ଏସ୍ଆଇଆର୍ ପ୍ରକ୍ରିୟା ବନ୍ଦ କରିବା ସହ ଦୁଇ ନିର୍ବାଚନ କମିସନର ଉଠାଇଥିବା ଆପତ୍ତିକୁ ସାର୍ବଜନୀନ କରିବାକୁ ଦାବି କରିଛନ୍ତି କପିଲ ଶିବଲ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ।।ଯେ ନିର୍ବାଚନର ନିରପେକ୍ଷତା ନେଇ କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ପୂର୍ବରୁ ପ୍ରଶ୍ନ ଉଠାଇଆସୁଛନ୍ତି। ଦୁଇ ନିର୍ବାଚନ କମିସନରଙ୍କ ଆପତ୍ତି ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ମାଗିଛନ୍ତି। ଟିଏମସି ନେତା ଅଭିଷେକ ବାନାର୍ଜୀ ଏହି ପ୍ରସଙ୍ଗରେ ଅଦାଲତଙ୍କ ନିରୀକ୍ଷଣରେ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଭୋଟରଙ୍କ ଅଧିକାର ଛଡ଼ାଇବା ନେଇ ଥିବା ଅଭିଯୋଗ ଗଣତନ୍ତ୍ରର ମୂଳଦୁଆ ସହ ଜଡ଼ିତ ବୋଲି ସେ କହିଛନ୍ତି।

କକ୍ରୋଚ୍ ଜନତା ପାର୍ଟିର ମୁଖପାତ୍ର ସୌରଭ ଦାସ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦାସ କହିଛନ୍ତି, ଲୋକଙ୍କ 'ପରିବର୍ତ୍ତନ ପାଇଁ ଭୋଟ ଦେବାର ଅଧିକାର' ଛଡ଼ାଇ ନିଆଯାଇଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦାସ କହିଛନ୍ତି, ବେକାରି, ପ୍ରଶ୍ନପତ୍ର ଲିକ୍, ଶିକ୍ଷା ବ୍ୟବସ୍ଥାର ଅବନତି ଓ ବାୟୁ ପ୍ରଦୂଷଣ ଭଳି ସମସ୍ୟାର ସମାଧାନ ପାଇଁ ଲୋକଙ୍କ ଆଶା ହେଉଛି ଏକ ଭଲ ସରକାର ଚୟନ। କିନ୍ତୁ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠିଲେ ପରିବର୍ତ୍ତନ କିପରି ସମ୍ଭବ ବୋଲି ସେ ପ୍ରଶ୍ନ କରିଛନ୍ତି। ଦାସ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ 'ବେଆଇନ' କାର୍ଯ୍ୟର ଅଭିଯୋଗ ଆଣିବା ସହ ତାଙ୍କ କାର୍ଯ୍ୟଧାରା ଭାରତୀୟ ଜନତା ପାର୍ଟିକୁ ଲାଭ ଦେଉଥିବା ଦାବି କରିଛନ୍ତି। ଏପରି କାର୍ଯ୍ୟ ପାଇଁ ତାଙ୍କୁ 'ଦେଶଦ୍ରୋହ' ଅଭିଯୋଗରେ ଜେଲ୍ ପଠାଯିବା ଉଚିତ ବୋଲି ମଧ୍ୟ ସେ କହିଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ମଧ୍ୟ ଏସ୍ଆଇଆର୍‌କୁ ସମାଲୋଚନା କରିଛନ୍ତି।

ଅନ୍ୟପକ୍ଷରେ, ରିପୋର୍ଟ ପ୍ରକାଶ ପରେ ନିର୍ବାଚନ କମିଶନ ପକ୍ଷରୁ କୁହାଯାଇଛି ଯେ କମିଶନରମାନଙ୍କ ମଧ୍ୟରେ ଭିନ୍ନ ମତ ରହିବା ନିଷ୍ପତ୍ତି ପ୍ରକ୍ରିୟାର ସାଧାରଣ ଅଂଶ। କମିଶନ ସୂତ୍ର ଅନୁସାରେ, ଅନ୍ତିମ ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତିରେ ହୋଇଛି।

## 'ଭୋଟ ଚୋରି' ହୋଇଥିଲେ ହାରିଲୁ କେମିତି?

ନୂଆଦିଲ୍ଲୀ,୨୩।୯ (ଏଜେନ୍ସି): ପଶ୍ଚିମବଙ୍ଗ ନିର୍ବାଚନରେ ଭୋଟର ତାଲିକାରୁ ନାମ ବାଦ୍ ଯୋଗୁଁ ବିଜେପି ଲାଭ ପାଇଥିଲା ବୋଲି ବିରୋଧୀ ଦଳଗୁଡ଼ିକର ଦାବିକୁ ନେଇ ବିଜେପି ଖଣ୍ଡନ କରିଛି। ଦଳର ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ଯଦି ଭୋଟରଙ୍କ ନାମ ବାଦ୍ ଦିଆଯିବା ଯୋଗୁଁ ବିଜେପି ନିର୍ବାଚନ ଜିତିଥିଲା, ତେବେ ସର୍ବାଧିକ ନାମ କଟିଥିବା ଆସନଗୁଡ଼ିକରେ ବିଜେପି ହାରିଲା କାହିଁକି? ପାତ୍ର କହିଛନ୍ତି, ପଶ୍ଚିମବଙ୍ଗର ଯେଉଁ ୨୦ଟି ବିଧାନସଭା ଆସନରେ ସର୍ବାଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଥିଲା, ସେଥିରୁ ତୃଣମୂଳ କଂଗ୍ରେସ (ଟିଏମ୍ସି) ୧୩ଟି ଓ ବିଜେପି ୬ଟି ଆସନରେ ବିଜୟୀ ହୋଇଥିଲା। ମୁର୍ଶିଦାବାଦର ସାମସେରଗଞ୍ଜ ଆସନର ଉଦାହରଣ ଦେଇ ପାତ୍ର କହିଛନ୍ତି, ସେଠାରେ ସ୍ୱତନ୍ତ୍ର ଭୋଟର ସଂଶୋଧନ ପରେ ୯୧,୭୧୨ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିଲା। ଏହା ସମୁଦାୟ ଭୋଟରଙ୍କ ଏକ-ତୃତୀୟାଂଶରୁ ଅଧିକ। ଏହି ଆସନରେ ତୃଣମୂଳ କଂଗ୍ରେସର ମହମ୍ମଦ ନୂର ଆଲମ ୬୧,୯୧୮ ଭୋଟ ପାଇ ବିଜୟୀ ହୋଇଥିଲେ। ବିଜେପି ଏଠାରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟ ନଥିଲା। ନିର୍ବାଚନ କମିଶନର ଦୁଇ ସଦସ୍ୟ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ଆପତ୍ତି ସମ୍ପର୍କିତ ରିପୋର୍ଟ ପ୍ରକାଶ ପରେ ପାତ୍ର ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରିଛନ୍ତି।



## ନିର୍ବାଚନ କମିସନର ନିଯୁକ୍ତି ପ୍ରକ୍ରିୟା ନେଇ ସୁପ୍ରିମକୋର୍ଟରେ ମତଭେଦ

ନୂଆଦିଲ୍ଲୀ,୨୩।୯ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟ ନିର୍ବାଚନ କମିସନରଙ୍କ ନିଯୁକ୍ତି ସମ୍ପର୍କିତ ୨୦୨୩ର ଆଇନକୁ ଚ୍ୟାଲେଞ୍ଜ କରି ଦାଖଲ ଆବେଦନଗୁଡ଼ିକୁ ୫ ଜଣିଆ ସମ୍ବିଧାନ ବେଞ୍ଚକୁ ପଠାଯିବ କି ନାହିଁ, ଏହାକୁ ନେଇ ସୁପ୍ରିମକୋର୍ଟର ଦୁଇଜଣିଆ ବେଞ୍ଚରେ ମତଭେଦ ଦେଖାଦେଇଛି।। ବିଚାରପତି ଦୀପଙ୍କର ଦତ୍ତ ଓ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ବେଞ୍ଚରେ ୫ ଦିନ ଧରି ଶୁଣାଣି ପରେ ଏହି ଭିନ୍ନ ମତ ସାମ୍ନାକୁ ଆସିଛି। ୨୦୨୩ର ଆଇନରେ ମୁଖ୍ୟ ନିର୍ବାଚନ କମିସନର ନିଯୁକ୍ତି ପାଇଁ ଗଠିତ ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ ଦିଆଯାଇଛି। ଏହା ବଦଳରେ ପ୍ରଧାନମନ୍ତ୍ରୀ, ଲୋକସଭା ବିରୋଧୀ ଦଳ ନେତା ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ କେନ୍ଦ୍ରମନ୍ତ୍ରୀ କମିଟିରେ ରହୁଛନ୍ତି। ଏହି ବ୍ୟବସ୍ଥା ନିର୍ବାଚନ କମିସନର ସ୍ୱାଧୀନତାକୁ ପ୍ରଭାବିତ କରୁଛି ବୋଲି ଆବେଦନକାରୀମାନେ ଯୁକ୍ତି ଦେଇଛନ୍ତି। ବିଚାରପତି ଦତ୍ତଙ୍କ ମତରେ, ଏହି ଚୟନ ବ୍ୟବସ୍ଥା କାର୍ଯ୍ୟନିର୍ବାହୀ କ୍ଷମତା ଉପରେ ଏକ ସ୍ୱାଧୀନ ନିୟନ୍ତ୍ରଣ ସୃଷ୍ଟି କରିପାରୁଛି କି ନାହିଁ, ତାହା ପ୍ରଶ୍ନର ବିଷୟ। ସେ କହିଲେ ଯେ ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ ଦିଆଯିବା ଆଇନସମ୍ମତ ନୁହେଁ। ନିର୍ବାଚନ କମସନରଙ୍କୁ ନିରପେକ୍ଷ ରଖିବାକୁ ହେଲେ କମିଟିରେ ପ୍ରଧାନ ବିଚାରପତି ରହିବା ଜରୁରୀ। ତିନି ଜଣିଆ କମିଟିରେ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବକୁ ତାଙ୍କର ମନ୍ତ୍ରୀ କେବେ ବିରୋଧ କରିବେ ନାହିଁ। ତେଣୁ ସରକାରଙ୍କ ମନ ପସନ୍ଦର ଲୋକ ହିଁ କମିସନର ହେବେ। ଅନ୍ୟତମ ସଭ୍ୟ ବିରୋଧୀ ଦଳ ନେତା ଥିବା ସେ ବି।।ରୋଧ କଲେ ମଧ୍ୟ ଏହାର କୌଣସି ମୂଲ୍ୟ ନାହିଁ। ୨୦୨୩ରେ ଅନୁପ ବରନୱାଲ ମାମଲାରେ ନିରପେକ୍ଷତାକୁ ନେଇ ସ୍ପଷ୍ଟ ଆଦେଶ ଥିବାରୁ ଏହି ପ୍ରସଙ୍ଗକୁ ଆଉ ବୃହତ ବେଞ୍ଚକୁ ପଠାନଯାଉ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ, ବିଚାରପତି ଶର୍ମା କହିଛନ୍ତି ଯେ ଏହି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପ୍ରଶ୍ନର ବିଚାର ୫ ଜଣିଆ ସମ୍ବିଧାନ ବେଞ୍ଚରେ ହେବା ଆବଶ୍ୟକ। ଦୁଇ ବିଚାରପତିଙ୍କ ମତଭେଦ ଯୋଗୁଁ ମାମଲା ଏବେ ଭାରତର ପ୍ରଧାନ ବିଚାରପତିଙ୍କ ନିକଟକୁ ଯିବ। ବୃହତ୍ତର ବେଞ୍ଚରେ ଏହାର ଶୁଣାଣି ହେବ କି ନାହିଁ, ସେ ନିଷ୍ପତ୍ତି ନେବେ।

## ଲୋକସଭା ବାଚସ୍ପତିଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ: ଟିଏମ୍ସି ମାମଲାରେ ତୁରନ୍ତ ନିଷ୍ପତ୍ତି ନିଅ

ନୂଆଦିଲ୍ଲୀ,୨୩।୯ (ଏଜେନ୍ସି): ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ କରିଥିବା ୨୦ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ସଂକ୍ରାନ୍ତ ପିଟିସନ ଉପରେ ଲୋକସଭା ବାଚସ୍ପତି ତୁରନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆଜି ଏହି ମାମଲାର ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ ଏହି ମାମଲାରେ କୌଣସି ସମୟସୀମା ନାହିଁ କି କୋର୍ଟ ଏଥିପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ। କିନ୍ତୁ ବାଚସ୍ପତି ଏସଂପର୍କରେ ଶୀଘ୍ର ନିଷ୍ପତ୍ତି ନିଅନ୍ତୁ। ଏହାର ଜବାବ ଦେଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଲେ ଯେ ବାଚସ୍ପତି ଏସଂପର୍କରେ ଅବଗତ ଅଛନ୍ତି। ତେବେ ସେ ଏହା ଉପରେ କେବେ ନିଷ୍ପତ୍ତି ନେବେ, ସେସଂପର୍କରେ କୌଣସି ପ୍ରତିଶ୍ରୁତି ଦେଇପାରିବେ ନାହିଁ।

## ମେଘାଳୟରେ ୟୁଡିପିକୁ ଝଟକା, ବିଜେପିରେ ଯୋଗଦେଲେ ୮ ବିଧାୟକ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ମେଘାଳୟର ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି)ର ୮ ଜଣ ବିଧାୟକ ବୁଧବାର ନୂଆଦିଲ୍ଲୀରେ ବିଜେପିରେ ଯୋଗଦେଇଛନ୍ତି। ଏହା ସହ ମେଘାଳୟ ବିଧାନସଭାରେ ବିଜେପିର ସଦସ୍ୟ ସଂଖ୍ୟା ୨ରୁ ବୃଦ୍ଧି ପାଇ ୧୦ରେ ପହଞ୍ଚିଛି। ବିଜେପି ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ବିଧାୟକମାନେ ଦଳରେ ସାମିଲ ହୋଇଥିଲେ। ବିଜେପିରେ ଯୋଗଦେଇଥିବା ବିଧାୟକମାନେ ହେଲେ ଲାହମେନ୍ ରିମ୍ବୁଇ, ପିୟୁସ୍ ମାରୱେନ୍, କିର୍ମେନ୍ ଶିଲା, ମିର୍ଲେବର୍ନ ସିଏମ୍, ମାଥ୍ୟୁ କୁର୍କାଲାଙ୍ଗ, ଓଲାଙ୍କ ସିଂ ସୁଇନ୍, ବାଲାଜିଏଡ୍ କୁଫାର ସିନ୍‌ରେମ୍ ଓ ସିନ୍ତାର କ୍ଲାସ୍। ଏହି ରାଜନୈତିକ ପରିବର୍ତ୍ତନ ପରେ ମେଘାଳୟ ବିଧାନସଭାରେ ଏନ୍?ପିପି ପରେ ବିଜେପି ଦ୍ୱିତୀୟ ବୃହତ୍ତମ ଦଳ ହୋଇଛି। ଅନ୍ୟପକ୍ଷରେ ୟୁଡିପିର ସଦସ୍ୟ ସଂଖ୍ୟା ୧୨ରୁ ହ୍ରାସ ପାଇ ୪ରେ ପହଞ୍ଚିଛି। ରିଜିଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଉତ୍ତର-ପୂର୍ବାଞ୍ଚଳ ଓ ମେଘାଳୟରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଏହି ବିଧାୟକମାନେ ବିଜେପିରେ ଯୋଗଦେଇଛନ୍ତି। ବିଜେପି ଓ ୟୁଡିପି ଉଭୟ ଏନ୍‌ପିପି ନେତୃତ୍ୱାଧୀନ ମେଘାଳୟ ଡେମୋକ୍ରାଟିକ୍ ଆଲାଏନ୍ସ ସରକାରର ଅଂଶୀଦାର।

## ୨୮ ରାଜ୍ୟ ପାଇଁ ବିଜେପିର ପ୍ରଭାରୀ ନିଯୁକ୍ତ

ନୂଆଦିଲ୍ଲୀ,୨୩।୯ (ଏଜେନ୍ସି):ବିଜେପି ବୁଧବାର ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନୂଆ ପ୍ରଭାରୀ ଓ ସହପ୍ରଭାରୀଙ୍କ ନାମ ଘୋଷଣା କରିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ହରିୟାଣା ଓ ଛତିଶଗଡ଼ର ପ୍ରଭାରୀ କରାଯାଇଛି। ବିନୋଦ ତାୱଡେଙ୍କୁ ୟୁପି, ବିନୟ ସହସ୍ରବୁଦ୍ଧେଙ୍କୁ ଦିଲ୍ଲୀ ଏବଂ ହରିଶ ଦ୍ୱିବେଦୀଙ୍କୁ ବିହାରର ପ୍ରଭାରୀ ଦାୟିତ୍ୱ ମିଳିଛି। ସତୀଶ ପୁନିଆଙ୍କୁ ପଞ୍ଜାବ ଓ ଜମ୍ମୁ-କଶ୍ମୀରର ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ପାଇଁ ଡି ପୁରନ୍ଦେଶ୍ୱରୀଙ୍କୁ ପ୍ରଭାରୀ ଏବଂ ସ୍ୱଦେଶ ସିଂହଙ୍କୁ ସହପ୍ରଭାରୀ ନିଯୁକ୍ତ କରାଯାଇଛି। ମହାରାଷ୍ଟ୍ରର ଦାୟିତ୍ୱ ବୈଜୟନ୍ତ ପଣ୍ଡାଙ୍କୁ ଦିଆଯାଇଥିବାବେଳେ ତାଙ୍କ ସହ ଅମିତ ମାଲବ୍ୟ, ସଦାନନ୍ଦ ସେଟ ତାନାୱାଡେ ଓ କମଲଜିତ ସେହରାୱତଙ୍କୁ ସହପ୍ରଭାରୀ କରାଯାଇଛି। ଗୁଜରାଟର ପ୍ରଭାରୀ ଭାବେ ତରୁଣ ଚୁଘ୍, ରାଜସ୍ଥାନରେ ସଞ୍ଜୟ ଭାଟିଆ, ତାମିଲନାଡୁ ଓ ଉତ୍ତରାଖଣ୍ଡରେ ରାମ ମାଧବ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ସୁନୀଲ ବଂଶଲଙ୍କୁ ଦାୟିତ୍ୱ ଦିଆଯାଇଛି।

## ଯାନ୍ତ୍ରିକ ତ୍ରୁଟି ପାଇଁ ଦିଲ୍ଲୀ ଆସୁଥିବା ଇଣ୍ଡିଗୋ ଡ୍ରିମଲାଇନର୍ ଲଣ୍ଡନ ଫେରିଲା

ଲଣ୍ଡନ,୨୩।୯ (ଏଜେନ୍ସି): ଯାନ୍ତ୍ରିକ ତ୍ରୁଟି ଚିହ୍ନଟ ହେବା ପରେ ଲଣ୍ଡନରୁ ନୂଆଦିଲ୍ଲୀ ଆସୁଥିବା ଇଣ୍ଡିଗୋର ଏକ ବୋଇଂ ୭୮୭-୯ ଡ୍ରିମଲାଇନର୍ ବିମାନ ବୁଧବାର ଉଡ଼ାଣର ପ୍ରାୟ ଏକ ଘଣ୍ଟା ପରେ ଲଣ୍ଡନ ହିଥ୍ରୋ ବିମାନବନ୍ଦରକୁ ଫେରିଯାଇଛି। ବିମାନରେ ୨୫୦ରୁ ଅଧିକ ଯାତ୍ରୀ ଥିବା ଜଣାପଡ଼ିଛି। ଉଡ଼ାଣ ପରେ ବିମାନରେ ଯାନ୍ତ୍ରିକ ସମସ୍ୟା ଚିହ୍ନଟ ହେବାରୁ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଥିଲା। ପରେ ବିମାନକୁ ହିଥ୍ରୋ ବିମାନବନ୍ଦରରେ ପ୍ରାଥମିକତା ଭିତ୍ତିରେ ଅବତରଣ ଅନୁମତି ଦିଆଯାଇଥିଲା। ଲଣ୍ଡନ ହିଥ୍ରୋରୁ ନୂଆଦିଲ୍ଲୀ ଆସୁଥିବା ୬ଇ୦୪ ବିମାନଟି ବୁଧବାର ଭାରତୀୟ ସମୟ ରାତି ପ୍ରାୟ ୧୨ଟା ୪୦ରେ ଉଡ଼ାଣ ଆରମ୍ଭ କରିଥିଲା। ପ୍ରାୟ ଏକ ଘଣ୍ଟା ଆକାଶରେ ରହିବା ପରେ ଏହା ଫେରିବା ଆରମ୍ଭ କରିଥିଲା ଏବଂ ପ୍ରାୟ ରାତି ୨ଟାରେ ହିଥ୍ରୋରେ ଅବତରଣ କରିଥିଲା। ଇଣ୍ଡିଗୋ କହିଛି, ଉଡ଼ାଣ ପରେ ତ୍ରୁଟି ଚିହ୍ନଟ ହେବା ପରେ ନିର୍ଦ୍ଧାରିତ ସୁରକ୍ଷା ପ୍ରକ୍ରିୟା ଅନୁସରଣ କରି ପାଇଲଟ୍‌ମାନେ ବିମାନକୁ ଫେରାଇ ଆଣିଥିଲେ।

## ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ କରିଡର୍‌କୁ ଟ୍ରମ୍ପଙ୍କ ସମର୍ଥନ

ୱାଶିଂଟନ,୨୩।୯ (ଏଜେନ୍ସି): ଇରାନ ଉପରେ ନିର୍ଭରଶୀଳତା କମାଇ ମଧ୍ୟପ୍ରାଚ୍ୟର ଶକ୍ତି ଓ ବାଣିଜ୍ୟ ଯୋଗାଯୋଗକୁ ବିକଳ୍ପ ମାର୍ଗ ଦେବା ପାଇଁ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡରକୁ ଆମେରିକା ଜୋରଦାର ସମର୍ଥନ କରୁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ଅବସରରେ ଗଲ୍ଫ ସହଯୋଗ ପରିଷଦ ସହ ବହୁପକ୍ଷୀୟ ବୈଠକରେ ଟ୍ରମ୍ପ ଏହି ମତ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଇରାନ ପକ୍ଷରୁ ବାଣିଜ୍ୟିକ ଜାହାଜ ଚଳାଚଳ ସମ୍ପର୍କିତ ଆକ୍ରମଣ ଓ ଆଞ୍ଚଳିକ ଅସ୍ଥିରତା ମଧ୍ୟପ୍ରାଚ୍ୟର ଶକ୍ତି ଭିତ୍ତିଭୂମିକୁ ଇରାନୀ ନିୟନ୍ତ୍ରଣରୁ ଦୂରେ ରଖିବାର ଆବଶ୍ୟକତା ଦର୍ଶାଇଛି। ଏହି ପରିପ୍ରେକ୍ଷୀରେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର ସହ ତୈଳ ପରିବହନ ପାଇଁ ଅନ୍ୟ ବିକଳ୍ପ ମାର୍ଗ ଉପରେ ତାଙ୍କ ପ୍ରଶାସନ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି।

୨୦୨୩ ମସିହାରେ ନୂଆଦିଲ୍ଲୀରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀ ଅବସରରେ ଭାରତ, ଆମେରିକା, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ୟୁରୋପୀୟ ସଂଘ ଏହି ପ୍ରକଳ୍ପ ସମ୍ପର୍କିତ ବୁଝାମଣାପତ୍ରରେ ସହମତ ହୋଇଥିଲେ। ଏହାର ଉଦ୍ଦେଶ୍ୟ ଏସିଆ, ଆରବ ଉପସାଗର ଓ ୟୁରୋପ ମଧ୍ୟରେ ଯୋଗାଯୋଗ ଏବଂ ଆର୍ଥିକ ଏକୀକରଣ ବଢ଼ାଇବା। ପ୍ରସ୍ତାବିତ କରିଡରର ଦୁଇଟି ପ୍ରମୁଖ ଅଂଶ ରହିଛି। ପୂର୍ବ କରିଡର ଭାରତକୁ ଆରବ ଉପସାଗର ସହ ଯୋଡ଼ିବାକୁ ଥିବାବେଳେ ଉତ୍ତର କରିଡର ଉପସାଗର ଅଞ୍ଚଳକୁ ୟୁରୋପ ସହ ଯୋଡ଼ିବ। ରେଳପଥ ସହ ଜାହାଜ ଚଳାଚଳ, ଡିଜିଟାଲ ଯୋଗାଯୋଗ, ବିଦ୍ୟୁତ ଏବଂ ସ୍ୱଚ୍ଛ ହାଇଡ୍ରୋଜେନ୍ ପରିବହନ ପାଇଁ ଭିତ୍ତିଭୂମି ବିକାଶର ଯୋଜନା ରହିଛି। ଆଇଏମ୍ଇସିର ଅଧିକାରିକ ୱେବସାଇଟ୍ ଅନୁସାରେ, ୨୦୨୫ ଏପ୍ରିଲରୁ ରେଳପଥ, ବନ୍ଦର ଓ ରାଜପଥ ସମେତ କିଛି ପ୍ରମୁଖ ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହୋଇଥିବା ଦର୍ଶାଯାଇଛି। ତେବେ ସମଗ୍ର କରିଡରର କାର୍ଯ୍ୟାନ୍ୱୟନ ଉପରେ ମଧ୍ୟପ୍ରାଚ୍ୟର ରାଜନୈତିକ ଓ ସୁରକ୍ଷା ପରିସ୍ଥିତିର ପ୍ରଭାବ ରହିଛି। ବୈଠକରେ ଟ୍ରମ୍ପ ଇରାନକୁ ନେଇ ମଧ୍ୟ କଠୋର ଚେତାବନୀ ଦେଇଛନ୍ତି।

**ଶ୍ରୀନଅରରେ ସୁନିଆଁ**

# ଚାଲିଲା ୭୧ ଅଙ୍କ, ୧୪୩୪ ସାଲ

ପୁରୀ,୨୩।୯ (ସମିସ): ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ନୂଆ ଅଙ୍କ ପ୍ରଚଳନ ହୋଇଛି। ବୁଧବାର ସୁନିଆଁ ଅବସରରେ ୭୧ ଅଙ୍କ ଏବଂ ୧୪୩୪ ସାଲ ଆରମ୍ଭହୋଇଛି। ସେଥିଲାଗି ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡିଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ଏହି ନୀତିରେ ଗଜପତି ମହାରାଜା କନକଦୁର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ, ନୃସିଂହ ଆଦି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥା'ନ୍ତି। ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୭୧ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ରାଜଗୁରୁଙ୍କ ଉପସ୍ଥିତିରେ ବରାହ ନୃସିଂହ, ଲକ୍ଷ୍ମୀ ନୃସିଂହ ଆଦି ଦେବଦେବୀଙ୍କ ଚିହ୍ନ ଥିବା ମୁଦ୍ରାକୁ ନହର କରଣ ପ୍ରଚଳନ କରାଇବା ପରେ ଗଜପତି ମହାରାଜା ଏହାକୁ ଘୋଷଣା କରିଥିଲେ। ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ଶୁଭେଚ୍ଛା ଜଣାଇବା ସହ ସୁନିଆଁ ଭେଟି ଦେଇଥିଲେ। ସୁନିଆଁ ପରମ୍ପରା ସମ୍ପର୍କରେ ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷ ଆରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୭୧ ଅଙ୍କ ପ୍ରଚଳିତ ହେଲା ଏବଂ ୧୪୩୪ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।



ସୂଚନାଥାଉ କି, ସୁନିଆଁକୁ ଗଜପତି ମହାରାଜାଙ୍କ ନବବର୍ଷ ବୋଲି ଧରାଯାଏ। ଓଡ଼ିଆଙ୍କ ପାଇଁ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ। ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ। ଏହିଦିନ ଷୋଳଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ଆଶୀର୍ବାଦ କରିଥା'ନ୍ତି।

**ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନକୁ ନେଇ ବିଜେଡି ନେତ୍ରୀ ସୁଜାତାଙ୍କ ମନ୍ତବ୍ୟ**

# ଦୀର୍ଘବର୍ଷ ପର୍ଯ୍ୟନ୍ତ ବିଜେଡି ସରକାର ଓଡ଼ିଶାର ଅଧିକାର ପାଇଁ ଲଢ଼ିଥିଲା

ଭୁବନେଶ୍ୱର,୨୩।୯ (ସମିସ): ଖଣି ସଂଶୋଧନ ବିଲ୍‌କୁ ସମର୍ଥନ କରିଥିବା ବିଜେପି ସାଂସଦମାନେ ଉତ୍ତର ଦିଅନ୍ତୁ, ସେମାନେ କାହା ସହ ଅଛନ୍ତି। ନିଜ ମାତୃଭୂମି ସହିତ ନା ଆଉ କାହା ସହିତ? ଓଡ଼ିଶାର ଜେନ-ଜି ଓ ତାଙ୍କ ଭବିଷ୍ୟତ ସହ ନା ଯେଉଁମାନେ ଓଡ଼ିଶାର ସାମ୍ବିଧାନିକ ଅଧିକାର ଛଡ଼ାଇ ନେଉଛନ୍ତି ସେମାନଙ୍କ ସହିତ ଅଛନ୍ତି ବୋଲି ଶାଣିତ ସ୍ୱରରେ ବିଜେପିର ନେତା ଓ ସାଂସଦଙ୍କୁ ପ୍ରଶ୍ନ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ।

ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୁଜାତା କହିଛନ୍ତି ଯେ ୨୦୦୪ ମସିହାରେ ନବୀନ ପଟ୍ଟନାୟକଙ୍କର ସରକାର ଓଡ଼ିଶାରେ ଓରିସେଡ୍ ଆଇନ ଆଣିଲେ। ଓଡ଼ିଶାର ଖଣିଜ ସମ୍ପଦରୁ ଟିକସ ଆଦାୟ ଓ ଉକ୍ତ ଅର୍ଥକୁ ଓଡ଼ିଶାର ଜନସାଧାରଣଙ୍କର ବିକାଶରେ ବିନିଯୋଗ କରିବା ଏ ଆଇନର ମୂଳ ଉଦ୍ଦେଶ୍ୟ ଥିଲା। ଓଡ଼ିଶାର ସ୍ୱାର୍ଥ ଓ ବିକାଶ ପାଇଁ ଆଣାଯାଇଥିବା ଏହି ଆଇନକୁ ବିଧାନସଭାରେ ବିଜେଡି, ବିଜେପି ଓ କଂଗ୍ରେସର ସମ୍ପୂର୍ଣ୍ଣ ସମର୍ଥନ ମିଳିଥିଲା। ତେବେ ସେତେବେଳେ ଏହି ଆଇନକୁ ବିରୋଧ କରିଥିଲେ ଖଣି କମ୍ପାନୀ ଓ ଖଣି ମାଲିକ। ସେମାନେ ଓଡ଼ିଶାର ଆଇନ ବିରୋଧରେ ଅଦାଲତକୁ ଗଲେ। ଓଡ଼ିଶା ସରକାରଙ୍କର ନିଷ୍ପତ୍ତି ବିରୋଧରେ ବଡ଼ ବଡ଼ ଓକିଲମାନଙ୍କୁ ନିୟୋଜିତ କଲେ। ବିଜେଡି ସରକାର ଦୀର୍ଘ ବର୍ଷଧରି ଅଦାଲତରେ ଲଢ଼େଇ ଜାରି ରଖିଥିଲେ। ଆମ ରାଜ୍ୟର ଖଣିଜ ପଦାର୍ଥ ଓ ଖଣିଜ ଅଞ୍ଚଳରୁ ଟ୍ୟାକ୍ସ ଆଦାୟ କରିବାର ଅଧିକାର ପାଇଁ ଲଢ଼େଇ ହୋଇଥିଲା। ବିଜେଡିର ବିଶ୍ୱାସ



ରହିଛି ଯେ ଓଡ଼ିଶା ରାଜ୍ୟର ଖଣିଜ ସମ୍ପତ୍ତି ହେଉଛି ଆମ ଜନସାଧାରଣଙ୍କର ସମ୍ପତ୍ତି। ଏହି ସମ୍ପତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ଓଡ଼ିଶାକୁ ପ୍ରାପ୍ତ ହୋଇଛି। ଏହି ସମ୍ପତ୍ତିର ଅର୍ଥ ଓଡ଼ିଶାର ଜନସାଧାରଣଙ୍କର ବିକାଶରେ ଲାଗିବା କଥା। ଏଥିରେ କେବଳ ଆଜିର ପିଢ଼ିର ହକ୍ ନାହିଁ। ଏହି ସମ୍ପତ୍ତି ଉପରେ ଆମର ଭବିଷ୍ୟତ ପିଢ଼ିର ବି ହକ୍ ରହିଛି। ୨୦୨୪ ରେ ଓଡ଼ିଶାରେ ସରକାର ପରିବର୍ତ୍ତନ ହେଲେ। ବିଜେପିର ରାଜ୍ୟ ସରକାର ମଧ୍ୟ ଓଡ଼ିଶାର ଆଇନକୁ ଲାଗୁ କରିବା ପାଇଁ ଅଦାଲତରେ ଲଢ଼େଇ ଜାରି ରଖିଲେ। ଶେଷରେ ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟଙ୍କର ୯ ଜଣିଆ ସାମ୍ବିଧାନିକ ବେଞ୍ଚଙ୍କର ରାୟ ରାଜ୍ୟ ସରକାରମାନଙ୍କ ସପକ୍ଷରେ ଆସିଲା। ଏହି ରାୟରେ ଖଣିଜ ସମ୍ପଦ ଓ ଖଣିଜ ଅଞ୍ଚଳରେ ଟ୍ୟାକ୍ସ ଲଗାଇବାର ଅଧିକାର ରାଜ୍ୟ

- ରାଜଧର୍ମକୁ ଭୁଲିଯାଇଛନ୍ତି ରାଜ୍ୟର ବିଜେପି ନେତା ଓ ଦଳର ୨୦ ସାଂସଦ
- ଅତୀତରେ ଖଣି ମାଲିକଙ୍କ ପରି ଏବେ ବିଜେପିର ସାଂସଦମାନେ ଯୁକ୍ତି ବାଢୁଛନ୍ତି
- ସଂଶୋଧିତ ଆଇନ ପ୍ରତ୍ୟାହାର ନହେଲା ପର୍ଯ୍ୟନ୍ତ ବିଜେଡି ଲଢ଼େଇ ଜାରି ରଖିବ

ସରକାରମାନଙ୍କର ରହିଛି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏହା ସହିତ ଖଣି କମ୍ପାନୀମାନଙ୍କୁ ପିଛିଲା ବକେୟା ଅର୍ଥ ମଧ୍ୟ ଦେବାକୁ ସୁପ୍ରିମକୋର୍ଟ ଆଦେଶ ଦେଲେ। ସୁପ୍ରିମକୋର୍ଟଙ୍କର ଏହି ରାୟ ଓଡ଼ିଶାରେ ବହୁତ ବଡ଼ ଏକ ସୁଯୋଗ ସୃଷ୍ଟି କଲା। ଆମ ରାଜ୍ୟ ବକେୟା ପଇସାରେ ହଜାର ହଜାର କୋଟି ଟଙ୍କା ସହିତ ପ୍ରତି ବର୍ଷ ସର୍ବନିମ୍ନ ୧୨,୦୦୦ କୋଟି ଟଙ୍କା ପାଇବାର ହକଦାର ହେଲା। ଓରିସେଡ୍ ଆଇନକୁ ଲାଗୁ କରିବା ପାଇଁ ଆଜିର ରାଜ୍ୟର ବିଜେପି ସରକାର ମଧ୍ୟ ଲଢ଼ି କରୁଥିଲେ। ମାତ୍ର ହଠାତ୍ ଅଗଷ୍ଟ ୨୦୨୬ ରେ ସଂସଦରେ ଏମଏମଡିଆର ସଂଶୋଧନ ବିଲ୍ ଆସିଲା।

ଏହି ବିଲ୍ ଆସିଲା ବେଳେ ଓଡ଼ିଶାରୁ ନିର୍ବାଚିତ ବିଜେପିର ୨୦ ଜଣ ସାଂସଦ ନୀରବ ରହିଲେ। ଯେଉଁ ଅଧିକାର ପାଇଁ ରାଜ୍ୟ ବିଜେପି ସରକାର ନିଜେ ସୁପ୍ରିମକୋର୍ଟରେ ଲଢୁଥିଲେ, ସେହି ଅଧିକାରକୁ ଛଡ଼େଇ ନେଉଥିବା ବିଲ୍ ପାର୍ଲିଆମେଣ୍ଟରେ ପାରିତ ହେବା ବେଳେ ଓଡ଼ିଶାର ବିଜେପି ସାଂସଦମାନେ ନିରବ ସମର୍ଥନ ଦେଲେ। ବର୍ତ୍ତମାନ ସେମାନଙ୍କ ଭିତରୁ କିଛି ସାଂସଦ ଏମଏମଡିଆର ସଂଶୋଧନ ଆଇନର ସପକ୍ଷରେ ଲେଖୁଛନ୍ତି ଓ ବାର୍ତ୍ତା ଦେଉଛନ୍ତି। ତାଙ୍କର ଯୁକ୍ତି ହେଉଛି ଓଡ଼ିଶାର ବିକାଶ ପାଇଁ ଡିଏମଏଫ ଓ ମାଇନିଂ ରୟାଲଟି ଯଥେଷ୍ଟ। ତେଣୁ ଓଡ଼ିଶାର ଟ୍ୟାକ୍ସ ଲଗାଇବାର ସାମ୍ବିଧାନିକ ଅଧିକାରକୁ ଛଡ଼େଇ ନେଲେ କିଛି ଅସୁବିଧା ନାହିଁ। ଯେଉଁ ଯୁକ୍ତି ଦିନେ ଖଣି କମ୍ପାନୀମାନେ ଅଦାଲତରେ ରଖୁଥିଲେ ଏବେ ସେହି ଯୁକ୍ତି ବିଜେପିର ସାଂସଦମାନେ ଦୋହରାଉଛନ୍ତି ବୋଲି ସୁଜାତା କ୍ଷୋଭପ୍ରକାଶ କରିଛନ୍ତି।

**ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ**

# ଘୁଞ୍ଚି ଘୁଞ୍ଚି ଯାଉଛି 'ପୌର' ପର୍ବ

ଭୁବନେଶ୍ୱର,୨୩।୯ (ସମିସ): ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପାଇଁ ରଜ୍ୟ ନଗର ଉନ୍ନୟନ ବିଭାଗ ପୁଣି ଥିରେ ସଂଶୋଧିତ ସମୟସୂଚୀ ଜାରି କରିଛି। ଗୋଟିଏ ମାସ ମଧ୍ୟରେ ବିଭାଗ ପକ୍ଷରୁ ଏହି ପ୍ରକ୍ରିୟା ପାଇଁ ତୃତୀୟ ଥର ପାଇଁ ସମୟସୂଚୀ ଜାରି କରାଯାଇଛି। ଏହାକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି। ସରକାର ପୌର ଓ ପଞ୍ଚାୟତ ନିର୍ବାଚନ କରିବା ପାଇଁ ଡରୁଛନ୍ତି ଓ ଏଥିପାଇଁ ବାରମ୍ବାର ବିଜ୍ଞପ୍ତି ପରିବର୍ତ୍ତନ କରୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଆଗାମୀ ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ସଂଶୋଧିତ ସମୟସୂଚୀ ଜାରି ହୋଇଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମ ସମେତ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ୯୯ଟି ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦ ପାଇଁ ଏହା ପ୍ରଯୁଜ୍ୟ ହେବ। ୪ ମହାନଗର ନିଗମ ସମ୍ପର୍କରେ ସମ୍ପୃକ୍ତ କମିଶନରମାନେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ତଥ୍ୟ ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ ସହ ସ୍କେଚ୍ ମ୍ୟାପ୍ ଆକାରରେ

- ସାନି ସମୟସୂଚୀ ଜାରି କଲା ବିଭାଗ
- ମାସକରେ ୩ଥର ବଦଳିଲାଣି ତାରିଖ
- ଅକ୍ଟୋବର ୨୨ରେ ଚିଠା ବିଜ୍ଞପ୍ତି

ଅକ୍ଟୋବର ୮ ସୁଦ୍ଧା ବିଭାଗରେ ଦାଖଲ କରିବେ। ସରକାରଙ୍କ ପକ୍ଷରୁ ଚିଠା ବିଜ୍ଞପ୍ତି ଅକ୍ଟୋବର ୨୨ରେ ପ୍ରକାଶ ପାଇବ। ଏ ସଂକ୍ରାନ୍ତରେ ଆପତ୍ତି ଅଭିଯୋଗ ପାଇଁ ଅକ୍ଟୋବର ୩୧ ତାରିଖ ଧାର୍ଯ୍ୟ ହୋଇଛି।

ଅନ୍ୟପକ୍ଷରେ ୯୯ଟି ପୌରପାଳିକା ଓ ଏନ୍ଏସି ପାଇଁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଅକ୍ଟୋବର ୧୨ରେ ଚିଠା ବିଜ୍ଞପ୍ତି ପ୍ରକାଶ କରି ଅକ୍ଟୋବର ୩୧ ସୁଦ୍ଧା ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରିବେ। ଅକ୍ଟୋବର ୨୮ରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନଭେମ୍ବର ୧୧ ମଧ୍ୟରେ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ କରାଯାଇପାରିବ। ଜିଲ୍ଲାପାଳମାନେ ଅପିଲ୍ ଆବେଦନ ଓ ନିଜର ମତାମତ ନଭେମ୍ବର ୧୨ ସୁଦ୍ଧା ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବେ। ଅପିଲ୍‌ର ଶୁଣାଣି ଓ ଚୂଡ଼ାନ୍ତ ନିଷ୍ପତ୍ତି ନଭେମ୍ବର ୧୮ରୁ ୨୫ ମଧ୍ୟରେ କରାଯିବ। ଆବଶ୍ୟକ ସଂଶୋଧନ ପରେ ଚୂଡ଼ାନ୍ତ ବିଜ୍ଞପ୍ତି ନଭେମ୍ବର ୩୦ରେ ପ୍ରକାଶ ପାଇବ। ପୌର ନିର୍ବାଚନ ପ୍ରସ୍ତୁତିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ମହାନଗର ନିଗମ କମିଶନର, ଜିଲ୍ଲାପାଳ ଓ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ସଂଶୋଧିତ ସମୟସୂଚୀକୁ କଡ଼ାକଡ଼ିରେ ପାଳନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମେ ସେପ୍ଟେମ୍ବର ୧୦ ତାରିଖରେ ପୌର ନିର୍ବାଚନ ସମ୍ପର୍କିତ କାର୍ଯ୍ୟସୂଚୀ ଜାରି କରାଯାଇ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୮ ଅକ୍ଟୋବରରେ ବିଭାଗ ପକ୍ଷରୁ ପୁଣି ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇବା ସହ ଏହି ତାରିଖକୁ ଘୁଞ୍ଚାଇ ଦିଆଯାଇ ୨୪ ଅକ୍ଟୋବରରେ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଦର୍ଶାଯାଇଥିଲା। ୨୩ ଅକ୍ଟୋବର ପୂର୍ବରୁ ଅର୍ଥାତ ୨୩ ଅକ୍ଟୋବରରେ ସରକାର ପୁଣି ଥରେ ଏହି ନିର୍ଦ୍ଦେଶନାମାକୁ ରଦ୍ଦ କରି ସାନି କାର୍ଯ୍ୟସୂଚୀ ଜାରି କରିଛନ୍ତି। ଏଥିରେ ୨୨ ଅକ୍ଟୋବରରେ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବା ସହ ନଭେମ୍ବର ୩୦ରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଦର୍ଶାଯାଇଛି।

# ନିତ୍ୟାନନ୍ଦ ବିଦା ହେବା ଯାଏ ଆନ୍ଦୋଳନ: ଭକ୍ତ

## ସରକାରଙ୍କ ନିଦ ହଜାଇଦେବ 'ପରିବର୍ତ୍ତନ ରାଲି'

ଭୁବନେଶ୍ୱର,୨୩।୯ (ସମିସ): ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦେବା ଦରକାର। ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଗଣଶିକ୍ଷା ବିଭାଗର ଅପରାଧିକ ଉଦାସୀନତା ଯୋଗୁଁ ବ୍ୟବସ୍ଥିତ ଭାବେ ବିପନ୍ନ କରାଯାଇଛି। ପଢ଼ା ବହିରେ ୧,୭୩୧ ଟି ତ୍ରୁଟି ପରେ ଏହାକୁ ବିତରଣ କରିବାକୁ ଅନୁମତି ଦିଆଗଲା। ମାସ ମାସ ଧରି ପ୍ରତିକୂଳ ପରିସ୍ଥିତିରେ ରାଜପଥରେ ଆନ୍ଦୋଳନ କରି ଅନ୍ଧକାର ମଧ୍ୟରେ କାଳାତିପାତ କରୁଥିବା ହଜାର ହଜାର ସ୍କୁଲ ଶିକ୍ଷକଙ୍କ ଚାଲିଥିବା ଅଭିଯୋଗର ସମାଧାନ କରିବାରେ ମନ୍ତ୍ରୀ ବିଫଳ। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅପାରଗତା ଓଡ଼ିଶାର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବୁଧବାର ଭକ୍ତ କହିଛନ୍ତି ଯେ ଯଦି ନୈତିକତା ଆଧାରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ତୁରନ୍ତ ନିଜର ଇସ୍ତଫା ପତ୍ର ଦାଖଲ ନକରନ୍ତି, ତେବେ ରାଜ୍ୟରେ ଶାସନ ଏବଂ ଉତ୍ତରଦାୟିତ୍ୱ ପୁନଃପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ବିନା ବିଳମ୍ବରେ ତାଙ୍କୁ କ୍ୟାବିନେଟ୍‌ରୁ ବାଦ୍ ଦେବା ଉଚିତ। କଂଗ୍ରେସ ଦଳ ଏହି ପ୍ରଶାସନିକ ପକ୍ଷାଘାତ ପ୍ରତି ନିରବ ଦ୍ରଷ୍ଟା ସାଜିବ ନାହିଁ। କଂଗ୍ରେସ ରାଜ୍ୟବ୍ୟାପୀ ଏକ ଆକ୍ରମଣାତ୍ମକ ତଥା ସାଲିସହୀନ ଆନ୍ଦୋଳନ ଆରମ୍ଭ କରିବ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନଦେବା କିମ୍ବା ମନ୍ତ୍ରିମଣ୍ଡଳରୁ ବହିଷ୍କୃତ ନହେବା ପର୍ଯ୍ୟନ୍ତ ଓଡ଼ିଶାର ପ୍ରତ୍ୟେକ ବ୍ଲକ ଏବଂ ଜିଲ୍ଲାରେ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବାରେ ଲାଗିବ। ସମଗ୍ର ଦେଶରେ ପରିବର୍ତ୍ତନର ହାୱା ବହିବା ଆରମ୍ଭ ହୋଇଥିବା ବେଳେ ନିର୍ଦ୍ଦିଷ୍ଟ ଭାବେ ଓଡ଼ିଶାରେ ଏମଏମଡିଆର ସଂଶୋଧନ ଅଧିନିୟମ ଓ ୟୁପିଆଇ ଟିକସ ନିଷ୍ପତ୍ତି ପ୍ରତ୍ୟାହାର ଏବଂ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସାରା ରାଜ୍ୟରେ ଚାଲିଥିବା ପରିବର୍ତ୍ତନ ରାଲି ଆଗକୁ ବିଜେପି ସରକାରର ନିଦ ହଜାଇଦେବ ବୋଲି ସେ ସତର୍କ କରାଇଦେଇଛନ୍ତି।

# ପୁରନ୍ଦେଶ୍ୱରୀ ରାଜ୍ୟ ବିଜେପି ପ୍ରଭାରୀ ନିଯୁକ୍ତ



ଭୁବନେଶ୍ୱର,୨୩।୯ (ସମିସ): ବୁଧବାର ବିଜେପି ପକ୍ଷରୁ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଏହାର ପ୍ରଭାରୀଙ୍କ ନାମ ଘୋଷଣା କରାଯାଇଛି। ଏହିକ୍ରମରେ

- ସ୍ୱଦେଶ ସିଂହ ହେବେ ରାଜ୍ୟର ସହ-ପ୍ରଭାରୀ
- ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମହାରାଷ୍ଟ୍ର ଦାୟିତ୍ୱ

ଡି. ପୁରନ୍ଦେଶ୍ୱରୀଙ୍କୁ ପୁଣିଥରେ ଓଡ଼ିଶାର ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ତ୍ତମାନ ପ୍ରଭାରୀ ଥିବା ବିଜୟ ପାଲ୍ ସିଂ ତୋମାରଙ୍କ ପୂର୍ବରୁ ଶ୍ରୀମତୀ ପୁରନ୍ଦେଶ୍ୱରୀ ରାଜ୍ୟ ବିଜେପିର ପ୍ରଭାରୀ ଦାୟିତ୍ୱ ତୁଲାଉଥିଲେ। ସେହିପରି ରାଜ୍ୟ ବିଜେପି ସହପ୍ରଭାରୀ ଭାବେ ଲତା ଉସେଣ୍ଡିଙ୍କ ସ୍ଥାନରେ ଡ. ସ୍ୱଦେଶ ସିଂହ ନୂଆ ଦାୟିତ୍ୱ ପାଇଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମହାରାଷ୍ଟ୍ରର ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି।

# ଏଚ୍‌ଏଲ୍‌ସିଏ ବୈଠକରେ ୨.୪୭ ଲକ୍ଷ କୋଟିର ୨୭ ପ୍ରକଳ୍ପ ମଞ୍ଜୁର

ଭୁବନେଶ୍ୱର,୨୩।୯ (ସମିସ): ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୬ତମ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ (ଏଚ୍‌ଏଲ୍‌ସିଏ) ବୈଠକରେ ୨୭ଟି ବୃହତ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ୧୫ଟି ଜିଲ୍ଲାରେ ସ୍ଥାପିତ ହେବାକୁ ଥିବା ଏହି ଶିଳ୍ପ ପ୍ରକଳ୍ପରେ ମୋଟ ୨,୪୭,୧୧୫.୭୦ କୋଟି ଟଙ୍କା ବ୍ୟୟ ହେବ। ଡାଟା ସେଣ୍ଟର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ଶକ୍ତି, ଇସ୍ପାତ, ସେମିକଣ୍ଡକ୍ଟର, ସବୁଜ ଶକ୍ତି ଏବଂ ଜାହାଜ ନିର୍ମାଣ ଭଳି ନୂତନ ତଥା ଆଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ଏହି ବିପୁଳ ପୁଞ୍ଜିନିବେଶ କରାଯିବ। ଏହାଦ୍ୱାରା ୫୦ ହଜାର ୧୬୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଲକ୍ଷ୍ୟ ରଖାଯାଇଛି।

ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ଆଇଟି, ଆଇଟିଇଏସ୍ ଏବଂ ଡାଟା ସେଣ୍ଟର କ୍ଷେତ୍ରରେ ସର୍ବାଧିକ ୧,୪୨,୯୪୧ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଖୋର୍ଦ୍ଧାରେ ହାଇ ଡେନ୍ସିଟି ଡାଟାସେଣ୍ଟର ଲିମିଟେଡ୍ ପକ୍ଷରୁ ୧,୦୪,୫୫୦ କୋଟି ଟଙ୍କା ବ୍ୟୟରେ ଏକ ଇଣ୍ଟିଗ୍ରେଟେଡ୍ ଡାଟାସେଣ୍ଟର ପ୍ରତିଷ୍ଠା କରାଯିବ। ସେହିପରି



- ୫୦ ହଜାର ନୂତନ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ

ଏଚସିଏଲ୍ ଟେକ୍ନୋଲୋଜି ୧୪,୨୫୭ କୋଟି ଟଙ୍କାରେ ଖୋର୍ଦ୍ଧାରେ ଏକ ଏଆଇ-ଅପ୍ଟିମାଇଜଡ୍ ଡାଟା ସେଣ୍ଟର ପ୍ରତିଷ୍ଠା କରିବ ଏବଂ ୩୮୫ ଜଣଙ୍କୁ ନିଯୁକ୍ତି ମିଳିବ। ଏହାବ୍ୟତୀତ ପୁରୀରେ ସେଣ୍ଟ୍ରାଫୋର୍ଜ ଏଆଇ ଲିମିଟେଡ୍ ପକ୍ଷରୁ ୨୨,୬୩୪ କୋଟି ଟଙ୍କା ଏବଂ କଟକରେ ଆରକେଡି କନଷ୍ଟ୍ରକ୍ସନ ପକ୍ଷରୁ ୧,୫୦୦ କୋଟି ଟଙ୍କା ନିବେଶରେ ଡାଟା ସେଣ୍ଟର ସ୍ଥାପନ କରାଯିବ। ସେହିପରି ଶକ୍ତି ଏବଂ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏନଏଲସି ଇଣ୍ଡିଆ ଲିମିଟେଡ୍ ଦେବଗଡ଼ରେ ୩୪,୭୬୩.୫୧ କୋଟି ଏବଂ ଅନୁଗୋଳରେ ୧୧,୬୦୪.୧୯ କୋଟି ବ୍ୟୟରେ ବୃହତ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବ। ଅନ୍ୟପକ୍ଷରେ, ଜଳବିଦ୍ୟୁତ୍ କ୍ଷେତ୍ରରେ ବେକେମ୍ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ରାୟଗଡ଼ାରେ ୪,୦୨୦ କୋଟି ଟଙ୍କା ଏବଂ ଶ୍ରୀ ଅବନ୍ତୀକା କଣ୍ଟ୍ରାକ୍ଟର କୋରାପୁଟରେ ୩,୯୦୦ କୋଟି ବ୍ୟୟରେ ପମ୍ପଡ ଷ୍ଟୋରେଜ୍ ପ୍ଲାଣ୍ଟ ସ୍ଥାପନ କରିବେ। ସେହିପରି ପାରମ୍ପରିକ ଇସ୍ପାତ ଶିଳ୍ପ କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲାରେ ରୁଙ୍ଗଟା ମାଇନ୍ସ ଏବଂ ଶାକମ୍ବରୀ ଇସ୍ପାତ ଆଣ୍ଡ ପାୱାର ମିଳିତ ଭାବେ ୧୪,୦୦୦ କୋଟି ନିବେଶ କରି ୧୭,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ। ଯାଜପୁରରେ ଟାଟା ଷ୍ଟିଲ୍ ୩,୩୨୯ କୋଟି ବ୍ୟୟରେ ଏକ ଆଇରନ୍ ଓର୍ ଗ୍ରାଇଣ୍ଡିଂ ୟୁନିଟ୍ ମଧ୍ୟ ପ୍ରତିଷ୍ଠା କରିବ। ଢୋଲାକିଆ ଏବଂ ଗ୍ରୀନଲ୍ୟାବ୍ ଭଳି ୫ଟି କମ୍ପାନୀ ଖୋର୍ଦ୍ଧା ଓ ଗଞ୍ଜାମରେ ହୀରା(ଜେମଷ୍ଟୋନ) ପ୍ରସ୍ତୁତି କ୍ଷେତ୍ରରେ ୧୦,୬୮୦ କୋଟି ଟଙ୍କା ନିବେଶ କରିବେ। ଖୋର୍ଦ୍ଧାରେ ଏସଆଇସିଏସଇଏମ ୨,୦୭୮ କୋଟି ଟଙ୍କା ବ୍ୟୟରେ ଏକ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ କରିବ। ଗଞ୍ଜାମ ଜିଲ୍ଲାରେ ଲାର୍ସନ୍ ଆଣ୍ଡ ଟୁବ୍ରୋ (ଏଲଆଣ୍ଡଟି) ସବୁଜ ଶକ୍ତି ଉପକରଣ, ଆଡଭାନ୍ସଡ୍ ଫ୍ୟାବ୍ରିକେସନ୍ ଏବଂ ଜାହାଜ ନିର୍ମାଣ ତଥା ମରାମତି ପାଇଁ ମୋଟ ୮,୧୦୦ କୋଟି ଟଙ୍କା ଖର୍ଚ୍ଚ କରିବ। କେନ୍ଦ୍ରାପଡ଼ାରେ ୩,୦୦୦ କୋଟି ବ୍ୟୟରେ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ପ୍ରକଳ୍ପ ହେବାକୁ ଥିବା ବେଳେ ଖୋର୍ଦ୍ଧାରେ ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ୨,୧୫୦ କୋଟି ଟଙ୍କା ବ୍ୟୟରେ ଏକ ୧୦୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସୁପର୍ ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ହେବ। ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍, ତାଳଚେର ଗ୍ୟାସିଫାୟାର୍, ଲିଓମ୍ୟାକ୍ସ ଟେକ୍ସଟାଇଲ୍ ଏବଂ ଚିରିପାଲ୍ ପଲି ଫିଲ୍ମସ୍ ଭଳି ସଂସ୍ଥାମାନେ କେମିକାଲ୍ ଓ ଟେକ୍ସଟାଇଲ୍ କ୍ଷେତ୍ରରେ ନିବେଶ କରିବେ।

## ଓଲଟ ପାଲଟ



ବିଶ୍ୱ ଗୁରୁ ବାଣୀ ସୁନା କିଣ ନାହିଁ
ବିଦେଶ ଜମା ଯାଆନା,
ତାଙ୍କରି ମନ୍ତିରୀ ବିଦେଶ ଉଡ଼ିଲେ
ବେକରେ ପକାଇ ସୁନା।
ତେଲ ଅଳ୍ପ ଖାଅ ସୁସ୍ଥ ରହିବ
ବଢ଼ିବ ଦେଶର ଶକ୍ତି,
ଜନମ ଦିନଟା ତେଲରେ ଭାସିଲା
ଦୀପ ଜାଳି କଲେ ଭକ୍ତି।
ପେଟ୍ରୋଲ ଟାଙ୍କିରେ ଇଥାନଲ ଦେଇ
ଦଦରା କରିଲେ ଗାଡ଼ି,
କବାଡ଼ିଆ ଏଣେ ଚାହିଁ ବସିଛନ୍ତି
ନେବାକୁ ଲୁହା ଲକଡ଼ି।
ଗାଡ଼ି ବାଲା ଛାଡ଼େ ରଡ଼ି॥
-ଯାଯାବର

**ସୁପ୍ରିମକୋର୍ଟରେ ଡିଜିପି ଶୁଣାଣି**

# ଆଜି ପକ୍ଷ ରଖିବେ ରାଜ୍ୟ ସରକାର

ଭୁବନେଶ୍ୱର, ୨୩।୯ (ସମିସ): ଓଡ଼ିଶାର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନକୁ ନେଇ ଦାଏର ମାମଲାର ଶୁଣାଣି ବୁଧବାର ସୁପ୍ରିମକୋର୍ଟରେ ଅସମାପ୍ତ ରହିଛି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ପ୍ରାୟ ଦେଢ଼ ଘଣ୍ଟା ଧରି ବିଭିନ୍ନ ପକ୍ଷର ଯୁକ୍ତି ଶୁଣିଛନ୍ତି। ବୁଧବାର ଆବେଦନକାରୀଙ୍କ ଓକିଲ ପି. ଚିଦାମ୍ବରମ୍, ପ୍ରଶାନ୍ତ ଭୂଷଣ ଓ କରୁଣା ନନ୍ଦୀ ଯୁକ୍ତି ରଖିଥିବାବେଳେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ମଧ୍ୟ ନିଜ ରିପୋର୍ଟ ଉପସ୍ଥାପନ କରିଥିଲେ। ଆସନ୍ତାକାଲି ମାମଲାର ପରବର୍ତ୍ତୀ ଶୁଣାଣି ହେବ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ଓ ଓଡ଼ିଶା ଆଡ଼ଭୋକେଟ୍ ଜେନେରାଲ ନିଜ ପକ୍ଷ ରଖିବେ।

ବୁଧବାର ଶୁଣାଣି ବେଳେ ସୁପ୍ରିମକୋର୍ଟ ସୁଶାନ୍ତ କୁମାର ନାଥଙ୍କ ନାମ ପ୍ରଥମେ ୟୁପିଏସ୍‌ସିକୁ ପଠାଇବା ସମୟରେ ତାଙ୍କୁ ପଚରାଉଚରା କରିବାକୁ ସିବିଆଇ କରିଥିବା ଅନୁରୋଧ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ରାଜ୍ୟ ସରକାରଙ୍କଠାରୁ ଲୋଡ଼ିଛନ୍ତି। ପୁନଶ୍ଚ ପରବର୍ତ୍ତୀ ସମୟରେ ସବ୍-ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ମାମଲାରେ ସିବିଆଇ ତଦନ୍ତ ଚାଲିଥିବାରୁ ନାଥଙ୍କୁ ଡିଜିପି ପଦ ଦୌଡ଼ରୁ ବାଦ୍ ଦେବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରିବାକୁ ଅଦାଲତ କହିଛନ୍ତି। ଯଦି ଏଫ୍ଆଇଆର୍‌ରେ କୌଣସି ଅଧିକାରୀଙ୍କ ଭୂମିକା ଉଲ୍ଲେଖ ଥାଏ, ତେବେ ତାହା ଚୟନ କମିସନଙ୍କ ସମ୍ମୁଖରେ ରଖିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ନୁହେଁ କି ବୋଲି ଜଷ୍ଟିସ୍ ବାଗଚୀ ପ୍ରଶ୍ନ କରିଛନ୍ତି।

ଆବେଦନକାରୀ ଜୟନ୍ତ ଦାସଙ୍କ ପକ୍ଷରୁ ପି. ଚିଦାମ୍ବରମ୍ "ପ୍ରକାଶ ସିଂ ମାମଲା'ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ପ୍ରସ୍ତୁତ ମାର୍ଗଦର୍ଶିକା ଅନୁସାରେ ଲେଭଲ-୧୬ରେ ଯୋଗ୍ୟ ଅଧିକାରୀ ଉପଲବ୍ଧ ଥିଲେ ଲେଭଲ-୧୫ର ଏଡିଜିଙ୍କୁ ତାଲିକାରେ ସାମିଲ କରିବାର ପ୍ରଶ୍ନ ଉଠେ ନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି। ଶ୍ରୀ ଚିଦାମ୍ବରମ କହିଛନ୍ତି ଯେ ପ୍ରଥମେ ରାଜ୍ୟ ସରକାର ତିନିଜଣ ଡିଜି ପାହ୍ୟାର ଅଧିକାରୀଙ୍କ ନାମ ୟୁପିଏସସିକୁ ପଠାଇଥିଲେ। ପରେ ତାଲିକା ପରିବର୍ତ୍ତନ କରି ଆଉ ୮ ଜଣ ଏଡିଜି ପାହ୍ୟାର ଅଧିକାରୀଙ୍କ ନାମ ଯୋଡ଼ିଥିଲେ। ଏହି ପରସ୍ପର ବିରୋଧୀ ପଦକ୍ଷେପ ଓ ଅସ୍ଥାୟୀ ଏକ୍ସ-କ୍ୟାଡର୍ ଡିଜି ପଦବୀ ସୃଷ୍ଟି ପ୍ରସଙ୍ଗରେ ମଧ୍ୟ ଚିଦାମ୍ବରମ୍ ପ୍ରଶ୍ନ ଉଠାଇଛନ୍ତି। ଫେବ୍ରୁଆରୀ ୯ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅତିରିକ୍ତ ଏକ୍ସ-କ୍ୟାଡର୍ ଡିଜି ପଦବୀ ସୃଷ୍ଟି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। ପରବର୍ତ୍ତୀ ସମୟରେ ଅଗଷ୍ଟରେ ଅସ୍ଥାୟୀ ପଦ ସୃଷ୍ଟି ଓ ଏଡିଜି ପାହ୍ୟାର ଦୁଇଜଣ ଅଧିକାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯିବାର ପଦକ୍ଷେପକୁ ନେଇ ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଡିଜିପି ଚୟନ ପ୍ରକ୍ରିୟାରେ ରାଜନୈତିକ ହସ୍ତକ୍ଷେପ ନ ହେବା ନେଇ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶର ଅବତାରଣା କରି ସୁଶାନ୍ତ କୁମାର ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର ପ୍ରସଙ୍ଗରେ ସେ କେନ୍ଦ୍ର ସରକାରଙ୍କ ଅଫିସ୍ ମେମୋରେଣ୍ଡମ୍ ଓ ଜାନକୀରମଣ ମାମଲାର ରାୟକୁ ଉଲ୍ଲେଖ କରିଛନ୍ତି। ନିଲମ୍ବନ, ଚାର୍ଜସିଟ୍ କିମ୍ବା ବିଚାରାଧୀନ ଫୌଜଦାରୀ ମାମଲା ନ ଥିବା ପରିସ୍ଥିତିରେ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ରୋକିବାର ଆଇନଗତ ଆଧାର ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ସୁଶାନ୍ତ କୁମାର ନାଥଙ୍କ ପକ୍ଷରୁ କରୁଣା ନନ୍ଦୀ ତାଙ୍କ ମହକିଲଙ୍କର ଉଲ୍ଲେଖନୀୟ ସେବା ରେକର୍ଡ ଥିବା ଉଲ୍ଲେଖ କରିଛନ୍ତି। ସିବିଆଇର ଚିଠିକୁ ଆଧାର କରି ୟୁପିଏସସି ବୈଠକର ଠିକ୍ ପୂର୍ବରୁ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯିବା ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ତାଙ୍କ ୧୩ ପୃଷ୍ଠାର ରିପୋର୍ଟରେ ଅଗଷ୍ଟ ୧୦ରେ ରାଜ୍ୟ ସରକାର ପଠାଇଥିବା ସଂଶୋଧିତ ଯୋଗ୍ୟତା ତାଲିକାକୁ ବିଚାରକୁ ନ ନେଇ ମେ' ୧୪ର ମୂଳ ତାଲିକାକୁ ଆଧାର କରିବା ପାଇଁ ମତ ଦେଇଥିବା ଜଣାପଡ଼ିଛି। ଏକ୍ସ-କ୍ୟାଡର୍ ଡିଜି ପଦବୀ ସୃଷ୍ଟିର ଆଧାରକୁ ନେଇ ମଧ୍ୟ ସେ ରିପୋର୍ଟରେ ପ୍ରଶ୍ନ ଉଠାଇଛନ୍ତି। ଏହି ସମୟରେ ରାଜ୍ୟ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ଏକ ମନ୍ତବ୍ୟକୁ ନେଇ ଆମିକସ୍ କ୍ୟୁରି ଆପତ୍ତି ଉଠାଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଏହାପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ରମିକ ସଂଖ୍ୟା | ପୋଷ୍ଟର ନାମ | ଖାଲି ପଦବୀ | 31.08.2026 ସର୍ବାଧିକ ବୟସ (ବର୍ଷରେ) |
|---|---|---|---|
| | **ବିଜ୍ଞାପନ ସଂ. CRPD/SCO/2026-27/20 (ଚୁକ୍ତିଭିତ୍ତିକ ପଦବୀ)** | | |
| 1 | ଡିନ୍, ଏସବିଆଇଏଲ୍ କୋଲକାତା | 01 | 55 |
| 2 | ପ୍ରଶିକ୍ଷକ, ଏସବିଆଇଏଲ୍ କୋଲକାତା | 01 | 55 |
| 3 | ମାର୍କେଟିଂ କାର୍ଯ୍ୟନିର୍ବାହୀ, ଏସବିଆଇଏଲ୍ କୋଲକାତା | 01 | 40 |
| | **ବିଜ୍ଞାପନ ସଂ. CRPD/SCO/2026-27/22 (ଚୁକ୍ତିଭିତ୍ତିକ ପଦବୀ)** | | |
| 1 | ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଆଇଟି ରିସ୍କ) | 02 | 45 |
| 2 | ସହାୟକ ଭାଇସ୍ ପ୍ରେସିଡେଣ୍ଟ (ଆଇଟି ରିସ୍କ) | 02 | 42 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ https://sbi.bank.in/web/careers/current-openings ଲିଙ୍କ୍ ସହିତ ଲଗ ଇନ କରନ୍ତୁ। ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.09.2026 ରୁ 06.10.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 16.09.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

### କାହା କଥା ଶୁଣିଲେନି ଗାଁ ଲୋକେ

# ତାଲା ଭାଙ୍ଗି ମୁଣ୍ଡପଲା ଅଙ୍ଗନବାଡ଼ି କେନ୍ଦ୍ର ଖୋଲିଲା ପ୍ରଶାସନ





**ବଲାଙ୍ଗିର/ଦେଓଗାଁ, ୨୩।୯ (ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମୁଣ୍ଡପଲା ଗ୍ରାମରେ ଅଙ୍ଗନବାଡ଼ି ସହାୟିକା ନିଯୁକ୍ତିକୁ ନେଇ ଦେଖାଦେଇଥିବା ଅସନ୍ତୋଷରେ ବୁଧବାର ପ୍ରଶାସନ ହସ୍ତକ୍ଷେପ କରିଛି। ଜିଲ୍ଲା ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଆଜି ଉକ୍ତ କେନ୍ଦ୍ରର ତାଲା ଖୋଲାଯାଇ ସେବା ସ୍ୱାଭାବିକ କରାଯାଇଛି। ନିକଟରେ ହୋଇଥିବା ଅଙ୍ଗନବାଡ଼ି ସହାୟିକା ନିଯୁକ୍ତିକୁ ବିରୋଧ କରି ଗତ ୨୧ରେ ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ରରେ ଗ୍ରାମବାସୀ ତାଲା ପକାଇଥିଲେ; ଫଳରେ ସରକାରୀ ସେବା ପ୍ରଭାବିତ ହୋଇଥିଲା। ସମସ୍ୟାର ସମାଧାନ ପାଇଁ ୨୨ରେ ଦେଓଗାଁ ବିଡିଓ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଏବଂ ପୁଲିସ ଅଧିକାରୀ ମୁଣ୍ଡପଲା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ତେବେ ଗ୍ରାମବାସୀ କେନ୍ଦ୍ରର ତାଲା ଖୋଲିବାକୁ ରାଜି ହୋଇ ନ ଥିଲେ। ଏନେଇ ସିଡିପିଓ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଦେଓଗାଁ ବିଡିଓ, ତହସିଲଦାର, ବଲାଙ୍ଗୀର ଏସ୍‌ଡିପିଓ, ତୁଷୁରା ଥାନା ପ୍ରଭାରୀ, ଏବିଡିଓ, ସିଡିପିଓ, ମୁଣ୍ଡପଲା ସରପଞ୍ଚଙ୍କ ସମେତ ପୁଲିସ ବଳ ଗ୍ରାମରେ ପହଞ୍ଚିଥିଲେ। ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ଉପସ୍ଥିତିରେ କେନ୍ଦ୍ରର ତାଲା ଖୋଲିବା ପାଇଁ ଅନୁରୋଧ କରିଥିଲେ। ତେବେ ଗ୍ରାମବାସୀ ଏଥିରେ ସହଯୋଗ କରି ନ ଥିଲେ। ପରିଶେଷରେ ସରପଞ୍ଚ ଓ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ନିୟମାନୁଯାୟୀ କେନ୍ଦ୍ରର ତାଲା ଭଙ୍ଗାଯାଇଥିଲା। ପରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଅଙ୍ଗନବାଡ଼ି କର୍ମୀଙ୍କ ଦାୟିତ୍ୱରେ ହସ୍ତାନ୍ତର କରାଯାଇ ସେବା ପୁନଃ ସ୍ୱାଭାବିକ କରାଯାଇଛି। ଶିଶୁ ଓ ମାତୃ ମଙ୍ଗଳ ପାଇଁ ନିର୍ଦ୍ଦିଷ୍ଟ ସରକାରୀ ସେବାରେ ବାଧାସୃଷ୍ଟି ନ କରିବାକୁ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଛି।

## କାଗଜକଲମରେ ସୀମିତ 'ଅପରେସନ ଦମନ'

**କଣ୍ଟାବାଞ୍ଜି, ୨୩।୯ (ସମିସ):** ରାଜ୍ୟରେ ବଢ଼ୁଥିବା ଅପରାଧ, ନିଶା କାରବାର ଓ ସଂଗଠିତ ଅପରାଧକୁ ରୋକିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ସେପ୍ଟେମ୍ବର ୨୧ରୁ ୩୦ ପର୍ଯ୍ୟନ୍ତ ୧୦ ଦିନିଆ ସ୍ୱତନ୍ତ୍ର ଅପରେସନ 'ଅପରେସନ ଦମନ' ଆରମ୍ଭ ହୋଇଛି। ଡିଜିପିଙ୍କ ନିର୍ଦ୍ଦେଶରେ ସମସ୍ତ ଜିଲ୍ଲାରେ ଫେରାର ଅପରାଧୀ, ବ୍ରାଉନସୁଗାର, ଗଞ୍ଜେଇ, ବେଆଇନ ଅସ୍ତ୍ର, ଜୁଆ, ଅବୈଧ ମଦ ବିରୋଧରେ ଚଢ଼ଉ ଜୋରଦାର ହୋଇଛି; ହେଲେ ଏହି ଅପରେସନ ଭିତରେ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଅଞ୍ଚଳର ବାସ୍ତବ ଚିତ୍ର ଅଲଗା। କଣ୍ଟାବାଞ୍ଜି ସହର ଓ ଆଖପାଖ ଅଞ୍ଚଳରେ ଦୀର୍ଘ ଦିନ ହେଲା ଖୁଲମଖୁଲା ନିଶାଦ୍ରବ୍ୟର କଥିତ ବେଆଇନ କାରବାର ଚାଲିଛି। ରାତି ଅଧରେ ଅବୈଧ ମଦ ବିକ୍ରି ହେଉଛି। ଯୁବପିଢ଼ିଙ୍କୁ ଟାର୍ଗେଟ କରି ବେଧଡକ ଏକ ଗୋଷ୍ଠୀ ଗଞ୍ଜେଇ କାରବାର ଚଳାଇଛନ୍ତି। ଛୋଟ ବ୍ୟବସାୟୀ ଓ ଷ୍ଟେସନ ଅଞ୍ଚଳରେ ଦାଦାବଟି ଆଦାୟ ଭଳି ଅଭିଯୋଗ ବାରମ୍ବାର ଉଠୁଛି। ପୁଲିସ ଜାଣି ଅଜଣା। ଏଭଳି ପରିସ୍ଥିତିରେ ଅପରେସନ ଦମନ ଏଠି କେବଳ କାଗଜପତ୍ରରେ ସୀମିତ ରହିଛି। ପୁଲିସ ନିରୀହ ଲୋକଙ୍କୁ ଧରେ; କିନ୍ତୁ ବଡ ମାଫିଆମାନେ ଖସି ଯାଆନ୍ତି। ଅପରେସନ ଦମନ କଣ୍ଟାବାଞ୍ଜି ଥାନା ଅଞ୍ଚଳରେ କେବଳ ନାଁକୁ ମାତ୍ର ହେବ ନା ପ୍ରକୃତରେ ନିଶା କାରବାର ଓ ଦାଦାବଟି ରାଜ୍ ଉପରେ ଲଗାମ ଲାଗିବ ତାହା ଉପରେ ଏଠିକାର ଲୋକଙ୍କ ନଜର ରହିଛି। ତେବେ ଏନେଇ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କୁ ପଚାରିବାରୁ ଉପରୁ ଯେଉଁ ଅନୁସାରେ ନିର୍ଦ୍ଦେଶ ଆସିଛି ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## କଣ୍ଟାବାଞ୍ଜିର ବରିଷ୍ଠ ଆଇନଜୀବୀ ଏସ୍ ଜଗନ୍ନାଥ ରାଓଙ୍କ ପରଲୋକ

**କଣ୍ଟାବାଞ୍ଜି, ୨୩।୯ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଜଣାଶୁଣା ବରିଷ୍ଠ ଆଇନଜୀବୀ ଏସ୍ ଜଗନ୍ନାଥ ରାଓଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ତାଙ୍କର ଏହି ଅକାଳ ବିୟୋଗରେ ସମଗ୍ର କଣ୍ଟାବାଞ୍ଜି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ଦିନ ଧରି ହୃଦ୍‌ରୋଗରେ ପୀଡିତ ଥିଲେ। ତାଙ୍କ ଅସ୍ତ୍ରୋପଚାର ମଧ୍ୟ ହୋଇଥିଲା। ସେ ନିୟମିତ ଭାବେ ବିଶାଖାପାଟଣାସ୍ଥିତ ୱାଲଟିଅରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତକାଲି ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଆଜି ସେ ଟିଟିଲାଗଡ଼ ଦେଇ ଟ୍ରେନ ଯୋଗେ ୱାଲଟିଅର ଯିବାର ଯୋଜନା କରିଥିଲେ; କିନ୍ତୁ ଟ୍ରେନ ଫେଲ୍ ହେବାରୁ ସେ ଘରକୁ ଫେରି ଆସିଥିଲେ। ପରେ କାର୍ ଯୋଗେ ରାୟପୁର ଅଭିମୁଖେ ଯାଉଥିବା ବେଳେ ରାସ୍ତାରେ ହିଁ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। କିଛି ବର୍ଷ ପୂର୍ବେ ସେ କଣ୍ଟାବାଞ୍ଜି ଓକିଲ ସଂଘର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ସେହିପରି ସେ ବିଜୁ ଜନତା ଦଳର ନଗର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଏହା ସହ ସେ ତେଲୁଗୁ ସମାଜର ଜଣେ ଆଗ ଧାଡିର ସଦସ୍ୟ ଥିଲେ।



## ଆଚାର ଡବାରେ ଗଞ୍ଜେଇ ଚାଲାଣ

**ବଲାଙ୍ଗିର, ୨୩।୯ (ସମିସ):** ବଲାଙ୍ଗିର ଟାଉନ ଥାନା ପୁଲିସ ଅଭିନବ ଉପାୟରେ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଥିବା ଏକ ରାକେଟର ପର୍ଦ୍ଦାଫାଶ କରିଛି। ସହରର ଉଦୟନଗରସ୍ଥିତ ଏକ ଭଡ଼ା ଘରେ ଚଢ଼ଉ କରି ପୁଲିସ ପ୍ରାୟ ୪୦ କେଜି ଗଞ୍ଜେଇ ଜବତ କରିଛି। ଆଚାର ରଖିବା ପାଇଁ ବ୍ୟବହୃତ କଣ୍ଟେନରରେ ଗଞ୍ଜେଇ ଭର୍ତ୍ତି କରି ଟ୍ରେନ ଯୋଗେ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ଏହି ଘଟଣାରେ ୨ ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

## ନୂଆଁଖାଇ ଭେଟଘାଟ ପାଇଁ ବିଜେଡିର ପ୍ରସ୍ତୁତି

ତୁଷୁରା, ୨୩।୯ (ସମିସ): ତୁଷୁରାରେ ବିଜେଡି ପକ୍ଷରୁ ଅକ୍ଟୋବର ୪ ତାରିଖରେ ନୂଆଁଖାଇ ଭେଟଘାଟ ଆୟୋଜନ କରାଯିବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଏସି ଚେୟାରମ୍ୟାନ ଅଜୟ ଜୟଶ୍ୱାଲ, ବ୍ଲକ ବିଜେଡ଼ି ସଭାପତି ପୃଥବିରାଜ ନନ୍ଦ, ବଲାଙ୍ଗୀର ଜିଲ୍ଲା ବିଜେଡ଼ି ସମ୍ପାଦକ ନିରୋଦ ନାଗ, ୬ ନମ୍ବର ଜୋନ ଜିଲ୍ଲାପରିଷଦ ରାମ ନିବାସ ଅଗ୍ରୱାଲ, ହରି ମାଝୀ, ସତ୍ୟ କର୍ଣ୍ଣ, ଅଭିଷେକ ସାହୁ, ଶରତ ସାହୁ, ପ୍ରଦ୍ୟୁମ୍ନ ବାଗ, ବ୍ଲକ ବିଜେଡ଼ି ମହିଳା ସଭାପତି ସଞ୍ଜୁ ମାଝୀ, ସମରା ସମିତି ସଭ୍ୟ ପୁଷ୍ପାଞ୍ଜଳି କୁମ୍ଭାର, ରାଜେଶ ସରାଫ, ନନ୍ଦଲାଲ ଜୟଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ମହାବିଦ୍ୟାଳୟରେ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା

**ବଲାଙ୍ଗିର, ୨୩।୯ (ସମିସ):** ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ, ବୃତ୍ତି ପରାମର୍ଶ, ଯୁବନିଯୁକ୍ତି ଓ ନିୟୋଜନ ପ୍ରକୋଷ୍ଠ ପକ୍ଷରୁ ବିଶ୍ୱବିଦ୍ୟାଳୟ ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍ ପାଣ୍ଠି ଅନୁଦାନରେ ଅନୁଷ୍ଠାନିକ ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟରପ୍ରେକ୍ଷାଳୟ-୦୨ରେ ସକାଳ ୧୧ଟାରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ତଥା ବାହ୍ୟ ବିଚାରକ ଭାବେ ନାଇସେଟ୍, ବଲାଙ୍ଗିରର ନିର୍ଦ୍ଦେଶକ ଏମ. ଆର. ଖାନ୍, ବିଶିଷ୍ଟ ଅତିଥି ଭାବେ ଶ୍ରୀଭଞ୍ଜନ ବେହେରା ଉପସ୍ଥିତ ଥିଲେ। ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ଡ. କୌତୁକ ପନ୍ଦର। ଆଭ୍ୟନ୍ତରୀଣ ବିଚାରକ ଭାବେ ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଶ୍ରୀକାନ୍ତ କୁମାର ବାରିକ ଓ ସଂଯୋଜକ ଭାବେ କୁଶ କହଁର ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ନିଜ ନିଜ ଷ୍ଟାର୍ଟ-ଅପ୍ ଆଇଡିଆ ଉପସ୍ଥାପନ କରିଥିଲେ। ସୁଦୀପ୍ତ ନନ୍ଦ, ସୂର୍ଯ୍ୟଭାନୁ ଭୋଇ ଓ ରୋସନୀ ଷଡ଼ଙ୍ଗୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ଶେଷରେ ଡ. ଶ୍ରୀକାନ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଖପ୍ରାଖୋଲ ଓ ବେଲପଡ଼ା ବ୍ଲକରେ ବର୍ଣ୍ଣବୋଧ ଅଭିଯାନ

**ଖପ୍ରାଖୋଲ/ବେଲପଡ଼ା, ୨୩।୯ (ସମିସ):** ଖପ୍ରାଖୋଲ ଏବଂ ବେଲପଡ଼ା ବ୍ଲକର ଶିକ୍ଷା ବିଭାଗ ପକ୍ଷରୁ ବର୍ଣ୍ଣବୋଧ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଦୁଇ ବ୍ଲକର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ କଡ଼ାକଡ଼ି ଭାବରେ ଲାଗୁ କରିବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରଥମରୁ ସପ୍ତମ ଶ୍ରେଣୀର ପ୍ରତ୍ୟେକ ବାଳକବାଳିକାଙ୍କ ପଠନ ଓ ଗଣିତର ଦକ୍ଷତା ପରଖିବା ପାଇଁ ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ଏକ ଆକଳନ କରାଯିବ। ଓଡ଼ିଆ ଓ ଇଂରାଜୀ ପଢ଼ିବା, ଲେଖିବା କିମ୍ବା ମୌଳିକ ଗଣିତରେ ପଛୁଆ ଥିବା ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯିବ। ଚିହ୍ନଟ ହୋଇଥିବା ପିଲାମାନେ ନିଜ ନିଜ ପୁରୁଣା ଶ୍ରେଣୀରେ ନ ବସି ସେମାନଙ୍କର ପ୍ରକୃତ ଶିକ୍ଷଣ ଆବଶ୍ୟକତା ଓ ଦକ୍ଷତା ଭିତିରେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀଗୃହରେ ଏକାଠି ବସିବେ। ଏହି ସ୍ୱତନ୍ତ୍ର ପର୍ଯ୍ୟାୟ ଶେଷ ହେବା ପରେ ସେମାନେ ପୁଣି ନିଜ ମୂଳ ଶ୍ରେଣୀକୁ ଫେରିବେ। ପ୍ରତି କାର୍ଯ୍ୟ ଦିବସରେ ମୌଳିକ ସାକ୍ଷରତା ପାଇଁ ଗୋଟିଏ ଏବଂ ମୌଳିକ ସଂଖ୍ୟାଜ୍ଞାନ ପାଇଁ ଗୋଟିଏ, ମୋଟ ଦୁଇଟି ସ୍ୱତନ୍ତ୍ର କାଳାଂଶକୁ ଏହି କାର୍ଯ୍ୟକ୍ରମ ନିମନ୍ତେ ଉତ୍ସର୍ଗ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀମାନେ ଭାଷା ଓ ଗଣିତ ଶିକ୍ଷାଦାନ ପାଇଁ ସର୍ବୋତ୍ତମ ଓ ଦକ୍ଷ ଶିକ୍ଷକମାନଙ୍କୁ ଦାୟିତ୍ୱ ଅର୍ପଣ କରିବେ। ଏହାକୁ ସଫଳତାର ସହ ରୂପାୟନ କରିବା ପାଇଁ ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷକ ଏବଂ ସିଆର୍‌ସିସିମାନେ ଆନ୍ତରିକତାର ସହ ଆଗେଇ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏମ୍‌ଡିଆର ପ୍ରତ୍ୟାହାର ଦାବିରେ ସ୍ମାରକପତ୍ର

**ବଲାଙ୍ଗିର, ୨୩।୯ (ସମିସ):** ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ ବଲାଙ୍ଗିର ଶାଖା ତରଫରୁ ୨ହଜାରରୁ ଅଧିକ ୟୁପିଆଇ ନେଣଦେଣ ୦.୪% ଏମ୍‌ଡିଆର କେନ୍ଦ୍ର ସରକାର ଲାଗୁ କରିବାକୁ ବିରୋଧ କରାଯାଇଛି। ଏହାର ପ୍ରତ୍ୟାହାର ଦାବିରେ ବଲାଙ୍ଗିର ଶାଖା ସଭାପତି ପ୍ରକାଶ ନେପାକ, ଉପସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ରାଜୀବ ଗୋୟଲ, କୋଷାଧ୍ୟକ୍ଷ ନରସିଂହ ଅଗ୍ରୱାଲ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ରିଙ୍କୁ ପାତ୍ର ଏବଂ ରବି ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଡିଏମ୍ ବିଜୟାନନ୍ଦ ସେଠି ସ୍ମାରକପତ୍ର ଗ୍ରହଣ କରିଥିଲେ। ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ ସୂଚନା ଦେଇଛି ଯେ ୟୁପିଆଇ ଦେଶର ଡଜିଟାଲ ପେମେଣ୍ଟ ବ୍ୟବସ୍ଥାର ଏକ ମୁଖ୍ୟ ଆଧାର ହୋଇପାରିଛି। ଛୋଟ ବ୍ୟବସାୟୀ, ଖୁଚୁରା ବ୍ୟବସାୟୀ, ହୋଟେଲ, ରେଷ୍ଟୁରା, ଔଷଧ ଦୋକାନ, ହାର୍ଡୱେର ବ୍ୟବସାୟୀ, ସେବା ପ୍ରଦାନକାରୀ ଓ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନେ ୟୁପିଆଇ ଉପରେ ବହୁ ମାତ୍ରାରେ ନିର୍ଭରଶୀଳ। ଅତିରିକ୍ତ ଏମ୍‌ଡିଆର ଲାଗୁ ହେଲେ କମ୍ ଲାଭରେ ବ୍ୟବସାୟ କରୁଥିବା ଛୋଟ ବ୍ୟବସାୟୀ ଓ ଏମ୍‌ଏସ୍‌ଆଇମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପଡ଼ିବ। ଏହା ଡିଜିଟାଲ ପେମେଣ୍ଟକୁ ମଧ୍ୟ ନିରୁତ୍ସାହିତ କରିପାରେ। ୨ହଜାରରୁ ଅଧିକ ଟ୍ରାଞ୍ଜାକ୍ସନ ହେଲେ ତାହାକୁ କେବଳ ବଡ ବ୍ୟବସାୟିକ କାରବାର ଭାବେ ଦେଖାଯାଇ ପାରିବ ନାହିଁ। ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ, ଔଷଧ, ହୋଟେଲ, ରେଷ୍ଟୁରା, ଇଲେକ୍ଟ୍ରିକାଲ ସାମଗ୍ରୀ ଓ ଅନ୍ୟାନ୍ୟ ସାଧାରଣ କ୍ରୟରେ ମଧ୍ୟ ୨ହଜାରରୁ ଅଧିକ ୟୁପିଆଇ ପେମେଣ୍ଟ ହୋଇଥାଏ। ଏଣୁ ପ୍ରସ୍ତାବିତ ୦.୦୪% ଏମ୍‌ଡିଆର ପ୍ରତ୍ୟାହାର କରିବା, ଛୋଟ ବ୍ୟବସାୟୀ ଓ ଏମ୍‌ଏସ୍‌ଏମ୍‌ଇ ପାଇଁ ୟୁପିଆଇ ନେଣଦେଣକୁ ଶୂନ୍ୟ ଏମ୍‌ଡିଆର ବ୍ୟବସ୍ଥାରେ ରଖିବା ଏବଂ ନୂତନ ଚାର୍ଜ ଲାଗୁ ପୂର୍ବରୁ ବ୍ୟବସାୟୀ ସଂଗଠନ ସହ ପରାମର୍ଶ କରିବାକୁ ଦାବି କରାଯାଇଛି।



## ଅଜଣା ବୃଦ୍ଧ ଭିକ୍ଷୁକଙ୍କ ଶେଷକୃତ୍ୟ

**ବଲାଙ୍ଗିର, ୨୩।୯ (ସମିସ):** ଜୀବନ ଥିବା ଯାଏଁ ତାଙ୍କର କେହି ନ ଥିଲେ। ଦୁଆର ଦୁଆର ବୁଲି ଭିକ୍ଷା ମାଗିବା ହିଁ ଥିଲା ତାଙ୍କ ନୀତି ଦିନର କାହାଣୀ; କିନ୍ତୁ ମୃତ୍ୟୁ ପରେ ସେ ଅନାଥ ହୋଇ ରହିଗଲେ ନାହିଁ। ଜଣେ ଅସହାୟ, ପରିଚୟହୀନ ବୃଦ୍ଧ ଭିକ୍ଷୁକଙ୍କ ମୃତ୍ୟୁ ପରେ ତାଙ୍କୁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସସମ୍ମାନେ ଅନ୍ତିମ ସଂସ୍କାର କରିଛି।

ମୁରିବାହାଲ ବ୍ଲକ ଅଞ୍ଚଳରେ ସମ୍ପୃକ୍ତ ବୃଦ୍ଧ ଜଣକ ଘର ଘର ବୁଲି ଭିକ୍ଷାବୃତ୍ତି କରି ପେଟ ପୋଷୁଥିଲେ। କିଛି ଦିନ ତଳେ ସେ ଅସୁସ୍ଥ ହୋଇ ପଡ଼ି ରହିଥିବା ବେଳେ ମୁରିବାହାଲ ପୁଲିସ ତାଙ୍କୁ ଉଦ୍ଧାର କରିଥିଲା। ପୁଲିସ ତାଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ପ୍ରଶାସନ ତାଙ୍କ ପରିଚୟ ଖୋଜିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ କୌଣସି ପରିବାର କିମ୍ବା ଆତ୍ମୀୟ ସ୍ୱଜନଙ୍କ ସନ୍ଧାନ ମିଳି ନ ଥିଲା। ନିୟମ ଅନୁଯାୟୀ ଶବ ବ୍ୟବଚ୍ଛେଦ ପରେ ୭୨ ଘଣ୍ଟା କାଳ ଶବକୁ ସଂରକ୍ଷଣ ଗୃହରେ ରଖାଯାଇଥିଲା। କୌଣସି ପରିଚୟ ନ ମିଳିବାରୁ ପୁଲିସ ଶେଷରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସହିତ ଯୋଗାଯୋଗ କରିଥିଲା। ସଂଗଠନର ସଦସ୍ୟମାନେ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଗ୍ରହଣ କରିଥିଲେ। ସ୍ୱର୍ଗ ରଥ ଯୋଗେ ମୃତଦେହକୁ ବିଭୂତିପଡ଼ା ଶ୍ମଶାନକୁ ଅଣାଯାଇଥିଲା। ସେଠାରେ ସମ୍ପୂର୍ଣ୍ଣ ମର୍ଯ୍ୟାଦା ସହକାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଶବ ସଂସ୍କାରରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଉତ୍ତମ ନନ୍ଦ, ସୁମିତ୍ ମିଶ୍ର, ରବୀନ୍ଦ୍ର ପ୍ରଧାନ, ସରୋଜ ଜାଲ, ସାଗର ଚନ୍ଦନ, ଅଂଶୁମାନ ମିଶ୍ର ଓ ରାକେଶ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।



## ଭାଲୁପାଲିରେ ନୂଆଁଖାଇ ଭେଟ୍‌ଘାଟ୍

**ବଲାଙ୍ଗିର, ୨୩।୯ (ସମିସ):** ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ଅବସରରେ ଭାଲୁପାଲି ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ନବଜ୍ୟୋତି ୟୁଥ୍ କ୍ଲବ୍ ଦ୍ୱାରା ଉପରବାହାଲ ପଞ୍ଚାୟତର ଭାଲୁପାଲି ଗ୍ରାମରେ ନୂଆଖାଇ ମହାସମାରୋହରେ ଆୟୋଜିତ ହୋଇଥିଲା। ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ବରିଷ୍ଠ ସାମ୍ବାଦିକ ଗୋପାଳ ପ୍ରଧାନ ଓ ଅକ୍ରୁର ସାହୁ ଯୋଗ ଦେଇଥିଲେ। ବରିଷ୍ଠ ଉପଦେଷ୍ଟା ରୁକ୍ମଣ ବିଶ୍ୱାଳ ଓ ସରୋଜ ମହାକୁରଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କବି ଯଶୋବନ୍ତ କୁମ୍ଭାର ଓ କବି ମନୋଜ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଘୁମୁରା, ଲୋଇସିଂହା ସଙ୍ଗୀତ ସାଧନା, ବଲାଙ୍ଗିର ଭବାନୀଶଙ୍କର କଳା ପରିଷଦର କଳାକାର ଲୋକନୃତ୍ୟ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଶ୍ରେୟାଂସ ଶେଖର ଦାସ, ଧନଞ୍ଜୟ ପଶାୟତ, ବିନୟ ସୁନା, କଳ୍ପନା ମହାନ୍ତି ଓ ଶାନ୍ତିମୟ ବାବୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ କବି ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍ ସଭାପତି ରିଲୁ ଭୋଇ ତଦାରଖ କରିଥିବାବେଳେ ସମ୍ପାଦକ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ବ୍ରାହ୍ମଣ ମହାସଭା ଦ୍ୱାରା ବାମନ ଜୟନ୍ତୀ

**ବଲାଙ୍ଗିର, ୨୩।୯ (ସମିସ):** ଶ୍ରୀନୃସିଂହ ମନ୍ଦିର ବଲାଙ୍ଗିର ପ୍ରାଙ୍ଗଣରେ ଜିଲ୍ଲା ବ୍ରାହ୍ମଣ ମହାସଭା, ଦ୍ୱାରା ଭଗବାନ ବାମନଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଜୟ ବିହାରୀ ବେଦବାକ ସପତ୍ନୀକଙ୍କ କର୍ତ୍ତା ଥିଲେ। ଲକ୍ଷ୍ମୀପ୍ରସାଦ ଚାନ୍ଦ ଏବଂ ଗିରିଧାରୀ ଶତପଥୀ ପୂଜାକାର୍ଯ୍ୟ କରିଥିଲେ। ଶ୍ୟାମସୁନ୍ଦର ଦାଶ ଶ୍ରୀମତ୍ ଭାଗବତ ମହାପୁରାଣ ଅଷ୍ଟମ ସ୍କନ୍ଦ ଅଷ୍ଟାଦଶ ଅଧ୍ୟାୟ ବାମନ ଜନ୍ମ ଉପାଖ୍ୟାନ ପଠନ କରିଥିବଲେ। ବିଶିଷ୍ଟ ଉପଦେଷ୍ଟା ଅଧ୍ୟାପକ ସତ୍ୟବନ୍ତ ବେଦାକ, ଗୋପବନ୍ଧୁ ପୁରୋହିତ, ଉପସଭାପତି ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ପଞ୍ଚାନନ ବେଦବାକ, କାର୍ଯ୍ୟକାରୀ ସଭ୍ୟ କବିରାଜ ହୋତା, ଅଶୋକ ମିଶ୍ର, ଜଗନ୍ନାଥ ଷଡଙ୍ଗୀ, ସରୋଜ ବେହେରା, ଗୀତାଞ୍ଜଳି ବେହେରା, ଗୋବିନ୍ଦ ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ନାଥ, ପୁରୁଷୋତ୍ତମ ପଣ୍ଡା, ଡ. ଗୋପାଳକୃଷ୍ଣ ମିଶ୍ର, ବିରଞ୍ଚି ନାରାୟଣ ତ୍ରିପାଠି, ଗୋବର୍ଦ୍ଧନ ଶତପଥୀ, ସାଧନା ପଣ୍ଡା, ଲଳିତା ଦାଶ, ଯୁଧିଷ୍ଠିର ପଣ୍ଡା, ପ୍ରଦୀପ ଖମାରୀ, ଆଶୁତୋଷ ମିଶ୍ର, ରାମଶଙ୍କର ଶତପଥୀ, ରାଜ କିଶୋର ଦାଶ ପ୍ରମୁଖ ଅନେକ ସଦସ୍ୟ ଭାଗବତ ପଠନରେ ଯୋଗ ଦେଇଥିଲେ।

## କଣ୍ଟାବାଞ୍ଜି କେଭି କଲେଜ କାମର ତଦନ୍ତ ଦାବି କଲା ବିଜେଡି

**କଣ୍ଟାବାଞ୍ଜି, ୨୩।୯ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେଭି ମହା ବିଦ୍ୟାଳୟରେ ଚାଲିଥିବା ଠିକା କାମକୁ ନେଇ ଏବେ ଅଞ୍ଚଳରେ ଚର୍ଚ୍ଚା ସରଗରମ ରହିଛି। ଏହାକୁ ନେଇ ବୁଧବାର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଶୀ ମୁହଁ ଖୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ଏଠାରେ ଏକ ନିର୍ଦ୍ଦିଷ୍ଟ ପରିବାରର ରାଜ ଚାଲିଛି। ସେହି ପରିବାର ଜଣେ ବ୍ୟକ୍ତି ଏଠାରେ କର୍ମଚାରୀ ଅଛନ୍ତି। ସେହି ପରିବାରର ବ୍ୟକ୍ତି ଏଠାରେ ସବୁ କାମରେ ଠିକାଦାର ସାଜିଛନ୍ତି। ରାଜ୍ୟ ପୁଲିସ ହାଉସିଂ ବୋର୍ଡ଼ ଅଧୀନରେ ଏଠାରେ କାମ ଚାଲିଛି। ଏଠାରେ ଦାୟିତ୍ୱ ଥିବା ସମ୍ପୃକ୍ତ ବିଭାଗର କର୍ମଚାରୀ ମଧ୍ୟ ହାତବାରିଶି ହୋଇ କାମ କରୁଛନ୍ତି। ସରକାର ଶିକ୍ଷା ଭିତ୍ତି ଭୂମିର ବିକାଶ ପାଇଁ ଏଠାରେ ଅନୁଦାନ ଦେଉଛନ୍ତି; କିନ୍ତୁ ଏଠାରେ ଶିକ୍ଷାର ବିକାଶ ବଦଳରେ ଗୋଟିଏ ପରିବାର ବିକାଶ ହେଉଛି। ଶିକ୍ଷା ଅନୁଷ୍ଠାନ ଭଳି ଏହି ପବିତ୍ର ସ୍ଥାନରେ ଦୁର୍ନୀତି କରିବା ଲଜ୍ଜା। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନରେ ଏହି କଲେଜ ଶିକ୍ଷାର ଉନ୍ନତି ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଇଛନ୍ତି; କିନ୍ତୁ ସେହି ଅନୁଦାନ ମଧ୍ୟ ନିୟମ ଉଲ୍ଲଂଘନ କରି ମନଇଚ୍ଛା ଖର୍ଚ୍ଚ କରାଯାଉଛି। ତେଣୁ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ନଜର ଦେଇ ସେହି କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଏହି କଲେଜର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଛି। ବ୍ୟାପକ ଦୁର୍ନୀତି ହେଉଛି। ତେଣୁ ଭିଜିଲାନ୍ସ ବିଭାଗ ଦ୍ୱାରା ତାହା ତଦନ୍ତ କରାଯାଉ ବୋଲି ବିଜେଡ଼ି ନେତା ଶ୍ରୀ ଯୋଶୀ ଦାବି କରି କହିଛନ୍ତି।

## ଉଷୁ ପ୍ରତିଯୋଗିତାରେ ଅଭିସ୍ପାଙ୍କୁ ସ୍ୱର୍ଣ୍ଣପଦକ

**ଦେଓଗାଁ, ୨୩।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଛାତ୍ରୀ ଅଭିସ୍ପା ହୋତାଙ୍କୁ ରାଜ୍ୟ ବିଦ୍ୟାଳୟ ସମୂହ ଉଷୁ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ମିଳିଛି। କେନ୍ଦୁଝର ଜିଲ୍ଲା ବଡବିଲ ଡିଏମଏଫ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ବିଦ୍ୟାଳୟ ସମୂହ ଉଷୁ ପ୍ରତିଯୋଗିତାରେ ସେ ଭାଗ ନେଇଥିଲେ।



## ଅଙ୍ଗନବାଡ଼ି ଛତୁଆ କାରବାରରେ ତଞ୍ଚକତା

**କଣ୍ଟାବାଞ୍ଜି, ୨୩।୯ (ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରୁ ଏକ ସାଂଘାତିକ ଓ ଚାଞ୍ଚଲ୍ୟକର ଅଭିଯୋଗ ସାମ୍ନାକୁ ଆସିଛି। ସରକାର ଗର୍ଭବତୀ ମହିଳା ଓ କୁନି କୁନି ଶିଶୁମାନଙ୍କୁ ପୁଷ୍ଟିହୀନତାରୁ ରକ୍ଷା କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଛତୁଆ, ଲଡୁ ଭଳି ପୁଷ୍ଟିକର ଖାଦ୍ୟ ଯୋଗାଉଛନ୍ତି; ହେଲେ କିଛି ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ସେହି ପୁଷ୍ଟିକର ଖାଦ୍ୟକୁ ବିଷ କରି ଦେଉଛନ୍ତି। ମୁରିବାହାଲ ବ୍ଲକରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଛତୁଆ ବିତରଣ ପାଇଁ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଦୁଇଟି ଛତୁଆ ତିଆରି ୟୁନିଟ୍ କରି ସେଠାରେ ଛତୁଆ ପ୍ରସ୍ତୁତ କରୁଛନ୍ତି; କିନ୍ତୁ ଛତୁଆର ମାନ ନିମ୍ନମାନର ଥିବାରୁ ଅନେକ ଗର୍ଭବତୀ ମହିଳା ତାହା ଖାଉ ନାହାଁନ୍ତି। ଗାଁ ଗାଁରେ କିଛି ଦଲାଲ ବୁଲି ସେହି ପୁରୁଣା ଛତୁଆକୁ ମହିଳାମାନଙ୍କଠାରୁ କିଣି ନେଉଛନ୍ତି। ପରେ ସେହି ପୁରୁଣା ଛତୁଆକୁ ପୁଣି ତିଆରି ୟୁନିଟ୍ ଗୁଡିକୁ ବିକ୍ରି କରାଯାଉଛି। ୟୁନିଟ୍ କର୍ତ୍ତୃପକ୍ଷ ସେହି ପୁରୁଣା ଛତୁଆକୁ ହିଁ ନୂଆ ପଲିଥିନରେ ପ୍ୟାକିଂ କରି ପୁଣି ଥରେ ଅଙ୍ଗନବାଡି କେନ୍ଦ୍ରକୁ ବିତରଣ କରୁଛନ୍ତି। ଏହାଫଳରେ ଏହି ଛତୁଆ ଖାଇ ଅନେକ ଗର୍ଭବତୀ ମହିଳା ଅସୁସ୍ଥ ଅନୁଭବ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା କେବଳ ଦୁର୍ନୀତି ନୁହେଁ; ବରଂ ହଜାର ହଜାର ମା' ଓ ଶିଶୁଙ୍କ ଜୀବନ ସହ ଖେଳ। ଏମାନେ ଅନେକ ମାସ ହେଲା ଏହିଭଳି କରୁଛନ୍ତି; କିନ୍ତୁ ଅଭିଯୋଗ କଲେ କିଏ ଶୁଣୁନାହାନ୍ତି। ଏ ନେଇ ମୁରିବାହାଲ ବ୍ଲକ ସିଡିପିଓ ପୂର୍ଣ୍ଣିମା ବୈଠାରୁଙ୍କୁ ପଚାରିବାରୁ ତାଙ୍କ ପାଖକୁ ବର୍ତ୍ତମାନ ସୁଦ୍ଧା ଏଭଳି କୌଣସି ଅଭିଯୋଗ ଆସି ନାହିଁ। ଯଦି ଏଭଳି ନିୟମ ଉଲ୍ଲଂଘନ କରି କେହି କାମ କରୁଥିବେ ତେବେ ତଦନ୍ତ କରି ତାଙ୍କ ବିରୋଧରେ ଆଇନ ଅନୁଯାୟୀ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜଙ୍ଗଲରେ ଗଚ୍ଛିତ ବେଆଇନ ବାଲି ଜବତ ପାଇଁ ନିର୍ଦ୍ଦେଶ

**ପାଟଣାଗଡ଼, ୨୩।୯ (ସମିସ)**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ବେଆଇନ ବାଲି ଚାଲାଣକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏନେଇ କିଛ ଦିନ ତଳେ ଜିଲ୍ଲା କଂଗ୍ରେସ ତରଫରୁ ପାଟଣାଗଡ଼ ଉପଜିଲ୍ଲାପାଳ ଅଫିସ ଘେରଉ କରାଯାଇଥିଲା। ପ୍ରଶାସନ ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। ତଥାପି ମଧ୍ୟ ବାଲି ମାଫିଆଙ୍କ ରାଜୁତି ବଢ଼ି ଚାଲିଥିବା ଅଭିଯୋଗ ହେଉଛି। ବୁଧବାର ପାଟଣାଗଡ଼ ତହସିଲ ଅଧୀନ ତମିଆଁ ଆରଆଇ ସର୍କଲ ଅଧୀନ ମୁଦଲସରରୁ ଆମଖାଉପାଲି ରାସ୍ତାରେ ଥିବା ପତ୍ରା ଜଙ୍ଗଲରେ ବାଲି ମାଫିଆ ବେଆଇନ ଭାବେ ବାଲି ଗଚ୍ଛିତ ରଖିଥିବା ଖବର ପାଇ ଜିଲ୍ଲା କଂଗ୍ରେସ ସାଙ୍ଗଠନିକ ଉପସଭାପତି ଅଜିତ ପୁରୋହିତ ପହଞ୍ଚି ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ ମେହେରଙ୍କୁ ଅବଗତ କରିଥିଲେ। ଘଟଣାରେ ତତ୍ପରତା ଦେଖାଇ ଉପଜିଲ୍ଲାପାଳ ବାଲି ଜବତ କରାଯାଇ ନିଲାମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଉପଖଣ୍ଡ ଅଞ୍ଚଳରେ ବାଲି ମାଫିଆ ବେଆଇନ ବାଲି ଗଚ୍ଛିତ କରି ରଖିଛନ୍ତି। ୮ଶହ ଟଙ୍କାରେ ମିଳୁଥିବା ବାଲି ଟ୍ରିପକୁ ବର୍ତ୍ତମାନ ୨୨୦୦ ଶହ ଟଙ୍କାରେ ବିକ୍ରି କରି ମାଲେମାଲ ହେଉଥିବା ଅଭିଯୋଗ ଉଠିଛି। ଅନ୍ୟପଟେ ମୁଦଳସର ଆମଖାଉପାଲି ରାସ୍ତା ପତ୍ରା ଜଙ୍ଗଲରେ ବେଆଇନ ବାଲି ଗଚ୍ଛିତ ଘଟଣାରେ ସ୍ଥାନୀୟ ଆରଆଇଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ଆଣି ଏହାର ନିରପେକ୍ଷ ତଦନ୍ତ ପାଇଁ ଜିଲ୍ଲା କଂଗ୍ରେସ ସାଙ୍ଗଠନିକ ଉପସଭାପତି ଦାବି କରିଛନ୍ତି।



## ୫୨୫୫ଟି ହଜିଥିବା ଓ ଚୋରି ମୋବାଇଲ ଉଦ୍ଧାର

# ୯ ପୁଲିସ କର୍ମଚାରୀ ସମ୍ମାନିତ



**ରାଉରକେଲା, ୨୩।୯ (ସମିସ):** ହଜିଯାଇଥିବା ଏବଂ ଚୋରି ହୋଇଥିବା ମୋବାଇଲ ଫୋନ୍ ଉଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ ବୈଷୟିକ ଦକ୍ଷତା ଓ ନିଷ୍ଠା ପାଇଁ ୯ ଜଣ ପୁଲିସ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ରାଉରକେଲା ଡିଆଇଜି କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୱେଷ୍ଟର୍ଣ୍ଣ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ୯ ଜଣ ପୁଲିସ କର୍ମଚାରୀଙ୍କୁ ସାର୍ଟିଫିକେଟ୍ ଅଫ୍ ଆପ୍ରିସିଏସନ୍ ପ୍ରଦାନ କରିଥିଲେ। ସୂଚନା ମୁତାବକ, ରାଉରକେଲା ପୁଲିସ ୧୮୮ଟି, ସୁନ୍ଦରଗଡ଼ ପୁଲିସ ୧୩୭ଟି ଏବଂ କେନ୍ଦୁଝର ପୁଲିସ ୨୦୦ଟି ମୋବାଇଲ ଫୋନ୍ ଉଦ୍ଧାର କରିଛି। ଅର୍ଥାତ୍ ପଶ୍ଚିମାଞ୍ଚଳ ରେଞ୍ଜରେ ମୋଟ ୫୨୫ଟି ହଜିଥିବା ଓ ଚୋରି ମୋବାଇଲ ଫୋନ୍ ଉଦ୍ଧାର କରାଯାଇଛି। ବୈଷୟିକ ଜ୍ଞାନ ଓ ତଦନ୍ତ କୌଶଳର ସଫଳ ବ୍ୟବହାର କରି ମୋବାଇଲଗୁଡ଼ିକୁ ଟ୍ରେସ୍ କରି ସେଗୁଡ଼ିକୁ ମାଲିକମାନଙ୍କୁ ଫେରାଇ ଦିଆଯାଇଛି। ଏହି ଅବସରରେ ଡିଆଇଜି ବ୍ରିଜେଶ କୁମାର ରାଏ ପୁଲିସ କର୍ମଚାରୀଙ୍କ ନିଷ୍ଠା ଓ ଦକ୍ଷତାକୁ ପ୍ରଶଂସା କରିବା ସହ ଟେକ୍ନୋଲୋଜି ଆଧାରିତ ପୁଲିସିଂ ଦ୍ୱାରା ଲୋକଙ୍କୁ ଅଧିକ ଉନ୍ନତ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ମଧ୍ୟ ସମ୍ମାନିତ ପୁଲିସ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୁଲିସର ଏଭଳି ପଦକ୍ଷେପ ନାଗରିକଙ୍କ ହଜିଥିବା ମୂଲ୍ୟବାନ ସମ୍ପତ୍ତି ଫେରାଇବା ସହ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସକୁ ଆହୁରି ମଜଭୁତ କରିଛି।

# ବେକରେ ଫାଶୀ ଲଗାଇ ନାବାଳକର ଆତ୍ମହତ୍ୟା

**ରାଉରକେଲା, ୨୩।୯ (ସମିସ):** ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନା ଅଧୀନ ନୟାଡେରା ନିକଟ ମାଟିଆଡେରା ବସ୍ତିରେ ଜଣେ ୯ ବର୍ଷୀୟ ନାବାଳକ ନିଜ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତ ଶିଶୁ ହେଉଛି ମାଟିଆଡେରା ନିବାସୀ ଦୁଃଖିଆ ହେମ୍ବ୍ରମଙ୍କ ପୁଅ ସାହିଲ ହେମ୍ବ୍ରମ। ଦୁଃଖିଆ ହେମ୍ବ୍ରମ ଇଣ୍ଡୋ ତିବତ୍ ସୀମା ପୁଲିସ ବିଭାଗରେ ଇନିସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି। ଗତ ୧୯ ତାରିଖ ଦିନ ସାହିଲ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ଶବକୁ ମର୍ଗ ହାଉସରେ ରଖାଯାଇଥିଲା। ଆଜି ତାଙ୍କ ପିତା ଦୁଃଖିଆ ହେମ୍ବ୍ରମ ଆସିବା ପରେ ପରିବାର ଉପସ୍ଥିତିରେ ଶବ ଇନକ୍ୱେଷ୍ଟ ସହ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ସାହିଲଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ମୋବାଇଲ୍ ଖେଳ ହିଁ ତାଙ୍କ ଆତ୍ମହତ୍ୟା କାରଣ ବୋଲି କୁହାଯାଉଛି। ସ୍ମରଣଯୋଗ୍ୟ ଯେ ଜଳଦା ସି ବ୍ଲକରେ ନମନ୍ ବାହାଦୁର ନାମକ ଜଣେ ୧୬ ବର୍ଷୀୟ ଛାତ୍ର 'ଫ୍ରି ଫେୟାର ଗେମ୍' ଖେଳି ଆତ୍ମହତ୍ୟା କରିଥିଲା।

## ରାଜଗାଙ୍ଗପୁରରେ ପ୍ରଭୁ ଗଜାନନ ଭସାଣି ଉତ୍ସବ

# ସାମିଲ ହେଲେ ବାହାର ରାଜ୍ୟର ଏକାଧିକ ବାଦ୍ୟ ନୃତ୍ୟଦଳ

**ରାଉରକେଲା, ୨୩।୯ (ସମିସ)**

ସୁନ୍ଦରଗଡ଼ ଜିଲ୍ଲାର ସିମେଣ୍ଟ ସହର ରାଜଗାଙ୍ଗପୁରରେ ବିଘ୍ନନାଶ ପ୍ରଭୁ ଗଣପତିଙ୍କ ବିର୍ସଜନ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ଆୟୋଜିତ ବିଶାଳ ଆକର୍ଷଣୀୟ ଶୋଭାଯାତ୍ରା ଦେଖିବାକୁ ଶହଶହ ଲୋକ ରୁଣ୍ଡ ହୋଇଥିଲେ। ସୂଚନାଯୋଗ୍ୟ ଯେ ରାଜଗାଙ୍ଗପୁର ସହରରେ ଗତ ୧୪ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ୮୫ଟି ମଣ୍ଡପରେ ଗଣେଶ ପୂଜା ଆୟୋଜିତ ହୋଇଥିଲା। ପ୍ରତ୍ୟେକ ପୂଜା ପେଣ୍ଡାଲକୁ ସୁସଜ୍ଜିତ କରାଯିବା ସହ ସୁଉଚ୍ଚ ଆକର୍ଷଣୀୟ ତୋରଣ ନିର୍ମିତ ହୋଇଥିଲା। ରଙ୍ଗବେରଙ୍ଗର ଆଲୋକମାଳାରେ ସାଜସଜ୍ଜା ତୋରଣଗୁଡିକର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥିଲା। ପ୍ରତ୍ୟେକ ପେଣ୍ଡାଲରେ ଗଜାନନଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି ରୀତିନୀତି ସହ ପୂଜା ପାଇଥିଲେ। ଏହାଛଡ଼ା ପ୍ରତ୍ୟେକ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟଗୀତ ଶ୍ରଦ୍ଧାଳୁ ଦର୍ଶକମାନଙ୍କୁ ମନୋରଞ୍ଜନର ବେଶ୍ ଖୋରାକ ଯୋଗାଇଥିଲା। ଚଳିତବର୍ଷ ଡିଜେ ଏବଂ ଧୂମାଲ ପରି ଆଧୁନିକ ବାଦ୍ୟ ଯନ୍ତ୍ର ଉପରେ କଟକଣା କରାଯାଇଥିବାରୁ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡଖଣ୍ଡ ସହିତ ରାଜ୍ୟ ବାହାରୁ ଏକାଧିକ ଆକର୍ଷଣୀୟ ବାଦ୍ୟ ନୃତ୍ୟଦଳ ଆସି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଶୀତଳା ମନ୍ଦିର ପୂଜା ମଣ୍ଡପରେ କାଶୀ ବିଶ୍ୱନାଥ ମନ୍ଦିରରେ ଗଙ୍ଗା ନଦୀ କୂଳରେ ହେଉଥିବା ସନ୍ଧ୍ୟା ଆଳତୀ ଅନୁଷ୍ଠିତ ହୋଇଥିଲା। ଭସାଣି ଶୋଭାଯାତ୍ରାରେ ପ୍ରାୟ ଛୋଟ ବଡ଼ ପ୍ରାୟ ୮୫ଟି ମେଢ଼ ସାମିଲ ହୋଇଥିଲେ। ଅପରାହ୍ନ ୩ଟାରେ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ବସଷ୍ଟାଣ୍ଡ ସ୍ଥିତ କମ୍ୟୁନିଟି ସେଣ୍ଟରରୁ ଆରମ୍ଭ ହୋଇଥିଲେ ହେଁ ହଠାତ ପ୍ରବଳ ବର୍ଷା ହେବାରୁ ବିଳମ୍ବରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବର୍ଷା ଯୋଗୁଁ ଗଣେଶ ପ୍ରତିମୂର୍ତ୍ତି ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼ଗୁଡିକ ଉପରେ ପ୍ଲାଷ୍ଟିକ ପାଲ ଆବରଣ ଦିଆଯାଇ ସୁରକ୍ଷିତ କରାଯାଇଥିଲା। ବର୍ଷା ସତ୍ତ୍ୱେ ବି ଶହ ଶହ ଲୋକ ଶୋଭାଯାତ୍ରାରେ ଉତ୍ସାହ ଓ ଉଦ୍ଦୀପନାର ସହ ସାମିଲ ହୋଇଥିଲେ। ଶୋଭାଯାତ୍ରାଟି ରାଜଗାଙ୍ଗପୁର ବସ୍‌ଷ୍ଟାଣ୍ଡରୁ ବାହାରି, ମୁଖ୍ୟ ରାସ୍ତା ଦେଇ ସହିଦ ଛକ, ଇନ୍ଦିରା ଛକ, ସୁବାସ ଛକ, ଲାଲ ବାବା ମଜାର ଛକ, ବିଜୁ ପଟ୍ଟନାୟକ ଛକ ଓସିଏଲ କଲୋନୀ ରାସ୍ତା ଦେଇ ଲିପଲୋଇ ଠାରେ ବିସର୍ଜନ ପାଇଁ ନିର୍ମିତ କୃତ୍ରିମ ଜଳାଶୟରେ ପହଞ୍ଚି ବିସର୍ଜନ ହୋଇଥିଲା। ଶାନ୍ତି ଶୃଙ୍ଖଳାର ଶୋଭାଯାତ୍ରା ଆୟୋଜନ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଶୋଭାଯାତ୍ରାରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର ନିଜେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଶୋଭାଯାତ୍ରାରେ ୩୫ ପ୍ଲାଟୁନ ଫୋର୍ସ ସମେତ ୭୫ ଜଣ ଇନିସପେକ୍ଟର, ସବଇନ୍ସପେକ୍ଟର, ଏଏସ୍‌ଆଇ ଆଦି ଅଫିସର ମୃତୟନ ହୋଇଥିଲେ।





## କୋଏଲନଗର ଗଣେଶ ବିସର୍ଜନ

**ରାଉରକେଲା :** ସ୍ଥାନୀୟ କୋଏଲନଗର ସ୍ଥିତ ସି-ବ୍ଲକଠାରେ ନୀଳାଚଳ ଯୁବ ପରିଷଦ ପକ୍ଷରୁ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ରୀତିନୀତି ଅନୁଯାୟୀ ଦୀର୍ଘ ୪ ଦିନ ଧରି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ସହ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବଦତ୍ତ ସାହୁଙ୍କ ତତ୍ତ୍ୱାବଧାନରେ କୁନି କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆକର୍ଷଣୀୟ ପ୍ରତିଯୋଗିତାମାନ ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚାରି ଦିନ ଧରି ଗଣେଶଙ୍କ ପୂଜାରାଧନା ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସୁଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ଏହି ଅବସରରେ ଶତାଧିକ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା। ପ୍ରସାଦ ବଣ୍ଟନ ଓ ଅନ୍ୟାନ୍ୟ ସେବା କାର୍ଯ୍ୟରେ ରାଜେଶ ମହାରଣା, ବିନୋଦ ମହାରଣା, କୃଷ୍ଣା ମହାରଣା, ଦେବଦତ୍ତ ସାହୁ, ପଣ୍ଡିତ ବିବେକଜୀ, ରାହୁଲ, ରୁଦ୍ର, ସସ୍ମିତା, ପ୍ରିୟଦର୍ଶିନୀ, ନମ୍ରତା, ନିକତା, ବିନିତା, ପ୍ରିୟାଂଶୁ, ମିତ୍ରଭାନୁ, ଅପର୍ଣ୍ଣା ଓ ଆଦିତ୍ୟଙ୍କ ସମେତ ଅନେକ ସ୍ୱେଚ୍ଛାସେବୀଙ୍କର ନିଷ୍ଠାପର ସେବା ଓ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ତିମ ଦିନ ଏକ ଶୋଭାଯାତ୍ରାରେ ନିଆଯାଇ ଗଜାନନଙ୍କ ବିସର୍ଜନ କରାଯାଇଥିଲା। ଗଣେଶ ପୂଜା ଶୃଙ୍ଖଳା ଓ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ସମସ୍ତ ସହଯୋଗୀ, ସ୍ୱେଚ୍ଛାସେବୀ ଓ ଭକ୍ତବୃନ୍ଦଙ୍କୁ ନୀଳାଚଳ ଯୁବ ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



## ଜିଲ୍ଲାସ୍ତରୀୟ ସିନିୟର ସିପ୍‌କଟାକ୍ରୋ ଖେଳାଳି ଚୟନ

**ରାଉରକେଲା, ୨୩।୯ (ସମିସ):** ଆସନ୍ତା ସେପ୍ଟେମ୍ବର ୨୭ ତାରିଖ ସକାଳ ୧୦ଟାରେ ସୁନ୍ଦରଗଡ଼ ଭବାନୀଭବନ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଓ ମହିଳା ସିପକ୍‌ଟାକ୍ରୋ ଖେଳାଳି ଚୟନ କରାଯିବ ବୋଲି ସୂଚନା ମିଳିଛି। ଯେଉଁ ଖେଳାଳିମାନେ ଚୟନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ସେମାନେ ରବିବାର ସକାଳ ୧୦ ଟାରେ ସିପକ୍‌ଟାକ୍ରୋ ପରିସରରେ ପାସପୋର୍ଟ ସାଇଜ ଫୋଟୋ, ଆଧାରକାର୍ଡ ନକଲ ଏବଂ ଜନ୍ମ ପ୍ରମାଣପତ୍ର ନକଲ ସହିତ ସିପକଟାକ୍ରୋ ଡ୍ରେସ କୋଡ଼ରେ ଉପସ୍ଥିତ ରହି ନିଜ ନାମ ପଞ୍ଜୀକରଣ କରି ଭାଗ ନେଇ ପାରିବେ ବୋଲି ସୂଚନା ମିଳିଛି। ଜିଲ୍ଲାସ୍ତରରେ ଯେଉଁ ଖେଳାଳିମାନେ ଚୟନ ହେବେ ସେମାନେ ଆସନ୍ତା ମାସ ୨ ରୁ ୪ ତାରିଖରେ ରାୟଗଡ଼ାର ବିଷମକଟକରେ ହେବାକୁ ଥିବା ୨୫ ତମ ସିନିୟର ଓଡ଼ିଶା ଆନ୍ତଃଜିଲ୍ଲା ସିପ୍‌କଟାକ୍ରୋ ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ଅଧିକ ସୂଚନା ପାଇଁ ଭବାନୀଭବନ ସ୍ପୋର୍ଟ୍ସ କଂପ୍ଲେକ୍ସର ସିପକଟାକ୍ରୋ ଟ୍ରେନର ଲିପ୍ସଙ୍କଙ୍ଗୀଙ୍କ ସହ ଯୋଗାଯୋଗ କରିବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ସିପକ୍‌ଟାକ୍ରୋ ସଂଘର ସଭାପତି ସିଦ୍ଧାର୍ଥ ବକ୍ସି ସୂଚନା ଜଣାଇଛନ୍ତି।

## 'ତେଜସ୍' ସେଫ୍ଟି ସର୍କଲ୍‌କୁ କ୍ୟୁସିଏଫ୍‌ଆଇ ଭିଲାଇ ଚାପ୍ଟର କନ୍‌ଭେନସନ୍‌ରେ ସ୍ୱର୍ଣ୍ଣପଦକ

**ରାଉରକେଲା, ୨୩।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ନ୍ୟୁ ପ୍ଲେଟ୍ ମିଲ୍‌ର 'ତେଜସ୍' ସେଫ୍ଟି ସର୍କଲକୁ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ(କ୍ୟୁସିଏଫ୍‌ଆଇ) ଭିଲାଇ ଚାପ୍ଟର ଦ୍ୱାରା ନିକଟରେ ଆୟୋଜିତ 'ଚାପ୍ଟର କନଭେନସନ୍ ଅନ୍ କ୍ୱାଲିଟି କନ୍ସେପ୍ଟସ' (ସିସିକ୍ୟୁସି) ରେ ପ୍ରତିଷ୍ଠିତ ସ୍ୱର୍ଣ୍ଣ ପୁରସ୍କାରରେ ସମ୍ମାନିତ କରାଯାଇଛି। ମିଲ୍‌ରେ ଏକ ନିରନ୍ତର କାର୍ଯ୍ୟକ୍ଷମ ଏବଂ ସୁରକ୍ଷା ସମ୍ବନ୍ଧୀୟ ଆହ୍ୱାନ ସାଜିଥିବା ଡିଭାଇଡିଂ ଶିଅର୍ ସ୍କ୍ରାପ୍ କନଭେୟର ସିଷ୍ଟମରେ ବାରମ୍ବାର ସ୍କ୍ରାପ୍ ଜାମ୍‌କୁ ଦୂର କରିବା ପାଇଁ ଦଳର ନବସୃଜନଶୀଳ ସମାଧାନକୁ ଏହି ପୁରସ୍କାର ସ୍ୱୀକୃତି ଦେଇଛି। ଡିଭାଇଡିଂ ଶିଅର୍ ସ୍କ୍ରାପ୍ କନଭେୟର ସିଷ୍ଟମର ଡିସଚାର୍ଜ ଶେଷ ଭାଗରେ ବାରମ୍ବାର ସ୍କ୍ରାପ୍ ଜାମ୍ ଏବଂ ଜମା ହେବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ହେଡ୍ ଏବଂ ଟେଲ୍ କ୍ରପିଂ କାର୍ଯ୍ୟ ସମୟରେ, ଛୋଟ, ସଂକିର୍ଣ୍ଣ, ଟେପରଡ୍ କିମ୍ବା ଅନିୟମିତ ସ୍କ୍ରାପ୍ ଖଣ୍ଡଗୁଡ଼ିକ ବେଳେ ବେଳେ କନଭେୟର-୨ ଡିସଚାର୍ଜ ଶେଷରେ ଥିବା ସାଇଡ୍ ଆପ୍ରୋନ୍ ଏବଂ କ୍ୟାରି-ଓଭର ରୋଲର ମଝିରେ ଥିବା ଫାଙ୍କାରେ ଫସି ଯାଉଥିଲା। କ୍ରମାଗତ କାଟିବା କାରଣରୁ, ସାମଗ୍ରୀଗୁଡ଼ିକ ଜାମ୍ ହୋଇ ଜମା ହୋଇଯାଉଥିଲା, ଯାହାକୁ ହାତରେ ସଫା କରିବା ଅତ୍ୟନ୍ତ କଷ୍ଟକର ଏବଂ ବିପଜ୍ଜନକ ଥିଲା, ଯାହାଫଳରେ ବାରମ୍ବାର ଉତ୍ପାଦନରେ ବିଳମ୍ବ ହେଉଥିଲା ଏବଂ କନଭେୟର ପ୍ୟାନ୍ କ୍ଷତିଗ୍ରସ୍ତ ହେଉଥିଲା। ସ୍କ୍ରାପ୍ ଫସି ରହୁଥିବା ଫାଙ୍କାକୁ ଦୂର କରିବା ପାଇଁ ବିଦ୍ୟମାନ କ୍ୟାରି-ଓଭର ରୋଲରକୁ ଏକ ପରିବର୍ତ୍ତିତ ରୋଲର ଦ୍ୱାରା ବଦଳାଯାଇଥିଲା। କ୍ଷେତ୍ରରେ ଏକ ପୁସ୍-ବଟନ୍ ଆଲାର୍ମ ସିଷ୍ଟମ୍ ସ୍ଥାପନ କରାଯାଇଥିଲା, ଯାହା ଜାମ୍ ହେବା ମାତ୍ରେ ତୁରନ୍ତ ଯୋଗାଯୋଗ ଏବଂ ସ୍କ୍ରାପ୍ ସୃଷ୍ଟିକୁ ତୁରନ୍ତ ବନ୍ଦ କରିବା ନିଶ୍ଚିତ କରିଥାଏ। ଏହା ବ୍ୟତୀତ, ରୋଲିଂ ସମୟରେ ଟେପର ଏବଂ ଅନିୟମିତ ସ୍କ୍ରାପ୍ ଗଠନକୁ ନିୟନ୍ତ୍ରଣ କରିବା ପାଇଁ କୋଣସବୁର ପାର୍ଥକ୍ୟକୁ ସୀମା ମଧ୍ୟରେ ରଖିବା ନିମନ୍ତେ ସ୍ଲାବ୍ ୟାର୍ଡରେ ସ୍ଲାବ୍‌ର ଡାଇଗୋନାଲ୍ (କର୍ଣ୍ଣ) ଲମ୍ବ ମାପିବା ଆରମ୍ଭ କରାଯାଇଥିଲା। ଏହି ସଫଳତା ଆରଏସପିର ଲକ୍ଷ୍ୟ ସହିତ ସାମଞ୍ଜସ୍ୟ ରଖି କାର୍ଯ୍ୟସ୍ଥଳର ସୁରକ୍ଷା, କାର୍ଯ୍ୟକ୍ଷମତା ଏବଂ ନିରନ୍ତର ସୁଧାର ପ୍ରତି ଦଳର ନିଷ୍ଠାକୁ ଦର୍ଶାଏ। ଏହି ଦଳକୁ ଏନ୍‌ପିଏମର ବରିଷ୍ଠ ପ୍ରବନ୍ଧକ ଏ. ପଟ୍ଟନାୟକ ନେତୃତ୍ୱ ଦେଇଥିଲା ବେଳେ ଇଞ୍ଜିନିୟରିଂ ଆସୋସିଏଟ୍ ଏସ୍.ଏନ୍.ଦାସ, ଡି.ସାହୁ, ସୁପ୍ରିୟା ଭୋଇ ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଡି.କେ. ସାହୁ ଏହି ଦଳର ସଦସ୍ୟ ଥିଲେ।



## ଅବସରଗ୍ରହଣ କରୁଥିବା କର୍ମଚାରୀଙ୍କ ଜୀବନସାଥୀମାନଙ୍କ ପାଇଁ 'ରୋଷନୀ- ସକ୍ଷମ ସାଥୀ'

**ରାଉରକେଲା, ୨୩।୯ (ସମିସ):** ଅକ୍ଟୋବରରୁ ଡିସେମ୍ବର ୨୦୨୬ ମଧ୍ୟରେ ଅବସରଗ୍ରହଣ କରୁଥିବା ରାଉରକେଲା ଇସ୍ପାତ କାରଖାନା କର୍ମଚାରୀଙ୍କ ଜୀବନସାଥୀମାନଙ୍କ ପାଇଁ ସିଭିକ୍ ସେଣ୍ଟର ଠାରେ 'ରୋଷନୀ-ସକ୍ଷମ ସାଥୀ' ନାମକ ଏକ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି। ସେବା ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଏ. ସି. ସରକାର ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମାନବ ସମ୍ବଳ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ସଞ୍ଜୟ ମେହରୋତ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ଅବସର ପରେ ଜୀବନର ଏକ ନୂତନ ପର୍ଯ୍ୟାୟକୁ ସହଜ ପରିବର୍ତ୍ତନ ପାଇଁ ମାନସିକତା' ଶୀର୍ଷକ ଏକ ସେସନ୍ ସିପି-୨ ର ସହକାରୀ ମହାପ୍ରବନ୍ଧକ ବି. ନାହାକଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ଏଫ୍ ଆଣ୍ଡ ଏର ସହକାରୀ ମହାପ୍ରବନ୍ଧକ ପପୁ କୁମାର ଆର୍ଥିକ ସୁରକ୍ଷା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉଦ୍ୟାନ କୃଷି ବିଭାଗର ଉପ-ମହାପ୍ରବନ୍ଧକ ଟି. ବି. ଟପ୍ପୋ ଅବସର ପରବର୍ତ୍ତୀ ନିୟୋଜନ ଉପରେ ପରାମର୍ଶ ସେୟାର କରିଥିଲେ ଏବଂ ଓଏଚ୍‌ଏସ୍‌ର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଏସ୍. କୁମାର 'ଏକ ଅର୍ଥପୂର୍ଣ୍ଣ ଜୀବନ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ସମଗ୍ର ସାମଗ୍ରିକ ଦୃଷ୍ଟିକୋଣ ନିଶ୍ଚିତ କରିବା' ବିଷୟରେ କହିଥିଲେ। ମାନବ ସମ୍ବଳ ବିଭାଗର ସହକାରୀ ପ୍ରବନ୍ଧକ ଏସ୍. ପି. ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି ଦ୍ୱାରା ସ୍ୱଚ୍ଛତା ଅଭିଯାନ ଓ ସଚେତନତା



**ରାଉରକେଲା, ୨୩।୯ (ସମିସ):** ସମ୍ପ୍ରତି ଜାରି ରହିଥିବା ସ୍ୱଚ୍ଛତା ପକ୍ଷପାଳନ ଏବଂ ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନର ଅଂଶସ୍ୱରୂପ, ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ବିଭାଗ ପକ୍ଷରୁ ମଙ୍ଗଳବାର ନୂଆଗାଁ ବ୍ଲକ ଅଧୀନ ବାଗଡ଼େଗା ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ସ୍ୱଚ୍ଛତା, ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ବଜାୟ ରଖିବା ପାଇଁ ସାମୂହିକ ଉତ୍ତରଦାୟିତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଆର୍‌ଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ (ଏଚଆର) ମାନସରଞ୍ଜନ ରଥ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ମହାପ୍ରବନ୍ଧକ ବିଭବସୁ ମଲିକ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଗତ କରିଥିବାବେଳେ ଶ୍ରୀରଥ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଦାୟିତ୍ୱବାନ ସ୍ୱଚ୍ଛତା ଅଭ୍ୟାସ ଆପଣେଇବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ସାଗର ରିଦମ୍ସ ଟିମ୍ ଦ୍ୱାରା ପ୍ରଦର୍ଶିତ ଏକ ଆକର୍ଷଣୀୟ ପଥପ୍ରାନ୍ତ ନାଟକ ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ପ୍ରଦାନ କରିଥିଲା। ଉପ ମହାପ୍ରବନ୍ଧକ (ସିଏସଆର) ପୁରୁଷୋତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ସେପ୍ଟେମ୍ବର ୨୦ ତାରିଖ ଦିନ ସେକ୍ଟର-୧୯ ସ୍ଥିତ ଭଞ୍ଜଭବନ ପରିସରରେ ଏକ ବିଶାଳ ସଫେଇ ଅଭିଯାନ ଆୟୋଜିତ ହୋଇଥିଲା। ଆରଏସପିର ଜନସ୍ୱାସ୍ଥ୍ୟ ବିଭାଗର ମାର୍ଗଦର୍ଶନରେ ଇସ୍ପାତ ସହରର ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀର ପ୍ରାୟ ୪୦ଜଣ ସ୍ୱେଚ୍ଛାସେବୀ ଏହି ସଘନ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ(ଟି.ଇ.ଏବଂ ହର୍ଟିକଲଚର) ସି.ଏମ. ଚୁଗ, ମୁଖ୍ୟ ମହାପ୍ରବନ୍ଧକ (ସିସିଡବ୍ଲ୍ୟୁ) ଆଲୋକ କୁମାର ବେହେରା, ମୁଖ୍ୟ ମହାପ୍ରବନ୍ଧକ (ଇଣ୍ଟରନାଲ ଅଡିଟ) ହଫିକ କୁମାର ସାଏଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଏହି ଅଭିଯାନରେ ସାମିଲ ହୋଇଥିଲେ। ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା ଏବଂ ସୁସ୍ଥ ପରିବେଶ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇ ସ୍ୱେଚ୍ଛାସେବୀମାନେ 'ସ୍ୱଚ୍ଛତା ଶପଥ' ମଧ୍ୟ ଗ୍ରହଣ କରିଥିଲେ। ଟି.ଇ.-ଜନସ୍ୱାସ୍ଥ୍ୟ ବିଭାଗର ତତ୍ତ୍ୱାବଧାନରେ ପରିସରର ସମଗ୍ର ପଡ଼ିଆ ଏବଂ ଆଖପାଖ ଅଞ୍ଚଳକୁ ପରିମଳ କରାଯାଇଥିଲା ଏବଂ ଜମା ହୋଇରହିଥିବା ଆବର୍ଜନାକୁ ନିଷ୍କାସିତ କରା ଯାଇଥିଲା।

## ଓରାମ ସାଂସ୍କୃତିକ ସମାଜ ପକ୍ଷରୁ କର୍ମା ପୂଜା

**ରାଉରକେଲା, ୨୩।୯ (ସମିସ):** ଭାଦ୍ରବ ଏକାଦଶୀ ଅବସରରେ ଓରାମ ସମ୍ପ୍ରଦାୟର ଆସ୍ଥା, ବିଶ୍ୱାସ ଓ ସାଂସ୍କୃତିକ ଐତିହ୍ୟର ମହାନ ପ୍ରତୀକ କର୍ମା ପୂଜା ସୁନ୍ଦରଗଡ଼ ବାଇପାସ ସ୍ଥିତ ଓରାମ ସାଂସ୍କୃତିକ ସମାଜ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରକୃତି ଉପାସନା, ସାମାଜିକ ଏକତା ଏବଂ ସମୃଦ୍ଧିର ବାର୍ତ୍ତା ବହନ କରୁଥିବା ଏହି ପର୍ବ ଓରାମ ସମାଜର ସାଂସ୍କୃତିକ ଜୀବନର ଏକ ଅବିଚ୍ଛିନ୍ନ ଅଂଶ। କାର୍ଯ୍ୟକ୍ରମରେ ଓରାମ ସାଂସ୍କୃତିକ ସମାଜର ସଭାପତି ସୁକେଶୀ ଓରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓରାମ ସାଂସ୍କୃତିକ ସମାଜର ନବନିର୍ମିତ ଭବନର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଓରାମ ସାଂସ୍କୃତିକ ସମାଜର ସୁନ୍ଦରଗଡ଼ ଟାଉନ କମିଟିର ସଭାପତି ବାଲକୁବାର୍ଲା, ଓରାମ ସାଂସ୍କୃତିକ ସମାଜର ରାଜ୍ୟ ସାଧାରଣ ସମ୍ପାଦକ ପ୍ରେମସାଗର ଓରାମ, ଓରାମ ସାଂସ୍କୃତିକ ସମାଜ, ସୁନ୍ଦରଗଡ଼ର ସାଧାରଣ ସମ୍ପାଦକ ସୁଜୀତ ଗୋସାଇଁ ମିଞ୍ଜ, ସକ୍ଷମ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଉମେଶ ବାବୁ ଏବଂ ସଦସ୍ୟ ତଥା ସମାଜସେବୀ ବିଶ୍ୱରଞ୍ଜନ ହୋତା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ଓରାମ ସମ୍ପ୍ରଦାୟର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ସାମାଜିକ ମୂଲ୍ୟବୋଧ ଉପରେ ଆଲୋକପାତ କରିବା ସହିତ କର୍ମା ପୂଜାର ଐତିହାସିକ, ଆଧ୍ୟାତ୍ମିକ ଓ ସାମାଜିକ ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବୋଧ ଟପ୍ପୋ, ରାମେଶ୍ୱର ଟପ୍ପୋ, କଳାକୃଷ୍ଣ ଓରାମ, ଶୁକ୍ରା କୁଜୁର, କାଳୀପଦ ଓରାମ, ଦୀପକ ଟପ୍ପୋ ଓ କାର୍ତ୍ତିକ ବେକ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରେମସାଗର ଓରାମ ମଞ୍ଚ ପରିଚାଳନା କରିଥିବା ବେଳେ ସୁଜୀତ ଗୋସାଇଁ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।



# ବସ୍-ଟ୍ରେଲର ମୁହାଁମୁହିଁ ଧକ୍କା; ୫ କିମି ଯାଏଁ ଟ୍ରାଫିକ୍ ଜାମ୍

**ରାଉରକେଲା, ୨୩।୯ (ସମିସ)**

ବୀରମିତ୍ରପୁର ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବିଏସଏଫ୍ ମେଜର ସୁବେଦାର ଭର୍ତ୍ତୁ ଭଗତଙ୍କ ଶୋଚନୀୟ ମୃତ୍ୟୁ ଘଟଣା ବୀରମିତ୍ରପୁରବାସୀଙ୍କ ମନରୁ ଲିଭି ଥିବାବେଳେ ବୁଧବାର ଅପରାହ୍ନରେ ସହରର ଏକ ପେଟ୍ରୋଲ ପମ୍ପ ନିକଟରେ ଏକ ଯାତ୍ରୀବାହୀ ବସ୍ ଏବଂ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଣ୍ଟାଘଣ୍ଟା ଧରି ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇ ଜାତୀୟ ରାଜପଥ ଅବରୋଧ ହେବା ଘଟଣା ସହରବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏହି ଦୁର୍ଘଟଣା ପରେ ରାଜପଥର ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ଏବଂ ପ୍ରାୟ ୫ କିଲୋମିଟର ପର୍ଯ୍ୟନ୍ତ ଶହ ଶହ ଯାନବାହନ ଫସି ରହିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଯାତାୟାତ ସ୍ୱାଭାବିକ କରିବା ପାଇଁ ଉଦ୍ୟମ କରିଥିଲା। ସୂଚନାଯୋଗ୍ୟ ଯେ ବୀରମିତ୍ରପୁର ସହର ଦେଇ ଯାଇଥିବା ଏହି ଜାତୀୟ ରାଜପଥରେ ଗତ କିଛି ଦିନ ହେବ କ୍ରମାଗତ ଭାବେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଗତ ଦୁଇଦିନ ତଳେ ସୋମବାର ରାତିରେ ରାଣୀ ସତୀ ମନ୍ଦିର ନିକଟରେ ଏକ ଟ୍ରକ୍ ସ୍କୁଟରକୁ ଧକ୍କା ଦେବା ଫଳରେ ବିଏସଏଫ୍ ଯବାନ ଭର୍ତ୍ତୁ ଭଗତଙ୍କର ମୃତ୍ୟୁ ଘଟିଥିଲା। ସେହି ଦୁର୍ଘଟଣା ପରେ ରାଜପଥର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସେହି ମର୍ମନ୍ତୁଦ ଦୁର୍ଘଟଣାର ଆଘାତ ଲିଭି ନ ଥିବାବେଳେ ବୁଧବାରର ଏହି ବସ୍-ଟ୍ରେଲର ଧକ୍କା ଘଟଣା ଅଞ୍ଚଳରେ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୪୩ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ତୁରନ୍ତ ରାସ୍ତା ମରାମତି ଏବଂ ସଡ଼କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



ପଡ଼ୋଶୀର ଉନ୍ନତି ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ।
-ମଦର ଟେରେସା

## ଅମେଳ ଆୟୋଗ

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ବହୁମତ ସଦା ସ୍ୱୀକୃତ ଓ ସର୍ବାଦୌ ଗୃହୀତ। ଏଥିପାଇଁ ବିଧାନପାଳିକାରୁ ଆରମ୍ଭ କରି ନ୍ୟାୟପାଳିକାରେ ଜଟିଳ, ବିବାଦୀୟ ଓ ବିତର୍କିତ ପ୍ରସଙ୍ଗରେ ବହୁମତକୁ ଗ୍ରହଣ କରାଯାଉଛି। ନ୍ୟାୟପାଳିକାରେ ଏକାଧିକ ବିଚାରପତି ବିଶିଷ୍ଟ ଖଣ୍ଡପୀଠ ବ୍ୟବସ୍ଥା ଥିବା ବେଳେ ଭାରତୀୟ ନିର୍ବାଚନ ଆୟୋଗକୁ ମଧ୍ୟ ତିନିଜଣିଆ କରାଯାଇଛି। ନିର୍ବାଚନ ଆୟୁକ୍ତମାନଙ୍କ ଚୟନ ପ୍ରକ୍ରିୟା ମଧ୍ୟ ତିନିଜଣଙ୍କ ମତ ଓ ସମ୍ମତି ଆଧାରିତ। ଖଣ୍ଡପୀଠ କିମ୍ବା ଆୟୋଗର ବିଭିନ୍ନ ପ୍ରସଙ୍ଗରେ ବିଚାରବିମର୍ଶ ବେଳେ ମତ ବିଭାଜନ ହେବା ସ୍ୱାଭାବିକ। ତେଣୁ ସଂଖ୍ୟାଗରିଷ୍ଠ ମତ ଗୃହୀତ ହୁଏ ଏବଂ ସଂଖ୍ୟାଲଘୁ ମତ କାଟ ଖାଇଯାଏ। କିନ୍ତୁ ଏକାଧିକ ସଦସ୍ୟଯୁକ୍ତ ହୋଇ ମଧ୍ୟ ଯଦି କୌଣସି ଅନୁଷ୍ଠାନରେ ସଦାସର୍ବଦା ଏକାଧିପତ୍ୟ ଜାରି ରହେ ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ବୋଲି ଧରାଯିବ। ସେଭଳି ଏକ ବିତର୍କିତ ଓ ବିବାଦୀୟ ପ୍ରସଙ୍ଗ ଏବେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଗତ କିଛିମାସ ଧରି ବିବାଦ ଘେରରେ ଥିବା ଭାରତର ନିର୍ବାଚନ ଆୟୋଗ ସହିତ ଉପରୋକ୍ତ ଏକାଧିପତ୍ୟ ପ୍ରସଙ୍ଗ ଯୋଡ଼ି ହୋଇଯାଇଥିବାରୁ ସ୍ୱାଭାବିକ ଭାବେ ଜାତୀୟ ରାଜନୀତି ଉଷ୍ମ ହୋଇପଡ଼ିଛି।

ଜାତୀୟସ୍ତରର ଏକ ଇଂରାଜୀ ଦୈନିକ ଖବରକାଗଜର ଅନୁସନ୍ଧାନମୂଳକ ରିପୋର୍ଟ ଅନୁଯାୟୀ ଭାରତୀୟ ନିର୍ବାଚନ ଆୟୋଗ ଅଗଣତାନ୍ତ୍ରିକ ହୋଇପଡ଼ିଛି। ତିନିଜଣିଆ ସଦସ୍ୟ ବିଶିଷ୍ଟ ଆୟୋଗ କେବଳ ମୁଖ୍ୟ ଆୟୁକ୍ତଙ୍କ ଇଚ୍ଛାରେ କାର୍ଯ୍ୟ କରୁଛି। ଅନ୍ୟ ଦୁଇ ଆୟୁକ୍ତଙ୍କ ମତାମତ, ପ୍ରସ୍ତାବକୁ ଉପେକ୍ଷା କରାଯାଉଛି। ବିଶେଷକରି ଏସ୍ଆଇଆର ପ୍ରକ୍ରିୟାରେ ଦୁଇ ଆୟୁକ୍ତ ଗତ ୧୦ ମାସ ଭିତରେ ୧୪ଟି ପ୍ରସ୍ତାବ ବା ମତ ଉପସ୍ଥାପନ କରିଥିଲେ ହେଁ ମୁଖ୍ୟ ଆୟୁକ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିନାହିଁ। ଏଣୁ ଦୁଇ ଆୟୁକ୍ତ କ୍ୟାବିନେଟ୍ ସଚିବଙ୍କୁ ଚିଠି ଲେଖି ଅସନ୍ତୋଷ ପ୍ରକାଶ କରିବା ସହିତ ଆୟୋଗ ଗ୍ରହଣ କରିଥିବା କେତେକ ପ୍ରକ୍ରିୟାର ସ୍ୱଚ୍ଛତା, ବିଶ୍ୱସନୀୟତା ଓ ମୂଲ୍ୟବୋଧ ସମ୍ପର୍କିତ ପ୍ରଶ୍ନ ଉତ୍ଥାପନ କରିଛନ୍ତି। କ୍ୟାବିନେଟ୍ ସଚିବଙ୍କୁ ଲେଖାଯାଇଥିବା ପତ୍ରର ନକଲ ସହିତ ଏହି ରିପୋର୍ଟ ପ୍ରକାଶ ପାଇଥିବାରୁ ଅନୁସନ୍ଧାନର ସତ୍ୟତା ଓ ପ୍ରମାଣିକତା ସନ୍ଦେହରୁ ଊର୍ଦ୍ଧ୍ୱରେ ରହିଛି।

ରିପୋର୍ଟର ସାରାଂଶ ଅନୁଯାୟୀ ବିହାରରୁ ଆରମ୍ଭ ହୋଇ ଏବେ ସମଗ୍ର ଦେଶରେ ଜାରି ରହିଥିବା ଏସ୍ଆଇଆର ପ୍ରକ୍ରିୟାରେ ଭୋଟର ସାମିଲ୍ ଓ ବାଦ୍ ସମ୍ପର୍କିତ ନିଷ୍ପତ୍ତି, ନୀତି, ନିୟମ କେବଳ ମୁଖ୍ୟ ନିର୍ବାଚନ ଆୟୁକ୍ତ ହିଁ ନେଇଛନ୍ତି, ଅନ୍ୟ ଦୁଇ ଆୟୁକ୍ତଙ୍କୁ ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଛି। ରାଜ୍ୟସ୍ତରୀୟ ନିର୍ବାଚନ ଅଧିକାରୀଙ୍କୁ ଗୌଣ କରି ସମସ୍ତ ପ୍ରକ୍ରିୟା ଦିଲ୍ଲୀରେ କେନ୍ଦ୍ରୀକରଣ କରାଯାଇଥିବାରୁ ଏହା ଅବୈଧ ଓ ଅସାମ୍ବିଧାନିକ ବୋଲି ଅନ୍ୟ ଦୁଇ ଆୟୁକ୍ତ ଅଭିଯୋଗ କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟାରେ ବ୍ୟବହୃତ ଆଇଟି ସଫ୍ଟୱେରର ସ୍ୱଚ୍ଛତା, ବୈଧତା ଓ କାର୍ଯ୍ୟଦକ୍ଷତା ନେଇ ଦୁଇ ଆୟୁକ୍ତ ଆପତ୍ତି ଉଠାଇଛନ୍ତି। ତେଣୁ ନିର୍ବାଚନ ଆୟୋଗଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟଧାରା ସ୍ୱତଃ ସନ୍ଦେହଘେରକୁ ଆସିଯାଇଛି। ବିଶେଷକରି ଫର୍ମ ୬ରେ ନୂଆ କରି ଯୋଡ଼ାଯାଇଥିବା କେତେକ ସର୍ତ୍ତାବଳୀକୁ ଅନୈତିକ ଓ ଅବୈଧ ବୋଲି ଦୁଇ ଆୟୁକ୍ତ କହିଛନ୍ତି। ସମ୍ପୂର୍ଣ୍ଣ ପ୍ରକ୍ରିୟା କ'ଣ ଓ କିପରି ହେଉଛି ତାହା ମୁଖ୍ୟ ଆୟୁକ୍ତଙ୍କ ବ୍ୟତୀତ ଅନ୍ୟ ଦୁଇ ଆୟୁକ୍ତ ଅଜ୍ଞ ରହୁଛନ୍ତି। ଯାହା କିଛି ଘଟୁଛି ତାହା ସେମାନେ ଗଣମାଧ୍ୟମରୁ ଜାଣିବାକୁ ପାଉଛନ୍ତି। ଏପରିକି ସଫ୍ଟୱେରରେ ସମୟୋଚିତ ବିକାଶ ପାଇଁ ଦେଇଥିବା ପ୍ରସ୍ତାବ ମଧ୍ୟ କାଟ୍ ଖାଇଯାଉଛି। ଯେଉଁ ସଫ୍ଟୱେର ବିକାଶ କରାଯାଇଛି ତାହା ଆୟୋଗର ବିଧିବଦ୍ଧ ଅନୁମୋଦନ ଲାଭ କରିନାହିଁ।

ଏହି ରିପୋର୍ଟ ଆଧାରରେ ବିରୋଧୀ ରାଜନୈତିକ ଦଳମାନେ ସେମାନଙ୍କ ସ୍ୱରକୁ ଆହୁରି ଶାଣିତ କରିଛନ୍ତି। ଶାସକଦଳ ଇଭିଏମ୍ ଜାଲିଆତି କରି ଭୋଟ ଚୋରି କରୁଛି ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଏଥିରେ ସହଯୋଗ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଅଭିଯୋଗ କରିଆସୁଥିବା ବେଳେ ଏହି ରିପୋର୍ଟ ତାଙ୍କ ଅଭିଯୋଗକୁ ଆହୁରି ପ୍ରମାଣସିଦ୍ଧ କରିବା ପରି ହୋଇଛି। ଆମ୍ ଆଦ୍ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ସ୍ୱର ଆହୁରି କଠୋର ହୋଇଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ନିଯୁକ୍ତ ହେବା ପରଠାରୁ ଯେତେ ନିର୍ବାଚନ ହୋଇଛି ସେସବୁକୁ ବାତିଲ୍ କରିବା ସହିତ ମୁଖ୍ୟ ଆୟୁକ୍ତଙ୍କୁ ଗିରଫ କରିବାକୁ କେଜ୍ରିୱାଲ୍ ଓ ଉଦ୍ଧବ ଠାକ୍‌ରେ ଦାବି କରିଛନ୍ତି। ଅନ୍ୟ ବିରୋଧୀ ଦଳ ନେତାମାନେ ମଧ୍ୟ ମୁଖ୍ୟ ଆୟୁକ୍ତଙ୍କ ବରଖାସ୍ତ ଓ ବିଧିବଦ୍ଧ ତଦନ୍ତ ଦାବି କରିବା ସହିତ ଗଣତନ୍ତ୍ରର ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି।

ରିପୋର୍ଟ ପ୍ରକାଶ ପାଇବା ପରେ ନିର୍ବାଚନ ଆୟୋଗ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଗ ଠିକ୍‌ଠାକ୍ ଢଙ୍ଗରେ ଚାଲିଥିବା ତିନି ଆୟୁକ୍ତ ସ୍ପଷ୍ଟୀକରଣ ଦେଇଛନ୍ତି। କିନ୍ତୁ ରିପୋର୍ଟରେ ଉଲ୍ଲେଖ ଥିବା ଅଭିଯୋଗ ଓ କ୍ୟାବିନେଟ୍ ସଚିବଙ୍କୁ ଲେଖାଯାଇଥିବା ଚିଠି ବିଷୟରେ କେହି କିଛି କହିନାହାନ୍ତି କି ରିପୋର୍ଟକୁ ଭିତ୍ତିହୀନ ବୋଲି ଖଣ୍ଡନ କରିନାହାନ୍ତି। ଏଥିରୁ ଉପର ଚାପରେ ବାଧ୍ୟବାଧକତାରେ ଏହି ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିବା ଏବଂ ରିପୋର୍ଟରେ ସତ୍ୟତା ଥିବା ମତ ପ୍ରକାଶ ପାଇଛି।

ଆଗାମୀ ଦିନରେ ବିରୋଧୀ ଦଳର ସ୍ୱର କେତେ ଶାଣିତ ହେବ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଚାରବିମର୍ଶ ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ସ୍ପଷ୍ଟୀକରଣ ଦେଇଥିବା ସରକାରୀ ଦଳ ଏ ସମ୍ପର୍କରେ କଣ ପଦକ୍ଷେପ ନେବେ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ପ୍ରକ୍ରିୟା ସଂକ୍ରାନ୍ତ ମାମଲାର ଶୁଣାଣି ଏବେ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବାରୁ ଏହି ରିପୋର୍ଟ ମାମଲାର ରାୟକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। କିନ୍ତୁ ଏକ ଗଣତାନ୍ତ୍ରିକ ଦେଶର ସାଧାରଣ ନାଗରିକ ଭାବରେ ଅନୁଭବ ହେଉଛି ଯେ ଆୟୋଗରେ ତାଳମେଳ ନାହିଁ। ଏକ ଅମେଳ ଆୟୋଗ ନିର୍ବାଚନ ପ୍ରକ୍ରିୟାକୁ କିଭଳି ସ୍ୱଚ୍ଛ ରଖିପାରିବ ଏବଂ ସମ୍ବିଧାନର ମୂଲ୍ୟବୋଧ ଏବଂ ଗଣତନ୍ତ୍ରର ଗରିମାକୁ କିଭଳି ସୁସ୍ଥ ରଖିପାରିବ ତାହାକୁ ନେଇ ସନ୍ଦେହ ଉଠିଛି।

## ନେପାଳରେ ହିମସ୍ରୋତ ଏକ ସତର୍କ ଘଣ୍ଟି

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଅଗଷ୍ଟ ୨୬, ୨୦୨୬ ତାରିଖ ସକାଳ ପ୍ରାୟ ସାଢ଼େ ଆଠଟା ବେଳେ କେହି କିଛି ଭାବିବା ଆଗରୁ ନେପାଳର ଉତ୍ତର ଭାଗରେ ଅବସ୍ଥିତ ରସୁୱା ଜିଲ୍ଲାରେ ହଠାତ୍ ମାଡ଼ି ଆସିଲା ପ୍ରଳୟଙ୍କରୀ ବନ୍ୟା। ନେପାଳ ଓ ଚୀନ୍ ସୀମାବର୍ତ୍ତୀ ତିବ୍ବତ ଅଞ୍ଚଳରେ ଅଚାନକ ଭୂସ୍ଖଳନ ଓ ଗ୍ଲେସିଅର ବା ହିମସ୍ରୋତ ଭାଙ୍ଗିବା ଯୋଗୁଁ ପାର୍ବତ୍ୟ ଉପତ୍ୟକାରେ କାଦୁଅ ମିଶ୍ରିତ ବନ୍ୟାଜଳ ଅତି ତୀବ୍ରଗତିରେ ପ୍ରବାହିତ ହେବା ଫଳରେ ଏଭଳି ଘଟଣା ଘଟିଥିଲା ଏବଂ ଏଥିଯୋଗୁଁ ଭୀଷଣ କ୍ଷୟକ୍ଷତି ଘଟିଛି। ସମୁଦ୍ର ପତ୍ତନଠାରୁ ପ୍ରାୟ ୫, ୧୮୦ ମିଟର ଉଚ୍ଚତାରେ ଥିବା ଏକ ବିଶାଳ ଗ୍ଲାସିଅରରୁ ପ୍ରାୟ ୬୦୦ ମିଟର ଓସାରର ଏକ ବରଫ ଖଣ୍ଡ ସ୍ଖଳିତ ହୋଇ ବିଜୁଳି ବେଗରେ ଆସି ତଳେ ଥିବା ଉପତ୍ୟକାରେ ପଡ଼ିଥିଲା। ଏହା ମଧ୍ୟ ୫.୨ ତୀବ୍ରତା ବିଶିଷ୍ଟ ଭୂମିକମ୍ପର ଭ୍ରମ ସୃଷ୍ଟି କରିଥିଲା। ତିବ୍ବତରୁ ବାହାରି ନେପାଳ ଓ ଚୀନ୍‌ର ଅନ୍ତର୍ଜାତୀୟ ସୀମା ନିର୍ଦ୍ଧାରଣ କରୁଥିବା 'ଲେହନ୍ଦେ ଖୋଲା' ନଦୀରେ ଏହି ବରଫ ଖଣ୍ଡ ପଡ଼ିବା ଯୋଗୁଁ ନଦୀର ସ୍ରୋତ ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଥିଲା। ଅତ୍ୟଧିକ ଜଳ ଚାପ ଯୋଗୁଁ ଏହି ଅସ୍ଥାୟୀ ବନ୍ଧ ଭାଙ୍ଗି ଏକ ପ୍ରଳୟଙ୍କରୀ ଜଳପ୍ଲାବନ ସୃଷ୍ଟି କରିଥିଲା ଏବଂ ଏହା ଭୋଟେକୋଶୀ ନଦୀ ଦେଇ ନେପାଳ ମଧ୍ୟକୁ ପ୍ରବେଶ କରିଥିଲା। ଏହାକୁ ଆମେ 'ହିମବାହ ହ୍ରଦ ବିସ୍ଫୋରଣ ବନ୍ୟା' କହିପାରିବା। ରସୁୱା ସମେତ ଧାଡ଼ିଙ୍ଗ, ନୁୱାକୋଟ, ଗୋରଖା ଓ ତାନାହନ ଆଦି ୫ଟି ଜିଲ୍ଲାରେ ଏହି ପ୍ରାକୃତିକ ବିପର୍ଯ୍ୟୟ ସବୁଠାରୁ ଅଧିକ କ୍ଷୟକ୍ଷତି ତାଣ୍ଡବ ରଚିଛି। ବହୁସଂଖ୍ୟକ ନଦୀତଟ ସୀମାନ୍ତ ଗ୍ରାମ ସମ୍ପୂର୍ଣ୍ଣ ଭାସିଯାଇ ଲୀନ ହୋଇଛି। ତ୍ରିଶୂଳୀ ଓ ଦେବୀ ଘାଟ ଜଳବିଦ୍ୟୁତ ପ୍ରକଳ୍ପ ସମେତ ୧୧ଟି ପ୍ରମୁଖ ଜଳବିଦ୍ୟୁତ୍ ପ୍ରକଳ୍ପ, ସୌର ପ୍ରକଳ୍ପ, ବିଦ୍ୟୁତ ଗ୍ରୀଡ୍ ପ୍ରତିଷ୍ଠାନ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଜାତୀୟ ରାଜପଥ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଥିବାରୁ ପରିବହନ ଓ ଯାତାୟାତ ଠପ୍ ହୋଇଛି। ପାସାଙ୍ଗ ଲାମୁ ଜାତୀୟ ରାଜପଥର ପ୍ରାୟ ୪୦ କିମି ରାସ୍ତା ପୋତି ହୋଇଯାଇଛି ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଛି।

ଉପଗ୍ରହ ଚିତ୍ରରୁ ଜଣାପଡ଼େ ଯେ, ଏହି ଘଟଣାକ୍ରମେ ହିମସ୍ଖଳନ ଘଟିଥିବା ସ୍ଥାନ ନିକଟରେ ଅତିକମରେ ଦୁଇଟି ନୂତନ ଜଳାଶୟ ସୃଷ୍ଟି ହୋଇଛି, ଯାହା ହିମବାହ ବା ଭଗ୍ନାବଶେଷ ଦ୍ୱାରା ସୃଷ୍ଟ ବାଧା ଯୋଗୁଁ ଗଠିତ ହୋଇଛି। ଏଥିମଧ୍ୟରୁ ଗୋଟିଏ ଜଳାଶୟର କ୍ଷେତ୍ରଫଳ ପ୍ରାୟ ୧୯.୮୦ ହେକ୍ଟର ଏବଂ ଅନ୍ୟଟିର କ୍ଷେତ୍ରଫଳ ପ୍ରାୟ ୭.୨୮ ହେକ୍ଟର। ଏହି ଅସ୍ଥାୟୀ ଜଳାଶୟଗୁଡ଼ିକ 'ଛୋଚେନ୍ ଖୋଲା' ଓ 'ପୁରେପୁ ସାଙ୍ଗପୋ' ନଦୀର ସଙ୍ଗମସ୍ଥଳ ନିକଟରେ ଅବସ୍ଥିତ, ଯାହା ଉପର ଭୋଟେ କୋଶୀ-ତ୍ରିଶୂଳୀ ନଦୀ ପ୍ରଣାଳୀରେ ଜଳ ଯୋଗାଇଥାଏ। ଏଗୁଡ଼ିକ ଅତ୍ୟଧିକ ବିପଜ୍ଜନକ ଅସ୍ଥାୟୀ ଜଳାଶୟ ଭାବେ ଗଠିତ ହୋଇଛି ଏବଂ ଏଥିରେ ଲକ୍ଷ ଲକ୍ଷ ଘନମିଟର ପରିମାଣର ତରଳା ବରଫ-ଜଳ ସଞ୍ଚିତ ହୋଇରହିଛି। ଏହା ଯେକୌଣସି ସମୟରେ ଫାଟିବାର ଭୟ ରହିଛି। ସେଥିରେ ୨୦ ରୁ ୨୫ ଲକ୍ଷ କ୍ୟୁବିକ ମିଟରରୁ ଅଧିକ ଜଳ ଜମା ହୋଇ ରହିଥିବା ଆକଳନ କରାଯାଇଛି। ଏହି ପ୍ରଳୟର ସମ୍ପୂର୍ଣ୍ଣ ଚିତ୍ର ଏଯାଏଁ ଉପଲବ୍ଧ ହୋଇପାରିନାହିଁ। ଯେଉଁମାନଙ୍କୁ ଜୀବିତ ଉଦ୍ଧାର କରାଯାଉଛି ସେମାନଙ୍କ ଅସୁସ୍ଥତା ଏବେ ଏକ ନୂଆ ସଙ୍କଟ ସୃଷ୍ଟି କରିଛି। ବନ୍ୟା ପୀଡ଼ିତଙ୍କୁ ରଖାଯାଉଥିବା ବିଭିନ୍ନ ଅସ୍ଥାୟୀ ଶିବିରରେ ସଂକ୍ରମଣ ବ୍ୟାପିବା ଆରମ୍ଭ କରିଛି।

ବିଶ୍ୱ ଜଳର ସମୁଦାୟ ପରିମାଣର ୯୭.୦୦ ରୁ ୯୭.୫ ଶତାଂଶ ମହାସାଗରରେ ଲୁଣି ପାଣି ଭାବେ ଗଚ୍ଛିତ ଥିବା ବେଳେ କେବଳ ୩.୦୦ ରୁ ୨.୫ ଶତାଂଶ ମଧୁର ଜଳ ସମୁଦ୍ର ବାହାରେ ରହିଛି। ଏହି ସୀମିତ ପରିମାଣ ମଧୁର ଜଳର ୬୮.୭ ଶତାଂଶ ବରଫ କ୍ୟାପ, ହିମବାହ ଏବଂ ସ୍ଥାୟୀ ତୁଷାର ରୂପେ ସୁଉଚ୍ଚ ପାର୍ବତ୍ୟ ଅଞ୍ଚଳରେ କଠିନ ଅବସ୍ଥାରେ ଗଚ୍ଛିତ ରହିଥିବା ବେଳେ ଅବଶିଷ୍ଟ ୩୦.୧ ଶତାଂଶ ଭୂତଳ ଜଳ ଏବଂ ୦.୩ ଶତାଂଶ ଭୂପୃଷ୍ଠ ଜଳ ଅଟେ। ପୃଥିବୀରେ ଜଳ ପ୍ରାକୃତିକ ଭାବରେ ତିନୋଟି ଭିନ୍ନ ଭିନ୍ନ ଭୌତିକ ଅବସ୍ଥାରେ ଦେଖାଯାଏ। ଯଥା - କଠିନ, ତରଳ ଓ ଗ୍ୟାସୀୟ। ଯେତେବେଳେ ତାପମାତ୍ରା ଶୂନ ଡିଗ୍ରୀ ସେଣ୍ଟିଗ୍ରେଡ କିମ୍ବା ତା'ଠାରୁ କମ୍ ହୋଇଯାଏ, ସେତେବେଳେ ଜଳ କଠିନ ଅବସ୍ଥା ବା ବରଫରେ ପରିଣତ ହୁଏ। ଯେତେବେଳେ ଜଳ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରାର ସଂସ୍ପର୍ଶରେ ଆସେ, ସେତେବେଳେ ଏହା ଗ୍ୟାସୀୟ ଅବସ୍ଥା ବା ବାଷ୍ପରେ ପରିଣତ ହୁଏ। ଏତେ ପରିମାଣ ଜଳ ସଞ୍ଚୟ ରହିବାର ପ୍ରମୁଖ କାରଣ ହେଉଛି ଏହାର କଠିନ ଅବସ୍ଥା। ତେବେ ବିଶ୍ୱ ତାପମାତ୍ରା ବଢ଼ି ଚାଲିଥିବାରୁ ବରଫ ତରଳି ଜଳକୁ ରୂପାନ୍ତର ହେବା ହେତୁ ହିମସ୍ରୋତ ଭାଙ୍ଗି ବାରମ୍ବାର ବନ୍ୟା ଆସିବାରେ ଲାଗିଛି। ସାଧାରଣତଃ ଚିରବରଫାବୃତ ମେରୁ ଅଞ୍ଚଳର ଧାରରେ ଜଳ ତାହାର କଠିନ ଅବସ୍ଥା ତ୍ୟାଗ କରି ତରଳ ଅବସ୍ଥାକୁ ଗମନ କରିବା ଏକ ନିୟମିତ ଘଟଣା ହୋଇଥାଏ।

କ୍ରମାଗତ ନିର୍ଗତ ହେଉଥିବା ସବୁଜ ଗୃହ ବାଷ୍ପ ଓ ଏଲ୍ ନିନୋ ପ୍ରଭାବ ଯୋଗୁଁ ବିଶ୍ୱ ବାୟୁମଣ୍ଡଳ ଅଭୂତପୂର୍ବ ବର୍ଦ୍ଧିତ ଉତ୍ତାପ ଆଡ଼କୁ ଗତି କରୁଛି। ଚଳିତ ଦଶନ୍ଧି ଶେଷ ସୁଦ୍ଧା (୨୦୩୦ ପୂର୍ବରୁ) ବିଶ୍ୱର ହାରାହାରି ତାପମାତ୍ରା, ପ୍ୟାରିସ ଜଳବାୟୁ ଚୁକ୍ତିରେ ସ୍ଥିର ହୋଇଥିବା ୧.୫ ଡିଗ୍ରୀ ସେଲସିୟସର ଗୁରୁତ୍ୱପୂର୍ଣ୍ଣ ସୀମାରେଖାକୁ ଅତିକ୍ରମ କରିବାକୁ ଯାଉଛି। ଜାତିସଂଘର ବିଶ୍ୱ ପାଣିପାଗ ସଂସ୍ଥା ଏବଂ ଜଳବାୟୁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରକାଶିତ ସଦ୍ୟତମ ରିପୋର୍ଟରେ ଏହି ଚେତାବନୀ ଦିଆଯାଇଛି। ୨୦୧୫ ପ୍ୟାରିସ ଚୁକ୍ତିରେ ବିଶ୍ୱର ସମସ୍ତ ଦେଶ ପ୍ରାକ୍ ଶିଳ୍ପାୟନ ଯୁଗ (୧୮୫୦-୧୯୦୦) ହାରାହାରି ତାପମାତ୍ରା ତୁଳନାରେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ଏକବିଂଶତମ ଶତାବ୍ଦୀ ଶେଷ ସୁଦ୍ଧା ୧.୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବାକୁ ସଂକଳ୍ପ ନେଇଥିଲେ। ମାତ୍ର ବିଶ୍ୱ ପାଣିପାଗ ସଂସ୍ଥା ଓ ବ୍ରିଟେନର ମେଟ୍ ଅଫିସ ସଦ୍ୟ ଆକଳନ ଅନୁଯାୟୀ ଆଗାମୀ ବର୍ଷଗୁଡ଼ିକ ମଧ୍ୟରେ ଅନ୍ତତଃ ଗୋଟିଏ ବର୍ଷ ବିଶ୍ୱ ତାପମାତ୍ରାର ଏହି ୧.୫ ଡିଗ୍ରୀ ମାଇଲଖୁଣ୍ଟ ଅତିକ୍ରମ କରିବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି।

ଜାତିସଂଘ ରିପୋର୍ଟ ଦର୍ଶାଇଛି ଯେ ତାପମାତ୍ରା ୧.୫ ଡିଗ୍ରୀ ଟପିବା ଦ୍ୱାରା ପୃଥିବୀରେ ବ୍ୟାପକ ପରିସଂସ୍ଥାୟ ବିପର୍ଯ୍ୟୟ ଦେଖାଦେବ। ପ୍ରଖର ଗ୍ରୀଷ୍ମ ପ୍ରବାହ, ଅସ୍ୱାଭାବିକ ଅତିବୃଷ୍ଟି, ବଜ୍ରପାତ, ଆକସ୍ମିକ ବନ୍ୟା ଏବଂ ସମୁଦ୍ର ପତ୍ତନ ବୃଦ୍ଧି ପାଇଁ ସମୁଦ୍ରକୂଳିଆ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି। ବିଶେଷକରି ହିମାଳୟ ଅଞ୍ଚଳରେ ଥିବା ଗ୍ଲାସିୟରଗୁଡ଼ିକ କ୍ଷୀପ୍ରଗତିରେ ତରଳିବ, ଯାହା ନେପାଳ, ଭାରତ, ଚୀନ୍ ସମେତ ସମଗ୍ର ଦକ୍ଷିଣ ଏସିଆର ଜଳ ଓ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ। ବିଶେଷଜ୍ଞମାନଙ୍କ ଆକଳନ ଅନୁଯାୟୀ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ୪୨୯ ପିପିଏମ୍‌ରୁ ଅଧିକ ହୋଇସାରିଛି। ଏହା ଦର୍ଶାଉଛି ଯେ ସ୍ଥାୟୀ ଭାବେ ତାପମାତ୍ରା ବୃଦ୍ଧି ପାଇବା ପୂର୍ବରୁ ବିଶ୍ୱ ସମ୍ଭାବ୍ୟ ସଙ୍କଟର ନିକଟତର ହେଉଛି। ତେଣୁ ଜୀବାଶ୍ମ ଇନ୍ଧନର ବ୍ୟବହାର କମାଇ ୨୦୫୦ ସୁଦ୍ଧା 'ନେଟ ଜିରୋ' ଲକ୍ଷ୍ୟ ହାସଲ କରିବାକୁ ଜାତିସଂଘ ସମସ୍ତ ରାଷ୍ଟ୍ରଙ୍କୁ ଆହ୍ୱାନ ଦେଇଛି।

ନେପାଳ ହେଉଛି ଏକ ବିକାଶଶୀଳ ମିଶ୍ରିତ ଅର୍ଥନୀତି, ଯାହା କୃଷି, ସେବା, ଶିଳ୍ପ ଓ ପର୍ଯ୍ୟଟନ ଦ୍ୱାରା ପରିଚାଳିତ। ପର୍ଯ୍ୟଟନ ହେଉଛି ନେପାଳୀ ଅର୍ଥନୀତିର ମେରୁଦଣ୍ଡ। ଅତ୍ୟଧିକ ସଂଖ୍ୟାରେ ପର୍ଯ୍ୟଟକମାନଙ୍କର ଅନୁପ୍ରବେଶ ହିମାଳୟର ସ୍ପର୍ଶକାତର ପରିବେଶ ଉପରେ ଯେଉଁ ଚାପ ସୃଷ୍ଟି କରିଥାଏ, ତା'ର ଯେ ବର୍ତ୍ତମାନର ବିପର୍ଯ୍ୟୟ ସହିତ ସମ୍ପର୍କ ନାହିଁ, କିଏ କହିପାରିବ? ପର୍ଯ୍ୟଟନର ବିକାଶ ପାଇଁ ଯେଭଳି ରାସ୍ତାଘାଟ, ଜନବସତି, ଗାଡ଼ିମୋଟର ଓ ବଜାର ଦ୍ରୁତଗତିରେ ଚାଲିଛି ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ତଥା ଅନ୍ୟାନ୍ୟ ଭିତ୍ତିଭୂମି ସଂପ୍ରସାରଣ ହେବାରେ ଲାଗିଛି, ତାହା ସ୍ଥାନୀୟ ପରିସଂସ୍ଥାର ଧାରଣୀୟ ଶକ୍ତିକୁ ଅତିକ୍ରମ କରିସାରିଛି। ନେପାଳ ସୀମାନ୍ତବର୍ତ୍ତୀ ଭାରତର ରାଜ୍ୟଗୁଡ଼ିକ ହେଉଛି ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ସିକିମ୍, ଭୁଟାନ (ଏକ ପୃଥକ ଦେଶ)। ଚୀନ୍ ଏହାର ଉତ୍ତର ପାର୍ଶ୍ୱରେ ଅବସ୍ଥିତ। ନେପାଳର ସୀମା ଚୀନ୍ ସହିତ ୨, ୯୨୬ କିମି ଥିବା ବେଳେ ଭାରତ ସହିତ ୧, ୬୯୦ କିମି ରହିଛି। ଏହି ସବୁ ରାଜ୍ୟ ଏବଂ ପଡ଼ୋଶୀ ରାଷ୍ଟ୍ରମାନଙ୍କ ପାଇଁ ବିପଦ ମାଡ଼ି ଆସିବା ସହିତ ଏହା ସମଗ୍ର ବିଶ୍ୱ ପାଇଁ ଏକ ସତର୍କ ଘଣ୍ଟି।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ମାଗଣା ବଣ୍ଟନ ଓ ମେଣ୍ଢାର ଲୋମ ଅପହରଣ

**ବୈକୁଣ୍ଠନାଥ ମିଶ୍ର**

କ୍ଷୁଦ୍ର ଗଳ୍ପଟିଏ, ଯାହା ଊଣା ଅଧିକେ ସମସ୍ତଙ୍କୁ ଜଣାଥିବ। କୌଣସି ଏକ ଦେଶର ରାଜା ଥରେ ଘୋଷଣା କଲେ ଯେ ମୋ ଦେଶର ମେଷମାନେ ପ୍ରବଳ ଶୀତ ପ୍ରକୋପରୁ ବେଶ୍ କଷ୍ଟ ଭୋଗୁଛନ୍ତି। ତେଣୁ ଶୀତ ଦିନ ଆରମ୍ଭରୁ ସେମାନଙ୍କୁ ପରିବାର ପିଛା ଗୋଟିଏ ଲେଖାଁ କମ୍ବଳ ଦାନ କରାଯିବ। ଏକଥା ଶୁଣି ମେଷମାନଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଗଲା। ସେମାନେ କୁହାକୁହି ହେଲେ- ଆମ ରାଜାଙ୍କ ପରି ସୁଶାସକ ଓ ବଦାନ୍ୟ ବ୍ୟକ୍ତି ଏ ସଂସାରରେ ବିରଳ। ମଣିଷଙ୍କ ସହ ଆମ ଦୁଃଖ ଦୂର କରିବା ପାଇଁ ମଧ୍ୟ ରାଜା ବ୍ୟବସ୍ଥା କରିଛନ୍ତି। ଏଣିକି ଶୀତ କାକରରେ ଆମକୁ କଷ୍ଟ ଭୋଗିବାକୁ ହେବନାହିଁ। ସମସ୍ତେ ଆନନ୍ଦରେ ଅଧୀର ହୋଇ ନୃତ୍ୟ କରୁଥିବା ବେଳେ ନିରବରେ ବସିଥିବା ଏକ ମେଷଶାବକ ଏ କଥାକୁ ପସନ୍ଦ କଲାନାହିଁ। ସେ ତା ମା'କୁ ପଚାରିଲା- 'ରାଜା ଏତେ ପରିମାଣରେ କମ୍ବଳ ଦାନ କରିବା ପାଇଁ ବହୁ ପରିମାଣର ପଶମ ଦରକାର। ଏତେ ପଶମ ରାଜା କେଉଁଠୁ ପାଇବେ?' ମା'ନିରବ ରହିବାର ଦେଖି ଶାବକ କହିଲା- 'ଆମ ଲୋମ ହେଉଛି ପଶମ, ଯେଉଁଥିରୁ କମ୍ବଳ ପ୍ରସ୍ତୁତ ହେବ। ଏତେ ସଂଖ୍ୟାରେ କମ୍ବଳ ପ୍ରସ୍ତୁତ ପାଇଁ ଆମ ସମସ୍ତଙ୍କ ଦେହରୁ ଲୋମ କାଟି ନିଆଯାଇ ଆମକୁ ଲୋମହୀନ କରି ଦିଆଯିବ। ଆମ ଲୋମ ଆମକୁ ଶୀତକାକରରୁ ପ୍ରାକୃତିକ ଭାବେ ସୁରକ୍ଷା ଦେଉଛି। ଲୋମବିହୀନ ଭାବେ ଚରମ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହେବା ଏକପ୍ରକାର ନିଶ୍ଚିତ। ସୁତରାଂ ରାଜାଙ୍କର ଏକ ଦୁରଭିସନ୍ଧିମୂଳକ ଦାନକୁ ପ୍ରତ୍ୟାଖ୍ୟାନ କରାଯାଉ। ନଚେତ୍ ମେଷ ବଂଶ ଲୋପପାଇଯିବ।' ହେଲେ ଶାବକର କଥା କେହି ଶୁଣିଲେ ନାହିଁ। ତା' କଥା ସତ ହେଲା। କମ୍ବଳ ତିଆରି ପାଇଁ ସମସ୍ତ ମେଷଙ୍କୁ ଲୋମବିହୀନ କରିଦିଆଗଲା। କମ୍ବଳ କେବେ ବି ସେମାନଙ୍କୁ ସେତିକି ସୁରକ୍ଷା ଦେଇପାରିଲା ନାହିଁ, ଯାହା ତାଙ୍କ ଶରୀରର ଲୋମ ତାଙ୍କୁ ସୁରକ୍ଷା ଦେଉଥିଲା।

ବର୍ତ୍ତମାନ ଆମମାନଙ୍କର ଅନୁରୂପ ଅବସ୍ଥା। ସରକାର ପ୍ରସ୍ତୁତ କରୁଥିବା ସମସ୍ତ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ପାଇଁ ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକ ହୋଇଥାଏ, ଯାହା ଦେଶବାସୀଙ୍କର କଷ୍ଟଲବ୍ଧ ଆୟର ପରୋକ୍ଷ ଅବଦାନ। ଆମର ଟିକସ ଅର୍ଥରେ ବିଭିନ୍ନ ଲୋଭନୀୟ ଯୋଜନାରେ ଅର୍ଥ ବିନିଯୋଗ ସରକାରଙ୍କର ଦାନ ନୁହେଁ, ଗରିବର ଝାଳବୁହା ସମ୍ପତ୍ତିର ଏକ ମୁଖ୍ୟ ଅଂଶ। ନିର୍ବାଚନ ସମୟରେ କୁହାଯାଇଥିଲା ସୁଭଦ୍ରା ଯୋଜନାରେ ବାର୍ଷିକ ପଚାଶ ହଜାର ଟଙ୍କା ଭାଉଚର ଆକାରରେ ଦିଆଯିବ। ଅର୍ଥାତ୍ ପ୍ରଥମ କିସ୍ତି କିପରି ବ୍ୟୟ ହେଲା ତା'ର ଭାଉଚର ଦାଖଲ କଲେ ଯାଇ ପରବର୍ତ୍ତୀ କିସ୍ତି ମିଳିବ। ନିର୍ବାଚନ ପରେ ଭାଉଚର ଦାଖଲ ପ୍ରଥାକୁ ଉଠାଇ ବର୍ଷକୁ ଦୁଇଟି କିସ୍ତିରେ ଦଶ ହଜାର ଲେଖାଏଁ ଦିଆଯାଉଛି। ଉକ୍ତ ଅର୍ଥ କୌଣସି ବ୍ୟବସାୟରେ ବିନିଯୋଗ କରିବା ସମ୍ଭବ ନୁହେଁ। ତେଣୁ ତାହା ସୌଖୀନ ଦ୍ରବ୍ୟ କିଣିବାରେ ବ୍ୟୟ ହେଉଛି। ଏପରିକି ଉକ୍ତ ଅର୍ଥକୁ ହାତେଇବା ପାଇଁ ସ୍ୱାମୀମାନଙ୍କର ସ୍ଥଳବିଶେଷରେ ଦୌରାତ୍ମ୍ୟ ସବୁସୀମା ଟପିଯାଇଛି। ଏପରିକି ପତ୍ନୀକୁ ହତ୍ୟା କରାଯାଉଥିବାର ଚାଞ୍ଚଲ୍ୟକର ସମ୍ବାଦ ଶୁଣିବାକୁ ମିଳୁଛି। ତଥାକଥିତ ମାଗଣା ଅର୍ଥ ପ୍ରାପ୍ତି ସୁଖବଦଳରେ ଦୁଃଖକୁ ଆମନ୍ତ୍ରଣ କରୁଛି।

ସେହିପରି ଧାନ ଦର କ୍ୱିଣ୍ଟାଲପିଛା ୩୧୦୦ ଦେବା ମଧ୍ୟ ରାଜ୍ୟର ଅନ୍ୟ ଏକ ପରୋକ୍ଷ କ୍ଷତିକୁ ଆମନ୍ତ୍ରଣ କରିଛି। କୃଷକ ପ୍ରଲୁବ୍ଧ ହୋଇ ଅନ୍ୟ ସମସ୍ତ ଅର୍ଥକରୀ ଫସଲ ଯଥା ନଳିତା, ଆଖୁ, କପା ଓ ସ୍ଥଳବିଶେଷରେ ପନିପରିବା ଚାଷକୁ ଛାଡ଼ି କେବଳ ଧାନଚାଷ ଉପରେ ଗୁରୁତ୍ୱ ଦେଇଛି। ୨୦୨୫-୨୬ବର୍ଷରେ ଅନୁକୂଳ ପାଗଯୋଗ ଯୋଗୁଁ କୃଷକ ଧାନଚାଷରେ ବେଶ୍ ଲାଭବାନ ହୋଇଥିଲା। ମାତ୍ର ୨୦୨୬-୨୭ କୃଷି ଉପରେ କୌଣସି ନିଶ୍ଚିତ ଅମଳର ସୂଚନା ମିଳୁନାହିଁ। ଲଘୁଚାପ ଜନିତ ବର୍ଷା ଓ ବନ୍ୟା ବିପ୍ରୀତ ଚାଷ ପାଇଁ ଘୋର ସଙ୍କଟ ସୃଷ୍ଟି କରିଛି। ଜଣାନାହିଁ ଆଗକୁ ଆସୁଥିବା ସମୟରେ ବାତ୍ୟା, ମରୁଡ଼ି ହେବ ନାହିଁ ବୋଲି। କିନ୍ତୁ ଏକଥା ନିଶ୍ଚିତ ଯେ ଗତବର୍ଷ ପରି ଏବର୍ଷ ଖରିଫ ଧାନରେ ଚାଷୀ ସେତିକି ଲାଭବାନ ହେବନାହିଁ। ଉପକୂଳ ଓଡ଼ିଶାରେ ଚାଷୀ ନଳିତା ଚାଷକରି ଝୋଟ ପ୍ରସ୍ତୁତ କରୁଥିଲା ଏବଂ ସେହି ଝୋଟରୁ ପ୍ରସ୍ତୁତ ହେଉଥିଲା ନାନାବିଧ କୁଟୀର ଶିଳ୍ପ, ଯାହା ତା'ର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରୁଥିଲା।

ସରକାରଙ୍କର ଅନ୍ୟ ଏକ ଲୋକପ୍ରିୟ ଯୋଜନା ହେଲା ବାର୍ଦ୍ଧକ୍ୟ ଭତ୍ତା। ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି ମାସିକ ଏକହଜାର ଟଙ୍କା ଓ ଅଶୀବର୍ଷରୁ ଊର୍ଦ୍ଧ୍ୱ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ୩୫୦୦ଟଙ୍କା ଭତ୍ତାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ବର୍ଗର ଭତ୍ତା ଯଥାର୍ଥ ମନେହେଲେବି ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରଦତ୍ତ ଭତ୍ତା ରାଜ୍ୟର ଶ୍ରମକାତରତାକୁ ପ୍ରଶ୍ରୟ ଦେଉଛି। କେବଳ ସରକାରୀ କର୍ମଚାରୀ ଓ ପେନ୍‌ସନ୍ ଭୋଗୀଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଭତ୍ତା ପାଉଛନ୍ତି। ଏହାଦ୍ୱାରା କୃଷି କର୍ମଣ ପ୍ରଭାବିତ ହେଉଛି। ଟ୍ରାକ୍ଟର ଦ୍ୱାରା ହଳ, ବିଦେଶୀ ମଜୁରିଆଙ୍କ ଦ୍ୱାରା ତଳି ଉପଡ଼ା ଓ ରୋପଣ ଏବଂ ପରିଶେଷରେ ହାର୍‌ଭେଷ୍ଟର ଦ୍ୱାରା ଅମଳ କରିବା ଫଳରେ ଗ୍ରାମୀଣ ଚାଷୀ କୃତ୍ରିମ ବେକାରୀର ସମ୍ମୁଖୀନ ହୋଇ କର୍ମ ସମୟ ଅପଚୟ କରି ତାସ୍ ଖେଳରେ ମାତିଯାଉଛି। ଏହାବ୍ୟତୀତ ମୁଣ୍ଡପିଛା ପାଞ୍ଚକିଗ୍ରା (ଯାହା ବର୍ତ୍ତମାନ ୧୦କିଗ୍ରା) ଚାଉଳ ପ୍ରଦାନର ବ୍ୟବସ୍ଥା ମଧ୍ୟ ଅଛି। କୃଷକ ଧାନ ଅମଳ କରି ବିକ୍ରି କରିବ ଏବଂ ପଡ଼ି ଚାଉଳ ଖାଇ ପରିବାର ବଞ୍ଚିବ - ଏଭଳି ବ୍ୟବସ୍ଥା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ବର୍ତ୍ତମାନ ଗ୍ରାମାଞ୍ଚଳରେ ଦୈନିକ ମଜୁରୀ ୪୦୦ ରୁ ୫୦୦ ଟଙ୍କା। ଦିନେ ଦୁଇଦିନ କାମ କରିଦେଲେ ପରିବାରର ଗୁଜୁରାଣ ମେଣ୍ଟିଯିବ। ସରକାରଙ୍କ ଦ୍ୱାରା ପ୍ରଦତ୍ତ କୃଷି ସହାୟତା ରାଶି ପ୍ରକୃତ ଚାଷୀ ଯେତିକି ପାଉଛନ୍ତି ତା'ଠାରୁ ଅଧିକ ସଂଖ୍ୟାରେ ପାଉଛନ୍ତି ଅଣଚାଷୀ।

ଲୋକଙ୍କୁ କେବଳ କିଛି ଭତ୍ତାଟଙ୍କା, ପଡ଼ି ଚାଉଳ ଓ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ସାମାନ୍ୟ ସହାୟତା ଯୋଗାଇ ଦେଇ ସେମାନଙ୍କଠାରୁ ପ୍ରାକୃତିକ ସମ୍ପଦ, ବୃକ୍ଷଲତା, ନଦୀ, ଝରଣା ଓ ଯୁଗଯୁଗ ଧରି ରହିଆସିଥିବା ପାହାଡ଼ ପର୍ବତ ଉପରେ ସେମାନଙ୍କ ଅଧିକାରକୁ ଛିନ୍ନ କରିବା ଠିକ୍ ସେହି ମେଷମାନଙ୍କଠାରୁ ତାଙ୍କ ଲୋମ ଅପହରଣ କରି ତାଙ୍କୁ କମ୍ବଳ ଦାନ କରିବା ସଙ୍ଗେ ସମାନ।

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

## ଅପ୍ରତିଦ୍ୱନ୍ଦ୍ୱୀ ଶବ୍ଦ-ସ୍ଥପତି: ସୁରେନ୍ଦ୍ର ମହାନ୍ତି

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ପ୍ରସ୍ତର ଗାତ୍ରରେ ସ୍ୱକୀୟ ଅଲିଭା କୀର୍ତ୍ତିର ସ୍ୱାକ୍ଷର ସଂରକ୍ଷିତ ରଖିଯାଇଥିବା ଜଣେ ଜଣେ ଶ୍ରେଷ୍ଠ କୋଣାର୍କ-ଶିଳ୍ପୀଙ୍କ ସହ ହିଁ ତୁଳନୀୟ ଓଡ଼ିଆ ଗଦ୍ୟ-ସାହିତ୍ୟର ବିସ୍ମୟକର ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି। ଗଦ୍ୟରଚନାର କେଉଁ ବିଭାଗ ଅବା ଗୌରବମଣ୍ଡିତ ହୋଇନାହିଁ ତାଙ୍କ ନିରବଚ୍ଛିନ୍ନ ସାଧନା ଓ ସୁଦୃଢ଼ ସଂକଳ୍ପ-ସ୍ପର୍ଶରେ! ସୁରେନ୍ଦ୍ର ମହାନ୍ତିଙ୍କ ଭାବମୂର୍ତ୍ତି ଅନ୍ତର୍ଚକ୍ଷୁରେ ଦର୍ଶନ କରିବାର ଆକାଂକ୍ଷାରେ ଆଲୋଡ଼ିତ ହେଲେ ଦୃଷ୍ଟି ପଥାରୂଢ଼ ହୁଅନ୍ତି ସତେଯେମିତି ବୌଦ୍ଧଯୁଗର କେଉଁ ଜ୍ଞାନଦୀପ୍ତ ଧ୍ୟାନମଗ୍ନ ସନ୍ନ୍ୟାସୀ। କୋଣାର୍କ ମନ୍ଦିର ପରିସରରେ ପ୍ରସ୍ତର ମୂର୍ତ୍ତି ମଧ୍ୟରେ ଜୀବନ-ସ୍ପନ୍ଦନ ସୃଷ୍ଟି-କ୍ଷମ ଅମ୍ଳାନ ବଦନ ଏକ ଏକ ଭାସ୍କର୍ଯ୍ୟ ଶିଳ୍ପୀ। ଗଳ୍ପ, ଉପନ୍ୟାସ, ଜୀବନୀ, ପ୍ରବନ୍ଧ, ଭ୍ରମଣକାହାଣୀ, ସାହିତ୍ୟ ସମୀକ୍ଷା ଆଦି ଯେକୌଣସି ବିଭାଗରେ ସେ ଲେଖନୀଚାଳନା କରିବା ମାତ୍ରକେ ଯେଉଁ ଶବ୍ଦ-ଶିଳ୍ପ ଓ ଗଠନ କୌଶଳର ଅଭିନବତ୍ୱ ଅଭିଭୂତ କରିଦିଏ ପାଠକ-ଚିତ୍ତକୁ, ସେଥିରୁ ହିଁ ନିର୍ଣ୍ଣିତ ହୋଇଯାଏ ସୁରେନ୍ଦ୍ର- ପ୍ରତିଭାର ସ୍ୱାତନ୍ତ୍ର୍ୟ।

'ନୀଳଶୈଳ', 'ନୀଳାଦ୍ରି ବିଜୟ', 'ଅନ୍ଧ ଦିଗନ୍ତ', 'ଆଜୀବକର ଅଟ୍ଟହାସ', 'କୃଷ୍ଣାବେଣୀରେ ସନ୍ଧ୍ୟା' ଆଦି ଉପନ୍ୟାସ ଏକ ଏକ ଗଦ୍ୟ ମହାକାବ୍ୟ। 'ସାରୀପୁତ୍ତ', 'ମହାନିର୍ବାଣ', 'ଅମ୍ବାପାଲ୍ଲୀ' ପରି ଗଳ୍ପରେ ଭରି ରହିଛି ତଦନୁରୂପ ମହାକାବ୍ୟିକ ଆବେଦନ। ସାମାଜିକ, ଐତିହାସିକ, ମନସ୍ତାତ୍ତ୍ୱିକ, ପୌରାଣିକ ଆଦି ସବୁପ୍ରକାର ବିଷୟ ତାଙ୍କ କଥନ-କଳାର ଯାଦୁକରୀ ଆକର୍ଷଣ ଶକ୍ତି ସଂଯୋଗରେ ପ୍ରାଣ-ପ୍ରାଚୁର୍ଯ୍ୟପୂର୍ଣ୍ଣ ହୋଇ ଉଠିଛି। କେବଳ ପରୀକ୍ଷାର ପ୍ରଲୋଭନରେ ସେ ଭିନ୍ନ ଭିନ୍ନ ଭାଷା ଶୈଳୀ ପ୍ରୟୋଗ କରିନାହାନ୍ତି; ପାରମ୍ପରିକ ଭାଷାରେ ନିଜକୁ ଯଥୋଚିତ ଭାବରେ ପ୍ରକାଶ କରି ନ ପାରିବାର ଅତୃପ୍ତିରୁ ସେ ଆବିଷ୍କାର କରିଛନ୍ତି ନିଜ ପାଇଁ ଏକ ସ୍ୱତନ୍ତ୍ର ଶୈଳୀ। ତାହା ପ୍ରଥମେ ଥିଲା ବିକ୍ଷିପ୍ତ, ଚେତନା ପ୍ରବାହଧର୍ମୀ। 'କୃଷ୍ଣଚୂଡ଼ା' ଗଳ୍ପଟି ସେଥିପାଇଁ ଲେଖକଙ୍କୁ ପ୍ରଦାନ କରିଥିଲା ଆଶାତୀତ ପ୍ରସିଦ୍ଧି। 'ଭାଗାବଣ୍ଡ' ଚରିତ୍ରର ମାନସିକତାକୁ ରୂପାୟିତ କରୁଥିବା ସ୍ରଷ୍ଟା କ୍ଲାସିକ ଗଳ୍ପ ଓ ଉପନ୍ୟାସ ରଚନାରେ ପ୍ରତିପାଦନ କରିଦେଇଛନ୍ତି ନିଜର ଅସାମାନ୍ୟ ଦକ୍ଷତା। ଐତିହାସିକ ଉପନ୍ୟାସ ମଧ୍ୟରେ ସଂସ୍ଥାପିତ କରିପାରିଛନ୍ତି ପୁଣି କାଳ୍ପନିକ ଚରିତ୍ରର ମହତ୍ତ୍ୱ।

'ନୀଳଶୈଳ' ଉପନ୍ୟାସର ଏମିତି କୌଣସି ପାଠକ ନାହାନ୍ତି, ଯାହାଙ୍କ ଅନ୍ତରରେ ସରଦେଇ ଏକ ନିଥର, ନିଶ୍ଚଳ ସରୋବରର ପ୍ରଶାନ୍ତି ଭରିଦେଇନାହିଁ। 'ଫେରିଯାଅ ଭିକ୍ଷୁ ମୁଁ ଚାହେଁ ଜୀବନ, ନିର୍ବାଣ ନୁହେଁ '- 'ସାରୀପୁତ୍ତ' ଗଳ୍ପର ଏହି ବାକ୍ୟ କାହା ହୃଦୟରେ ପ୍ରତିଧ୍ୱନିତ ହୋଇନାହିଁ ବାରମ୍ବାର! ଏକ ଭୟଙ୍କର ଝଡ଼ତୋଫାନ ଅନ୍ତେ କାହା ପ୍ରାଣର ଅର୍ଥହୀନ ଅହଂକାର ଭୁଶୁଡ଼ି ପଡ଼ିନାହିଁ 'କାଳାନ୍ତର' ଉପନ୍ୟାସ ପାଠ କରି! ସୁରେନ୍ଦ୍ର ମହାନ୍ତି ସମଗ୍ର ବିଶ୍ୱସାହିତ୍ୟ ଭିତରେ ଅବଗାହନ କରିଛନ୍ତି। ସିଏ ହିଁ ସାରଳା ମହାଭାରତର ପ୍ରେରଣାରେ 'ଶ୍ରୀକୃଷ୍ଣଙ୍କ ଶେଷ ହସ'କୁ ଲିଭାଇ ଦେଇପାରନ୍ତି, ଔଦ୍ଧତ୍ୟମୟ 'ଯଦୁବଂଶ' ଧ୍ୱଂସ କରି ଦେଇପାରନ୍ତି। ନିଜେ ସେ ପ୍ରତ୍ୟକ୍ଷ ରାଜନୀତିରେ ଜଡ଼ିତ ଥିଲେ। ମାତ୍ର ନିର୍ବାଚନରେ ପରାଜୟ ବରଣ କରି ନିଜକୁ ନିୟୋଜିତ କରନ୍ତି ସାହିତ୍ୟ ସାଧନାରେ।

ତାଙ୍କ ସାହିତ୍ୟ ବୈଚିତ୍ର୍ୟମୟ। କେତେପ୍ରକାରର ଚରିତ୍ର, ଭିନ୍ନ ଭିନ୍ନ ପରିବେଶ, ମଣିଷ ଜୀବନର ବିବିଧ ସ୍ତର ସେଥିରେ ସମ୍ପୃକ୍ତ। କୌଣସି ନିର୍ଦ୍ଦିଷ୍ଟ ଜୀବନ ଦର୍ଶନ ମଧ୍ୟରେ ସୀମିତ ନଥିଲା ତାଙ୍କ ବିପୁଳାୟତନ ସାହିତ୍ୟସୃଷ୍ଟିର ସନ୍ଦେଶ। ଏହାସତ୍ତ୍ୱେ ସେ ମଣିଷର ସବୁ ଆସ୍ଫାଳନକୁ ଧୂଳିସାତ କରିଦେଇ ବିବେକର ପ୍ରଦୀପ ପ୍ରଜ୍ୱଳିତ କରିପାରିଛନ୍ତି। ଏହା ତାଙ୍କର ମଣିଷ ପ୍ରତି ଅଟଳ ଆସ୍ଥାଶୀଳତା ନିଶ୍ଚିତ ଭାବରେ। 'ଶତାବ୍ଦୀର ସୂର୍ଯ୍ୟ' ଓ 'କୁଳବୃଦ୍ଧ'ରେ ସ୍ୱତନ୍ତ୍ର ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନଙ୍କ ବିଶାଳ ବ୍ୟକ୍ତିତ୍ୱ ସ୍ତବ୍ଧ କରିଦେଇଛି ଧ୍ୟାନସ୍ଥ ପାଠକର ଚିତ୍ତକୁ। ଫକୀରମୋହନ ସେନାପତିଙ୍କ ମହିମ୍ନ ଜୀବନଧାରା ଓ ଶାଶ୍ୱତ ସାହିତ୍ୟିକ ଅବଦାନର ଅନୁଶୀଳନ 'ଫକୀରମୋହନ ସମୀକ୍ଷା' ପୁସ୍ତକରେ ଯେଉଁ ତନ୍ମୟତା ନେଇ ସେ କରିପାରିଛନ୍ତି, ସେହି ଅନ୍ତଃଦୃଷ୍ଟିର ଉନ୍ମୋଚନ 'ଓଡ଼ିଆ ସାହିତ୍ୟର ଆଦିପର୍ବ'ରେ ସେ ମହାକବି ସାରଳା ଦାସଙ୍କ କ୍ଷେତ୍ରରେ ମଧ୍ୟ ପ୍ରଦର୍ଶନ କରି ଦେଇଛନ୍ତି ବଳିଷ୍ଠ ଭାବରେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦକ୍ଷିଣରେ ଅବିଶ୍ରାନ୍ତ...

ପ୍ରଭାବରେ କୋରାପୁଟର ସିମିଳିଗୁଡ଼ାରେ ସର୍ବାଧିକ ୨୩୦ ମିମି ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ୍ ୩୯.୧ ମିମି ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୭.୪ ମିମି ତୁଳନାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ୪୩୧ ପ୍ରତିଶତ ଅଧିକ ରହିଛି। କେବଳ ଝାରସୁଗୁଡ଼ାକୁ ଛାଡ଼ିଦେଲେ ସାରା ରାଜ୍ୟରେ ସ୍ୱାଭାବିକଠାରୁ ଅତ୍ୟଧିକ ବର୍ଷା ଅନୁଭୂତ ହୋଇଛି। ଆସନ୍ତାକାଲି ମଧ୍ୟ ପ୍ରବଳ ବର୍ଷାର ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗୁରୁବାର ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ନବରଙ୍ଗପୁର ପାଇଁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି ବରଗଡ଼, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ବାକି, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୫ରେ ଅପେକ୍ଷାକୃତ ବର୍ଷା କମିଲେ ମଧ୍ୟ ପରବର୍ତ୍ତୀ ଦୁଇ ଦିନ ପର୍ଯ୍ୟନ୍ତ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଏହି ଗଭୀର ଅବପାତ ସ୍ଥଳଭାଗ ଅତିକ୍ରମ କରିସାରିବା ପରେ ଆଣ୍ଡାମାନ ସାଗରରେ ଶେଷ ସପ୍ତାହରେ ପୁଣି ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବାର ଆଶଙ୍କା ରହିଛି। ଦକ୍ଷିଣ ଚାଇନା ସାଗରରୁ ଏହି ଘୂର୍ଣ୍ଣିବଳୟ ପ୍ରବେଶ କରିବାକୁ ଥିବା ବେଳେ ଏହା ପ୍ରଭାବରେ ଅକ୍ଟୋବର ପ୍ରଥମ ସପ୍ତାହ ବେଳକୁ ପୁଣି ଗୋଟିଏ ପର୍ଯ୍ୟାୟ ବର୍ଷା ଆଶଙ୍କା ସୃଷ୍ଟି ହୋଇଛି। ଅକ୍ଟୋବର ୧ରୁ ବାତ୍ୟା ଋତୁ ଆରମ୍ଭ ହୋଇଯାଉଥିବାରୁ ସମ୍ଭାବ୍ୟ ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହେବାକୁ ଥିବା ଲଘୁଚାପ କେତେ ଘନୀଭୂତ ହେବ ତାକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା...

ମୁକାବିଲା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମରେ ୬, ଗଜପତିରେ ୩, କୋରାପୁଟରେ ୬, ମାଲକାନଗିରିରେ ୩, ରାୟଗଡ଼ାରେ ୩, କଳାହାଣ୍ଡିରେ ୨ ଏବଂ ବଲାଙ୍ଗିରରେ ୧ଟି ଟିମ୍ ମୁତୟନ ହୋଇଛି। ଗଞ୍ଜାମର ଛତ୍ରପୁରସ୍ଥିତ ଓଡ୍ରାଫ୍ ୟୁନିଟ୍‌ର ୯ଟି ଟିମ୍ ରିଜର୍ଭ ରଖାଯାଇଛି। ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ସମସ୍ତ ବନ୍ଦରରେ ସ୍ଥାନୀୟ ସତର୍କ ସଙ୍କେତ ୩ ଉତ୍ତୋଳନ କରାଯାଇଛି ଏବଂ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ଓ ବ୍ଲକ୍ ଆପାତକାଳୀନ କାର୍ଯ୍ୟ କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟିଆ କାର୍ଯ୍ୟରତ ରଖିବା, ସମ୍ବେଦନଶୀଳ ବସତି ଚିହ୍ନଟ କରିବା, ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା ଏବଂ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ପାନୀୟ ଜଳ ଓ ପରିଷ୍କାରତା ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ସେବା ଦଳକୁ ପୂର୍ବରୁ ମୁତୟନ ଓ ସଜ ରଖାଯାଇଥିବା ବେଳେ ଉଦ୍ଧାର ନୌକା, ଲାଇଫ୍ ଜାକେଟ୍ ଓ ପାୱାର ବୋଟ୍ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ନିରୀକ୍ଷଣ, ନିମ୍ନାଞ୍ଚଳ ଅଣ୍ଡରପାସ୍‌ରେ ଡି-ୱାଟରିଂ ପମ୍ପ ମୁତୟନ ଏବଂ ଆବଶ୍ୟକସ୍ଥଳେ ଟ୍ରାଫିକ୍ ଡାଇଭର୍ସନ୍ ପାଇଁ ମଧ୍ୟ ପ୍ରସ୍ତୁତି ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଶକ୍ତି , ବାଣିଜ୍ୟ ଓ ପରିବହନ, ନିର୍ମାଣ , କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗକୁ ମଧ୍ୟ ଆବଶ୍ୟକ ପ୍ରସ୍ତୁତି ସହ ସଜାଗ ରହିବାକୁ କୁହାଯାଇଛି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ବାଚନ କମିସନରେ...

ପାଇଛି। ରିପୋର୍ଟ ଅନୁଯାୟୀ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଅନ୍ୟ ଦୁଇ ଜଣ କମିସନର ସୁଖବିର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀଙ୍କୁ ଗୁରୁତ୍ୱ ଦେଉ ନାହାନ୍ତି। ସେମାନଙ୍କୁ ଅନ୍ଧାରରେ ରଖି ସବୁ ନିଷ୍ପତ୍ତି ନିଆଯାଉଛି। ବିଶେଷ କରି ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ସେମାନେ ଉଠାଉଥିବା ଆପତ୍ତିକୁ ଉପେକ୍ଷା କରାଯାଇଛି। ନୂଆ ଭୋଟରଙ୍କୁ ଯୋଡ଼ିବା ଏବଂ ତାଲିକାରୁ ଭୋଟରମାନଙ୍କୁ ବାଦ୍ ଦେବା ପାଇଁ ଯେଉଁ ପ୍ରକ୍ରିୟା ଗ୍ରହଣ କରାଯାଉଛି, ତାହାକୁ ସେମାନେ ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇଛନ୍ତି। ନୂଆ ଭୋଟରଙ୍କୁ ଯୋଡ଼ିବା ସହିତ ନାମ କାଟିବା ଲାଗି ଯେଉଁ ଡାଟାବେସ୍ ରହିଛି, ତାହାର ଦିଲ୍ଲୀରେ କେନ୍ଦ୍ରୀକରଣ କରାଯାଉଥିବାରୁ ସେମାନେ ଏହାର ତୀବ୍ର ବିରୋଧ କରିଛନ୍ତି। ଏହାଫଳରେ ନାମ ଯୋଡ଼ିବା ଓ କାଟିବା ପ୍ରକ୍ରିୟାରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କର କୌଣସି ଭୂମିକା ରହୁନାହିଁ। ସେମାନେ ଚାହିଁଲେ ଯୋଡ଼ିପାରିବେ ନାହିଁ କି କାଟିପାରିବେ ନାହିଁ। ଏହି ଡାଟାବେସ୍‌କୁ ସ୍ଥାନୀୟ ନିର୍ବାଚନ ଅଧିକାରୀ ଆକସେସ୍ କରି ପାରୁ ନାହାନ୍ତି। ଏସଂକ୍ରାନ୍ତ ସବୁ ନିଷ୍ପତ୍ତି ଦିଲ୍ଲୀ କେନ୍ଦ୍ରରେ ନିଆଯାଉଛି। ପୁଣି ନାମ ଯୋଡ଼ିବା ଲାଗି ଫର୍ମ-୬କୁ ଏଭଳି ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ନାମ ଯୋଡ଼ିବା ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ଏହା ସଂପୂର୍ଣ୍ଣ ରୂପେ ବେଆଇନ ଏବଂ ଅଗଣତାନ୍ତ୍ରିକ ବୋଲି ଦୁଇ କମିସନର ଉଦବେଗ ଜଣାଇ ଜ୍ଞାନେଶ କୁମାରଙ୍କୁ ଚିଠି ଲେଖିଛନ୍ତି। ଗତ ୧୦ ମାସରେ ୧୪ ଥର ସେମାନେ ଏଭଳି ନିଷ୍ପତ୍ତିର ପ୍ରତିବାଦ କରି ଭିନ୍ନମତ ।।ଦେଇଛନ୍ତି। କିନ୍ତୁ ସେମାନଙ୍କ କଥାକୁ ଆଦୌ ଗୁରୁତ୍ୱ ଦିଆଯାଉ ନଥିବାରୁ ସେମାନେ ବାଧ୍ୟ ହୋଇ କ୍ୟାବିନେଟ୍ ସଚିବଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତବର୍ଷ ଅକଟୋବରରୁ ଚଳିତ ବର୍ଷ ଅଗଷ୍ଟ ମଧ୍ୟରେ ସେମାନେ ଯେଉଁ ୧୪ଟି ପ୍ରତିବାଦପତ୍ର ଲେଖିଛନ୍ତି, ସେଥିରେ ଉଲ୍ଲେଖ କରାଯାଇଛି ଯେ ସେମାନଙ୍କ ଅଜାଣତରେ ସେମାନଙ୍କ ନାମରେ ନିଷ୍ପତ୍ତି ହେଉଛି। ଅନେକ ନିଷ୍ପତ୍ତି କଥା ସେମାନେ ଗଣମାଧ୍ୟମରୁ ଜାଣିବାକୁ ପାଉଛନ୍ତି। ବୈଠକ ପୂର୍ବରୁ ଏଜେଣ୍ଡାର କପି ମଧ୍ୟ ଦିଆଯାଉ ନାହିଁ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଚାରବିମର୍ଶ କରାଯାଉ ନାହିଁ। ତିନି ଜଣିଆ ନିର୍ବାଚନ କମିସନରେ କୌଣସି ନିଷ୍ପତ୍ତି ସର୍ବସମ୍ମତକ୍ରମେ ହେଉନାହିଁ ବୋଲି ସେମାନେ ପରୋକ୍ଷରେ ଜଣାଇଛନ୍ତି। ଗତବର୍ଷ ବିହାର ବିଧାନସଭା ନିର୍ବାଚନ ସମୟରୁ ଆରମ୍ଭ ହୋଇଥିବା ବିବାଦୀୟ ଏସ୍‌ଆଇଆରକୁ ତୀବ୍ର ବିରୋଧ କରାଯାଉଛି ଏବଂ ଏସ୍‌ଆଇଆର୍ ଯୋଗୁଁ ୩୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କଟିଗଲାଣି। ଏହାକୁ ନେଇ ଦେଶସାରା ଆକ୍ରୋଶ ଲାଗି ରହିଥିବା ବେଳେ ଏହି ମାମଲାରେ ନିର୍ବାଚନ କମିସନରେ ଫାଟ ଖବର ପ୍ରକାଶ ପାଇଲା ପରେ ଜାତୀୟ ରାଜନୀତି ଉଠୁଛି ପଡ଼ୁଛି।

ଏସ୍‌ଆଇଆର୍ କୁ ଅସ୍ତ୍ର କରି ଭୋଟ ଚୋରି କରାଯାଉଛି ଏବଂ ଗଣତନ୍ତ୍ରର ହତ୍ୟା କରାଯାଉଛି ବୋଲି ଅଭିଯୋଗ କରି ବିରୋଧୀ ଦଳ ସରକାର, ବିଜେପି ଏବଂ ନିର୍ବାଚନ କମିସନଙ୍କୁ ଘେରିବା ପରେ କମିସନ ନିଜ ତରଫରୁ ସଫେଇ ଦେଇଛନ୍ତି। ମତଭେଦ କଥା ସ୍ୱୀକାର କରିବା ସହିତ କମିସନ କହିଛନ୍ତି ଯେ ତିନି ଜଣ ନିର୍ବାଚନ କମିସନରଙ୍କ ବ୍ୟକ୍ତିଗତ ମତ ଓ ମନ୍ତବ୍ୟ ଥାଇପାରେ। କିନ୍ତୁ ଏସ୍‌ଆଇଆର୍ ସଂପର୍କରେ ଯାହାସବୁ ନିଷ୍ପତ୍ତି ନିଆଯାଇଛି, ସେଥିରେ ତିନି ଜଣଙ୍କର ସଂପୂର୍ଣ୍ଣ ରୂପେ ସହମତି ରହିଛି। ସବୁ ନିଷ୍ପତ୍ତି ସର୍ବସମ୍ମତକ୍ରମେ ନିଆଯାଉଛି। ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉଛି ଏବଂ କମିସନରେ କୌଣସି ପ୍ରକାର ମତଭେଦ ନାହିଁ ବୋଲି କମିସନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସେହିଭଳି ବିଜେପି ପକ୍ଷରୁ କୁହାଯାଇଛି ଯେ ଗଣତନ୍ତ୍ରରେ ମତଭେଦ ଏକ ସୁସ୍ଥ ପରମ୍ପରା ଏବଂ ଏହାକୁ ମତଭେଦ କୁହାଯିବା ଉଚିତ ନୁହେଁ। ଏସ୍‌ଆଇଆର୍ ଯୋଗୁଁ ବିଜେପି ପଶ୍ଚିମ ବଙ୍ଗ ନିର୍ବାଚନ ଜିତିଛି ବୋଲି ବିରୋଧୀ ଦଳର ଅଭିଯୋଗକୁ ଖଣ୍ଡନ କରି ବିଜେପି ନେତା କହିଛନ୍ତି ଯେ ବଙ୍ଗ ବିଧାନସଭାର ୨୦ଟି ଆସନରେ ସର୍ବାଧିକ ଭୋଟର କଟିଛନ୍ତି, ସେଥିମଧ୍ୟରେ ୧୩ରେ ମମତାଙ୍କ ଦଳ ବିଜୟୀ ହୋଇଥିବା ବେଳେ ବିଜେପିକୁ ମାତ୍ର ୬ଟି ମିଳିଛି। ଅନ୍ୟପକ୍ଷରେ ବିରୋଧୀ ଦଳ ବିଜେପି ସରକାର ଓ ନିର୍ବାଚନ କମିସନଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ବିଜେପି ପାଇଁ କାମ କରୁଛନ୍ତି। ଏସ୍‌ଆଇଆର୍‌କୁ ଅସ୍ତ୍ର କରି ନିର୍ବାଚନରେ ଯେଉଁ ଜାଲିଆତି ହୋଇଛି, ତାହାର ମାଷ୍ଟରମାଇଣ୍ଡ ହେଉଛନ୍ତି ଜ୍ଞାନେଶ କୁମାର। ତାଙ୍କୁ ଗିରଫ କରି ଜେଲ ପଠାଇବାକୁ ସେମାନେ ଦାବି କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ବିଜେପି-ନିର୍ବାଚନ କମିସନଙ୍କ ଅସାଧୁ ମେଣ୍ଟ ଯେ ଭୋଟ ଚୋରି କରିବା ସହିତ ସମ୍ବିଧାନ ଉପରେ ଆକ୍ରମଣ କରିଛନ୍ତି। ସେମାନଙ୍କ ଏତାଦୃଶ କାର୍ଯ୍ୟକୁ ଦେଶଦ୍ରୋହ ବୋଲି ସେ କହିଛନ୍ତି। ମମତା ବାନାର୍ଜୀ, ଅଖିଳେଶ ଯାଦବ ଏବଂ ଉଦ୍ଧବ ଠାକରେ କହିଛନ୍ତି ଯେ ନିର୍ବାଚନ କମିସନରେ ମତଭେଦରୁ ସ୍ପଷ୍ଟ ହୋଇଯାଉଛି ଯେ ଏସ୍‌ଆଇଆର୍ ଏବଂ ନିର୍ବାଚନ ଆଦୌ ସ୍ୱଚ୍ଛ ନୁହେଁ। ତେଣୁ ଏସ୍‌ଆଇଆର୍ ବାତିଲ କରି ପୁରୁଣା ଭୋଟର ତାଲିକା ଅନୁସାରରେ ବିହାର, ପଶ୍ଚିମ ବଙ୍ଗ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ କରାଯାଉ।

### ମୋଦୀଙ୍କ 'କ୍ୟାବିନେଟ୍'...

କାର୍ଯ୍ୟ ଓ ଉପଲବ୍ଧିର ପ୍ରେଜେଣ୍ଟେସନ୍ ଦେଇଛନ୍ତି। ନିଜ ମନ୍ତ୍ରଣାଳୟର ବିଭିନ୍ନ ଯୋଜନାର ଅଗ୍ରଗତି, ଲକ୍ଷ୍ୟ ପୂରଣ, ସମୟ ଓ ସମ୍ବଳର ବ୍ୟବହାର ସହ ଆଗାମୀ କାର୍ଯ୍ୟଯୋଜନା ଉପରେ ଏହା ଆଧାରିତ। ଆସନ୍ତାକାଲି ଏହାର ସମୀକ୍ଷା କରାଯାଇ ପ୍ରଦର୍ଶନକୁ 'ଏକ୍‌ସେଲେଣ୍ଟ', 'ଗୁଡ୍', 'ଆଭରେଜ୍' ଓ 'ପୁଅର' ଭଳି ଶ୍ରେଣୀରେ ରଖାଯିବ। ଅନ୍ୟପକ୍ଷରେ ଏହି ଅବସରରେ ମନ୍ତ୍ରୀମାନେ ଯୁବପିଢ଼ି ବିଶେଷକରି ଜେନ୍-ଜି, ମହିଳା ସଂରକ୍ଷଣ ଉପରେ ସେମାନଙ୍କର ଆଭିମୁଖ୍ୟ ଉଲ୍ଲେଖ କରିବାକୁ କୁହାଯାଇଛି ଓ ମନ୍ତ୍ରୀମାନେ ତଦନୁସାରେ ସେମାନଙ୍କର ମତ ରଖିଛନ୍ତି। ନିଜ ଅଞ୍ଚଳରେ ଯୁବ ବର୍ଗମାନଙ୍କର ପ୍ରମୁଖ ସମସ୍ୟା, ବେକାରୀ ଦୂରକରଣ, ନିଯୁକ୍ତି ସୁଯୋଗ, ସେମାନଙ୍କର ଆଶା-ଆକାଂକ୍ଷା ପୂରଣ କ୍ଷେତ୍ରରେ କରୁଥିବା କାର୍ଯ୍ୟ ମଧ୍ୟ ମନ୍ତ୍ରୀମାନେ ଉପସ୍ଥାପନ କରିଛନ୍ତି। ଆସନ୍ତା କାଲି ମନ୍ତ୍ରୀମାନଙ୍କ କାର୍ଯ୍ୟ ସମୀକ୍ଷା ସମୟରେ ମହିଳା ସଂରକ୍ଷଣ ସଂପର୍କରେ ସେମାନଙ୍କର ମତାମତ ଲୋଡ଼ାଯିବ। ୨୦୨୩ରେ ପାରିତ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଅନୁଯାୟୀ ୩୩% ମହିଳା ଆରକ୍ଷଣ ଲାଗୁ କରିବା ସହ ଜଡ଼ିତ ପ୍ରସଙ୍ଗ ଉପରେ ପରାମର୍ଶ ନିଆଯିବ। ମହିଳା ସଂରକ୍ଷଣ ସହ ପରବର୍ତ୍ତୀ ପର୍ଯ୍ୟାୟରେ ଲୋକସଭା ଆସନ ବୃଦ୍ଧି ଓ ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ସହ ଏହା ଜଡ଼ିତ ଥିବା ମନେ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୧ ସେପ୍ଟେମ୍ବର-ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ଅନୁରୂପ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ୫ଟି ଅଧିବେଶନରେ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା, ଯୋଜନାର ନିରୀକ୍ଷଣ, ପ୍ରଶାସନିକ ସୁଧାର ଏବଂ ସମ୍ବଳର ଉତ୍ତମ ବ୍ୟବହାର ସଂକ୍ରାନ୍ତରେ ସମୀକ୍ଷା କରାଯାଇଥିଲା। ଏହି ଶିବିରର ନିଷ୍କର୍ଷ ଆଧାରରେ ୭୭ ଜଣ ମନ୍ତ୍ରୀଙ୍କୁ ୮ଟି ଓ ସରକାରଙ୍କ ବରିଷ୍ଠ ସଚିବମାନଙ୍କୁ ନେଇ ୧୦ଟି କ୍ଷେତ୍ରଭିତ୍ତିକ ଗୋଷ୍ଠୀ ଗଠନ କରାଯାଇଥିଲା। ଦୀର୍ଘମିଆଦୀ ଓ ସ୍ୱଳ୍ପମିଆଦୀ ଲକ୍ଷ୍ୟ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତିରେ ଏହି ଗୋଷ୍ଠୀଗୁଡ଼ିକ କାମ କରିଥିଲେ। ଏବେ ମନ୍ତ୍ରଣାଳୟ, ବିଭିନ୍ନ ବିଭାଗ, କ୍ୟାବିନେଟ୍ ସଚିବାଳୟ ଓ ନୀତି ଆୟୋଗର କାର୍ଯ୍ୟକୁ ଏକାଠି କରି ସରକାରଙ୍କ ପକ୍ଷରୁ ଆଗାମୀ ଦିନ ପାଇଁ ରଣନୀତି ପ୍ରସ୍ତୁତ ହେବ ବୋଲି କୁହାଯାଉଛି।

### ସରକାରଙ୍କୁ କୁମ୍ଭକର୍ଣ୍ଣ...

ଡବଲ ଇଞ୍ଜିନ ସରକାରର ଚକ୍ରାନ୍ତ ବିରୋଧରେ ବିଜେଡି ଜୋରଦାର ଲଢେଇ ଜାରି ରଖିଛି। ଶିକ୍ଷା ବଞ୍ଚାଅ ଆନ୍ଦୋଳନ ଜରିଆରେ ସାରା ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ ହେବା ପରେ ବିଧାନସଭା ଘେରାଉ କରି ଯୁବ ଓ ଛାତ୍ର ମାନେ ରଣହୁଙ୍କାର ଦେଇଛନ୍ତି। ବିଜେପି ସରକାର ସବୁ ଜାଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ପିଲାମାନଙ୍କ ପରୀକ୍ଷା ଆଉ ଅଳ୍ପ ଦିନ ରହିଲା । ୩୮୦ କୋଟି ଟଙ୍କାର ଦୁର୍ନୀତି କରି ପିଲାଙ୍କ ଭବିଷ୍ୟତ ସହ ଖେଳିବା ଆଉ ଚଳିବ ନାହିଁ । ଗଣଶିକ୍ଷା ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ବରଖାସ୍ତ କରନ୍ତୁ। ଯଦି ମୁଖ୍ୟମନ୍ତ୍ରୀ ତାହା କରିପାରୁ ନାହାନ୍ତି, ତେବେ ନିଜ ଦାୟିତ୍ୱରୁ ଅପସରି ଯାଆନ୍ତୁ। ନଚେତ ବିଜେଡି ପକ୍ଷରୁ ଆଗକୁ ଆହୁରି ଜୋରଦାର ବିରୋଧ କରାଯିବ। ଚିନ୍ମୟ ସାହୁ କହିଥିଲେ ଯେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବିଜେପି ସରକାରଙ୍କ ଆଖି ଖୋଲିବା ପାଇଁ ବିଧାନସଭା ଘେରାଉ କରାଯାଇଛି । ବିଜେପି ସରକାର ବିରୋଧରେ ଜନଆକ୍ରୋଶ ଦିନକୁ ଦିନ ତୀବ୍ରତର ହେଉଛି। ଲୋକଙ୍କୁ ଭ୍ରମିତ କରିବା ପାଇଁ କେବଳ ମିଥ୍ୟା ପ୍ରଚାର କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କୁ ମିଳିପାରିଲା ନାହିଁ । ଓଡ଼ିଶାବାସୀ ବିଜେପି ସରକାରକୁ ଭଲ ଭାବେ ଜାଣି ସାରିଲେଣି, ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବେ । ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କ ଅଧିକାର ପାଇଁ ବିଜେଡି ଲଢେଇ ଜାରି ରଖିବ। ଇପ୍ସିତା ସାହୁ କହିଥିଲେ ଯେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପାଇଁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ନଷ୍ଟ ହୋଇଛି । ପରୀକ୍ଷା ଆଉ ଅଳ୍ପ ଦିନ ବାକି ଥିବାବେଳେ ସଂଶୋଧିତ ପୁସ୍ତକ ତୁରନ୍ତ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଉ। ବିଜେପିର ନେତା ଓ ମନ୍ତ୍ରୀଙ୍କ ପିଲାମାନେ ସୁନ୍ଦର ଭବିଷ୍ୟତ ପାଇଁ ବିଦେଶରେ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢୁଛନ୍ତି । କିନ୍ତୁ ରାଜ୍ୟ ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲା ମାନେ ନିମ୍ମୁଡା ନିମ୍ମୁଡା ଓ ଝାଲ ମୁଢ଼ି କେମିତି ପ୍ରସ୍ତୁତି ହେବ ତାହାକୁ ପଢ଼ିବେ। ସରକାରୀ ବିଦ୍ୟାଳୟର ପିଲା ମାନଙ୍କ ଭବିଷ୍ୟତ ସହ ସରକାର କାହିଁକି ଖେଳୁଛନ୍ତି ? ଶିକ୍ଷା ବ୍ୟବସ୍ଥାକୁ ବଞ୍ଚାଇବା ପାଇଁ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ବିଜେଡି ଲଢେଇ ଜାରି ରଖିବ। ବିଜେଡିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଅଶୋକ ପଣ୍ଡା, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଦେବ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ସୁଦାମ ମାରାଣ୍ଡି, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ. ଅରୁଣ କୁମାର ସାହୁ, ନିରଞ୍ଜନ ପୂଜାରୀ, ଚନ୍ଦ୍ରଶେଖର ସାହୁ, ବ୍ୟୋମକେଶ ରାୟ, ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ଭୃଗୁ ବକ୍ସିପାତ୍ର, ପ୍ରଣବ ବଳବନ୍ତରାୟ, ପଦ୍ମନାଭ ବେହେରା, ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ଶର୍ମିଷ୍ଠା ସେଠୀ, ଡ. ଲେଖାଶ୍ରୀ ସାମନ୍ତସିଂହାର, ବ୍ରଜକିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ଅଶ୍ୱୀନ କୁମାର ପାତ୍ର, ଗୌତମ ବୁଦ୍ଧ ଦାସ, ମାଧବ ଧଡା, ବର୍ଷା ସିଂ ବରିହା, ସଞ୍ଜୀବ କୁମାର ମଲ୍ଲିକ, କଳିକେଶ ନାରାୟଣ ସିଂଦେଓ, ମନ୍ମଥ ରାଉତରାୟ, ପ୍ରଶାନ୍ତ ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୂପେଶ ପାଣିଗ୍ରାହୀ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦିଶାରୀ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧ୍ରୁବଚରଣ ସାହୁ, ବଦ୍ରିନାରାୟଣ ପାତ୍ର, ଅଭିମନ୍ୟୁ ସେଠୀ, ବିଭୂତି ଭୂଷଣ ବଳବନ୍ତରାୟ, ପ୍ରଦୀପ କୁମାର ସାହୁ, ମନୋହର ରନ୍ଧାରୀ, ଅଧିରାଜ ମୋହନ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା, ସୁନିଲ କୁମାର ମହାନ୍ତି, ସୁଦର୍ଶନ ହରିପାଲ, ନୃସିଂହ ସାହୁ, ସାନନ୍ଦ ମାରାଣ୍ଡି, ପ୍ରଦୀପ ମାଝୀ, ଯୋଗେଶ କୁମାର ସିଂ, ରୋହିତ ଯୋଶେଫ ତିର୍କୀ, ସାରଦା ପ୍ରସାଦ ନାୟକ, ଝିନ୍ନ ହିକକା, ଦେବାଶିଷ ମାରାଣ୍ଡି, ବିଜୟ ନାୟକ, ଡ. ପ୍ରିୟବ୍ରତ ମାଝୀ, ରଞ୍ଜିତା ସାହୁ, ଉମାକାନ୍ତ ସାମନ୍ତରାୟ, ରାଜେନ୍ଦ୍ର ସାହୁ, ଦେବେଶ ଆଚାର୍ଯ୍ୟ, ସୁମିତ୍ରା ଜେନା, ଗୀତା ବସ୍ତିଆ, ଅମରେଶ ପତ୍ରିଙ୍କ ସମେତ ହଜାର ହଜାର ଯୁବ ଓ ଛାତ୍ର ସାମିଲ ହୋଇଥିଲେ।

### ଦ୍ୱିତୀୟ ଦିନରେ...

ରୋକଠୋକ୍ ଶୁଣାଇଛନ୍ତି ବିରୋଧୀ। ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲି ଆସିଲେ। ପ୍ରବଳ ନାରାବାଜି ଓ ହୋ ହଲ୍ଲା କରିବା ସହ ବାଚସ୍ପତିଙ୍କ ପୋଡିୟମ ତଳେ ଥିବା ପୋଟଳ ଉପରକୁ ଚଢ଼ିଯ।ଇ ବିରୋଧୀ ସଦସ୍ୟମାନେ ନାରାବାଜି କରିଥିଲେ। ପାଠ୍ୟ ପୁସ୍ତକ ମୁଦ୍ରଣ ତ୍ରୁଟିରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ନାରାବାଜି କରିଥିଲେ। ଏକାଧିକ ସ୍ଲୋଗାନ ଲେଖାଥିବା ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରିବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅପରପକ୍ଷେ କଂଗ୍ରେସ ବିଧାୟକମାନେ ବେକରେ ପୋଷ୍ଟର ପିନ୍ଧି ଏମଏମଡିଆର ସଂଶୋଧିତ ଆଇନ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ରିପୋର୍ଟର ଟେବୁଲ ଉପରକୁ ଚଢ଼ିଯାଇ ପୋଷ୍ଟର ପ୍ରଦର୍ଶନ କରିଥିବା ବେଳେ ଦଳର ଅନ୍ୟ ବିଧାୟକମାନେ ମଧ୍ୟ ପ୍ରତିବାଦ ଜାରି ରଖିଥିଲେ। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସମୟରେ ଏକ ତାରକା ପ୍ରଶ୍ନର ଉତ୍ତର ରଖୁଥିଲେ ହେଁ, ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ତାହା ଶୁଣାଯାଉନଥିଲା। ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧୧ଟା ୩୫ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୃହ ମୁଲତବୀ ହେବା ପରେ ବିଜେଡି ବିଧାୟକମାନେ ଗୃହରୁ ଚାଲିଚାଲି ଯାଇ ଲୋୟର ପିଏମଜିରେ ଦଳ ପକ୍ଷରୁ ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ଆୟୋଜିତ ବିଧାନସଭା ଘେରଉ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅପରାହ୍ନ ୪ଟାରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବାପରେ ବିରୋଧୀ ସମାନ ଢଙ୍ଗରେ ହଟ୍ଟଗୋଳ ଆରମ୍ଭ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କାଗଜ ଉପସ୍ଥାପନ କରିଥିଲେ। ସେହିପରି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟିର ରିପୋର୍ଟ ଏବଂ ଏହି ରିରୋର୍ଟରେ ଥିବା ସୁପାରିଶ ପ୍ରତି ଗୃହର ସହମତି ପ୍ରକାଶ ସମ୍ପର୍କିତ ଏକ ପ୍ରସ୍ତାବ ଆଗତ କରିଥିଲେ। ମାତ୍ର ୬ ମିନିଟ ଗୃହ ଚାଲିବା ପରେ ଉପ ବାଚସ୍ପତି ଗୃହକୁ ଆସନ୍ତାକାଲି ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ଦୁଇଦିନରେ ଗୃହ ମାତ୍ର ୧ ଘଣ୍ଟା ଚାଲିପାରିଛି।

### ମାନିଲେ ମନ୍ତ୍ରୀ...

ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ତଥା ଲବ୍ଧତାକୁ ଅନୁଧ୍ୟାନ କରୁଛନ୍ତି। ସେହିପରି ମିଲର, ପାଇକାରୀ, ଖୁଚୁରା ବ୍ୟବସାୟୀମାନେ ଡାଲି ଓ ଚିନିର ଗଚ୍ଛିତ ପରିମାଣ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପୋର୍ଟାଲରେ ଘୋଷଣା କରିବା ସହ ତାହା ବିଭାଗର କ୍ଷେତ୍ରକର୍ମଚାରୀମାନଙ୍କ ଦ୍ୱାରା ତଦାରଖ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ପିଆଜର ମୂଲ୍ୟବୃଦ୍ଧିକୁ ଦୃଷ୍ଟିରେ ରଖି ନାଫେଡ ତଥା ଏନସିସିଏଫ ମାଧ୍ୟମରେ ବିଭିନ୍ନ ସ୍ଥାନରେ ପିଆଜ କେଜି ପ୍ରତି ୩୫ ଟଙ୍କାରେ ଖାଉଟିଙ୍କୁ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ମନ୍ତ୍ରୀଙ୍କ ଉତ୍ତରକୁ ଗୃହ ବାହାରେ ସମାଲୋଚନା କରିଛନ୍ତି ବିରୋଧୀ। ଦରବୃଦ୍ଧିକୁ ରୋକିବା ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବିଭାଗ ପକ୍ଷରୁ କଳାବଜାରୀ ତଥା ମହଜୁଦକାରୀଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସରକାରଙ୍କ କୁପରିଚାଳନା ପାଇଁ ଆଜି ସାଧାରଣରେ ଲୋକେ ଦରଦାମ କାରଣରୁ ଦହଗଞ୍ଜ ହେଉଛନ୍ତି ବୋଲି ବିରୋଧୀ ବିଧାୟକମାନେ ମତପ୍ରକାଶ କରିଛନ୍ତି।

## ହୀରାକୁଦ ଜଳସ୍ତର ୬୨୯.୭୭ ଫୁଟ୍

ସମ୍ବଲପୁର, ୨୩।୯ (ସମିସ) : ଚଳିତବର୍ଷ ହୀରାକୁଦ ତାହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ପହଞ୍ଚିଛି। ଜଳସ୍ତର ୬୩୦ ଫୁଟ୍ ବଜାୟ ରଖିବାପାଇଁ ଉଦ୍ୟମ ଜାରି ରହିବାସହ ନଦୀବନ୍ଧ କର୍ତ୍ତୃପକ୍ଷ ଗୋଟିଏ ଗେଟ୍ ଖୋଲି ଜଳ ନିଷ୍କାସନ କରୁଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୭.୪୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨୭.୩୮ ମିମି ବର୍ଷା ରେକର୍ଡ କରାଯାଇଛି। ଉପରମୁଣ୍ଡରେ ବର୍ଷା ଓ ପ୍ରବେଶ ଜଳ ପରିମାଣ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ। ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୭୭ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୧,୮୦୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬୪୨୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦,୯୫୭ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୪୨୦୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବା ନଦୀବନ୍ଧ କର୍ତ୍ତୃପକ୍ଷ ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ହୀରାକୁଦ ଡ୍ୟାମ୍‌ରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ, ଜୁଲାଇ ୧୯ ତାରିଖ, ସେପ୍ଟେମ୍ବର ୧୧ ତାରିଖ, ସେପ୍ଟେମ୍ବର ୨୧ ତାରିଖରେ ଆବଶ୍ୟକତା ଅନୁଯାୟୀ ଗେଟ୍ ଖୋଲି ନଦୀବନ୍ଧରୁ ପାଣି ଛଡ଼ାଯାଇଥିଲା।


**AFFIDAVIT**

By virtue of an affidavit sworn before Notary Public Bhubanesvvar, Affdavit No- 286, dated 21.09.2026, I, RESMA BAGARATI, Permanently/ Presently At-Bulusuga, Kanabagiri, G Udayagiri, Kandhamal, Odisha-762100, declare that I Have Changed My Name From RESHMA BAGARTTI To RESMA BAGARATI. Henceforth, I Shall be known as **RESMA BAGARATI** for All Purposes.

**RESMA BAGARATI**

**NOTICE**

By virtue of an affidavit sworn before the Executive Magistrate, Pipili, dated 23.09.2026, I, SUBAN KHAN, S/o- Rahematul Khan, Village-Baunsachali, P.O.-Odia Bazar, P.S.-Dargha Bazar, Dist.-Cuttack, PIN-753002, do hereby declare that I have changed my name from SHASIBHUSAN BHOI to SUBAN KHAN. Henceforth, I shall be known as **SUBAN KHAN** for all purposes.

**Sd/- SUBAN KHAN**

**AFFIDAVIT**

By virtue of an affidavit sworn before Executive Magistrate, Berhampur dt. 22/09/2026, I, MINI PATRO, W/o- Late Maheswar Patro, At- Samantaratnapali, Birajagannathpur, PO: Badakharida, PS: K.S. Nagar, Dist.- Ganjam, Odisha-761041 declare that I have changed my name from Sulata Patro, W/o- Maheswar Patro to MINI PATRO, W/o- Late Maheswar Patro. Henceforth, I shall be known as **MINI PATRO, W/o- Late Maheswar Patro** for all purposes.

**MINI PATRO**

**AFFIDAVIT**

I UPENDRA CHAMPIA, s/o- BRUNDABAN CHAMPIA, Resident of Vill -SARANGAGAD P.o-Bhadubeda, P.S-Karanjia, Dist -Mayurbhanj, Pin -757037, I am the father of the minor daughter JAYANTI CHAMPIA, but worngly mention her name JIYANTI CHAMPIA, declare by this Affidavit No-3436 dtd, 22/9/2026, that now onwards I shall known as **JAYANTI CHAMPIA** for all future purposes.

**AFFIDAVIT**

I, Subhramallika Mohapatra, aged about 43 years, W/o- Sabyasachi Mohapatra, resident of Mishrabrahmapur, PO- Debidwar, VTC Jajpur, Dist- Jajpur, PIN- 755007, Odisha declared by this affidavit No. 51, dtd- 22/09/2026 that now onwards I shall be known as **SUBHRAMALLIKA DWIBEDI** for all future purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 21/09/2026. I, **Sunita Bag** (new name), D/o Janmajaya Bag, permanent & current resident of AT: Sargiguda, Titilagarh, Ward No.1, PO/PS: Titilagarh, Dist: Bolangir, State: Odisha, PIN: 767033 declare that I have changed my name from **Sumi Bag** (old name) to **Sunita Bag** (new name). Henceforth, I shall be known as **Sunita Bag** (new name) for all future purposes.

**Sunita Bag**

**ପଶ୍ଚିମ ରେଳବାଇ – ରତଲାମ ଡିଭିଜନ୍**

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: SnT RTM 26 12 R SIGNAL • ତାରିଖ: ୨୧.୦୯.୨୦୨୬ • କାର୍ଯ୍ୟର ନାମ: ନିମ୍ନଲିଖିତ କାର୍ଯ୍ୟ ସମ୍ବନ୍ଧରେ S&T ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ: ୧) RDSO ଦ୍ୱାରା ଅନୁମୋଦିତ ଆର୍ଥିଂ ସିଷ୍ଟମ୍ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ S&T ସ୍ଥାପନାଗୁଡ଼ିକ ପାଇଁ ବିଦ୍ୟମାନ ଆର୍ଥିଂ ସିଷ୍ଟମ୍‌ର ଉନ୍ନତିକରଣ, ପରିବର୍ତ୍ତନ ଏବଂ ସୁଦୃଢ଼ୀକରଣ। ୨) ରତଲାମ ଡିଭିଜନ୍‌ରେ ଆନାଲଗ୍ ୨୫-ୱାଟ୍ VHF ସେଟ୍‌ଗୁଡ଼ିକୁ ଡିଜିଟାଲ୍ VHF ସେଟ୍‌ରେ ପରିବର୍ତ୍ତନ ଏବଂ ଅପଗ୍ରେଡେସନ୍। • ଟେଣ୍ଡର ବିଜ୍ଞାପିତ ମୂଲ୍ୟ: ଟ. ୫,୧୩,୪୫,୫୧୭.୨୦ • ବିଡ୍ ସିକ୍ୟୁରିଟି/ବୟନା ରାଶି: ଟ. ୧୦,୨୬,୯୦୦ • ବିଡ୍ ବନ୍ଦ ହେବାର ତାରିଖ ଓ ସମୟ: ୧୩/୧୦/୨୦୨୬ ଦିନ ୧୫:୦୦ ଘଣ୍ଟା • ବିଡ୍ ଖୋଲିବାର ତାରିଖ ଓ ସମୟ: ୧୩/୧୦/୨୦୨୬ ଦିନ ୧୫:୩୦ ଘଣ୍ଟା ପରେ • କାର୍ଯ୍ୟ ସମାପ୍ତି ଅବଧି: ୯ ମାସ • ଟେଣ୍ଡରିଂ ସେକ୍ସନ୍ କାର୍ଯ୍ୟାଳୟର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ବିଡ୍ ଖୋଲିବା ସ୍ଥାନ: Sr. DSTE ରତଲାମ, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶ। • ୱେବସାଇଟ୍ ବିବରଣୀ: ଟେଣ୍ଡରକୁ ଇ-ଟେଣ୍ଡର ପୋର୍ଟାଲ୍ www.ireps.gov.in ରେ ଅନଲାଇନ୍ ଦେଖାଯାଇପାରିବ ଏବଂ ଅଫର୍ ମଧ୍ୟ ସେହି ଇ-ଟେଣ୍ଡର ପୋର୍ଟାଲ୍ ମାଧ୍ୟମରେ ଦାଖଲ କରିବାକୁ ପଡ଼ିବ। V/0264

Like us on: facebook.com/WesternRly

**ପଶ୍ଚିମ ରେଳବାଇ – ରତଲାମ ଡିଭିଜନ୍**

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: SnT_RTM_25_24_3R_SIGNAL • ତାରିଖ: ୨୧.୦୯.୨୦୨୬ • କାର୍ଯ୍ୟର ନାମ: ଗୋଧ୍ରା-ନାଗଦା ସେକ୍ସନ୍‌ରେ ସୁରକ୍ଷା ଏବଂ ବିଶ୍ୱସନୀୟତାର ଉନ୍ନତିକରଣ ଏବଂ ତ୍ରୁଟିପୂର୍ଣ୍ଣ/ପୁରୁଣା ମିଡିଲ୍ ସିଗ୍ନାଲିଂ ଗିୟର୍ ଓ ଉପକରଣର ପରିବର୍ତ୍ତନ। • ଟେଣ୍ଡର ବିଜ୍ଞାପିତ ମୂଲ୍ୟ: ଟ. ୫,୭୬,୮୮,୯୧୨.୬୯/- • ବିଡ୍ ସିକ୍ୟୁରିଟି/ବୟନା ରାଶି: ଟ. ୪,୩୮,୫୦୦/- • ବିଡ୍ ବନ୍ଦ ହେବାର ତାରିଖ ଓ ସମୟ: ୧୫/୧୦/୨୦୨୬ ଦିନ ୧୫:୦୦ ଘଣ୍ଟା • ବିଡ୍ ଖୋଲିବାର ତାରିଖ ଓ ସମୟ: ୧୫/୧୦/୨୦୨୬ ଦିନ ୧୫:୩୦ ଘଣ୍ଟା ପରେ • କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ • ଟେଣ୍ଡରିଂ ସେକ୍ସନ୍ କାର୍ଯ୍ୟାଳୟର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ବିଡ୍ ଖୋଲିବା ସ୍ଥାନ: Sr. DSTE ରତଲାମ, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶ। • ୱେବସାଇଟ୍ ବିବରଣୀ: ଟେଣ୍ଡରକୁ ଇ-ଟେଣ୍ଡର ପୋର୍ଟାଲ୍ www.ireps.gov.in ରେ ଅନଲାଇନ୍ ଦେଖାଯାଇପାରିବ ଏବଂ ଅଫର୍ ମଧ୍ୟ ସେହି ଇ-ଟେଣ୍ଡର ପୋର୍ଟାଲ୍ ମାଧ୍ୟମରେ ଦାଖଲ କରିବାକୁ ପଡ଼ିବ। V/0265

Like us on: facebook.com/WesternRly

**OFFICE OF THE SORA MUNICIPALITY, SORA, BALESHWAR.**

No.- 3370 Date- 22/9/26

**"e" Procurement Notice**

BID Identification No. SOROM_06_2026-27.

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

| | | | |
|---|---|---|---|
| 1. | Name of the Work | : | Civil works as mentioned in DTCN |
| 2. | No. of works | : | 89 Nos. |
| 3. | Estimated Cost | : | As per Work List |
| 4. | Period of Completion | : | As per DTCN |
| 5. | Date and Time of Bidding | : | 25-09-2026 to 06-10-2026 |
| 6. | Last date and time for receipt of Bids in the Portal | : | 06-10-2026 up to 5.00 pm |
| 7. | Bids received online shall be opened on | : | 07-10-2026 from 11.00 am onwards |
| 8. | Name and address of the Officer Inviting Bid | : | Executive Officer, Sora Municipality |

Further details can be seen from the e-procurement portal i.e. https://tendersodisha.gov.in/nicgep/app

Executive Officer
Sora Municipality.

OIPR-13001/13166/1/26-27/0008

13001/1940/2627

**OFFICE OF THE MUNICIPAL COUNCIL, ASIKA ( GANJAM )**

(Email: -askanac@gmail.com, Ph No: -06822-273068)

L.No. 2550 / 2026/MPL, Dated. 22.09.2026

**QUOTATION CALL NOTICE**

Executive Officer, Municipality Asika on behalf of Municipality Asika inviting from the intending authorized firms/reputed agencies having pan card, GST certificate for **"Installation of CCTV Camera from Bijupattanaik Chhaka to Khambeswari Gate & Khambeswari Gate to Pakelapalli Chhaka of Asika Municipality."** The quotation will be available from Dt-22.09.2026 to 30.09.2026 on the office hour. The Quotationer should have to deposit tender paper cost in shape of Bank Draft/TDR **(Rs.6000+GST(18%) =7080/-(Rupees Seven Thousand Eighty Only)** per each work. The quotation should reach the office of the undersigned on or before dated **30.09.2026, 5.00 PM**. The undersigned doesn't take any responsibility of delay receiving the quotation through the post; the quotation will be opened on dated **01.10.2026, 11.00 AM**. The bidder or his authorized representative may remain present during the opening of the Quotation. The quotation must have to deposit the EMD of **Rs 10,100 /- (Rupees Ten Thousand One Hundred)** per each work only through BG/ST and EMD Exemption allowed with quotation in the shape of TDR/Bank Draft in favour of Executive Officer, Municipality Asika. The lowest Quotation rate will be taken in consideration for acceptance. The authority shall not be responsible for any postal delay. The quotation received after schedule date is liable for rejection, the authority reserve right to reject any or all quotation without assigning any reason thereof.

| | | |
|---|---|---|
| **Sale of Tender Paper** | : | **Dt-22.09.2026, 10.00 AM** |
| **Last Date of Tender Paper** | : | **Dt-30.09.2026, 5.00 PM** |
| **Date of opening of Tender Paper** | : | **Dt-01.10.2026, 11.00 AM** |

The undersigned reserve the right to reject any or all quotation without the assigning any reason thereof.

**N.B:- All Terms & Condition of OPWD Code is applicable.**

Executive Officer
Municipality, Asika

OIPR-13001/13181/1/26-27/0011 13001/1934/2627

25001/1183/2627

**OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA**

Government of Odisha e-Procurement Notice

**Bid Identification No. Online Tender-08/SERWD BLG/2026-27**

rw_balliguda@yahoo.com

Letter No: 5752 //RWDBLG Date: 21-09-2026

| | | | |
|---|---|---|---|
| 1 | Name of the work | : | Building Works |
| 2 | Estimated cost | : | Rs.5.84 Lakhs to 7.73 Lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 24.09.2026 at 10.00 AM to 05.10.2026 up to 5.00 PM |
| 5 | Last Date/ Time for receipt of Bids in the Portal | : | 05.10.2026 up to 5.00 PM |
| 6 | Name and address of the Officer Inviting Bid | : | Superintending Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in**. Any addendum / corrigendum / cancellation of tender can also be seen in the said website only.

Superintending Engineer
Rural Works Division
Balliguda

OIPR-25001/25164/1/26-27/0010

**NOTICE**

It is for information of all concerned that Partnership firm M/s Narmada Study Point bearing IGR Registration No: 1176 of 2017, dtd 12-09-2017 having its Registered Office At: Samanta Sahi,PO: Buxibazar, PS: Purighat, Town/Dist: Kataka, Odisha , has been reconstituted **w.e.f 23rd September 2026** as follows:

Continuing Partner:
**Sudarsan Palai, Second Partner.**
New /Incoming Partner:
**Sonali Dash as First Partner**
Outgoing Partner:
**Nagendranath Palai, First partner.**

**Sd/-Sudarsan Palai**
**M/s Narmada Study Point.**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ଗ୍ରାହକଙ୍କ ପାଇଁ ଜରୁରୀ ସୂଚନା**

ଦୟାକରି ଅବଗତ ହୁଅନ୍ତୁ ଯେ, ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ (UFBU) ପକ୍ଷରୁ **୨୮ ସେପ୍ଟେମ୍ବର ୨୦୨୬ ଠାରୁ ୩୦ ସେପ୍ଟେମ୍ବର ୨୦୨୬** ପର୍ଯ୍ୟନ୍ତ ୩ ଦିନିଆ ଧର୍ମଘଟ ପାଇଁ ପ୍ରସ୍ତାବ ରହିଛି ।

ଧର୍ମଘଟ ସମୟରେ ଆବଶ୍ୟକୀୟ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ପାଇଁ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ପକ୍ଷରୁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରାଯିବ। ତଥାପି, ଗ୍ରାହକମାନଙ୍କୁ ନିମ୍ନଲିଖିତ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଉଛି:

- ଧର୍ମଘଟ ତାରିଖ ପୂର୍ବରୁ ଆବଶ୍ୟକୀୟ ବ୍ୟାଙ୍କିଙ୍ଗ୍ କାରବାର ସମାପ୍ତ କରନ୍ତୁ ।
- ନଗଦ ଟଙ୍କା ଆବଶ୍ୟକତା ପାଇଁ ଏଟିଏମ୍(ATM)/ଏଡିଡବ୍ଲୁଏମ୍ଏସ୍ (ADWMs) ବ୍ୟବହାର କରନ୍ତୁ (ବ୍ୟାଙ୍କ ଧର୍ମଘଟ ସମୟରେ ଅନ୍ୟ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରିବା ପାଇଁ କୌଣସି ଶୁଳ୍କ ଲାଗିବ ନାହିଁ)।
- କଷ୍ଟମର ସର୍ଭିସ୍ ପଏଣ୍ଟସ୍ (CSPs) ବ୍ୟବହାର କରନ୍ତୁ ।
- ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, BOI ମୋବାଇଲ୍ ବ୍ୟାଙ୍କିଙ୍ଗ୍, ୟୁପିଆଇ (UPI) ଏବଂ ଅନ୍ୟାନ୍ୟ ଡିଜିଟାଲ୍ ଚ୍ୟାନେଲ୍ ମାଧ୍ୟମକୁ ପ୍ରାଥମିକତା ଦିଅନ୍ତୁ।

**ଗ୍ରାହକମାନଙ୍କ ସୁବିଧା ପାଇଁ ୨୭ ସେପ୍ଟେମ୍ବର ୨୦୨୬ (ରବିବାର) ଦିନ ସମସ୍ତ ଶାଖା ଖୋଲା ରହିବା ସହିତ ସାଧାରଣ ଭାବେ କାର୍ଯ୍ୟ କରିବ।**

ଏହା ଯୋଗୁଁ ଆପଣଙ୍କର ହେବାକୁ ଥିବା ଅସୁବିଧା ପାଇଁ ଆମେ ଆନ୍ତରିକ ଭାବେ ଦୁଃଖିତ । ଆପଣଙ୍କ ବୁଝାମଣା ଓ ସହଯୋଗ ପାଇଁ ଆମେ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ ।

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ତରଭା ଡାକ୍ତରଖାନା ଏବେ ରେଫରାଲ ସେଣ୍ଟର

ତରଭା,୨୩।୯ (ସମିସ)




- ୪ ବିଶେଷଜ୍ଞ, ୧୬ ଏମ୍‌ବିବିଏସ୍ ଡାକ୍ତର ରହିବା କଥା
- ଜଣେ ମେଡିକାଲ ଅଫିସର, ୩ ଜଣ ଡାକ୍ତର ସମ୍ଭାଳିଛନ୍ତି
- ଅଲଟ୍ରାସାଉଣ୍ଡ ମେସିନ ଥାଇ ମଧ୍ୟ ଲୋକେ ଉପକାର ପାଉ ନାହାନ୍ତି
- ୧୦ ବର୍ଷ ହେବ କୋମାରେ ଦନ୍ତ ବିଭାଗ

ସୁବର୍ଣ୍ଣପୁର ଜିଲ୍ଲା ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ନ କହିଲେ ଭଲ। ମାତ୍ର ୩ ଜଣ ଡାକ୍ତର ସମ୍ଭାଳିଛନ୍ତି। ତରଭା ବ୍ଲକ୍ ସମେତ ସୋନପୁର ବ୍ଲକ, ବଲାଙ୍ଗୀର ଜିଲ୍ଲା ପୁଇଁତଲା ଓ ବୌଦ୍ଧ ଜିଲ୍ଲା କଣ୍ଟାମା ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ଏହି ଡାକ୍ତରଖାନା ଉପରେ ନିର୍ଭରଶୀଳ। ମାତ୍ର ୨ ଜଣ ଡାକ୍ତର ଥିବାରୁ ଏଠି ଲୋକେ କିଭଳି ସ୍ୱାସ୍ଥ୍ୟସେବା ପାଉଛନ୍ତି ତାହା ଜଳ ଜଳ ଦିଶୁଛି। ବର୍ତ୍ତମାନ ଡାକ୍ତରଖାନା କେବଳ ରେଫରାଲ ସେଣ୍ଟରରେ ପରିଣତ ହୋଇଛି। ନା ଏଠି ଅଲଟ୍ରା ସଉଣ୍ଡ ମେସିନ କାମ ଦେଉଛି ନା ଦନ୍ତ ରୋଗ ପରୀକ୍ଷା ହୋଇ ପାରୁଛି ନା ଚକ୍ଷୁ ପରୀକ୍ଷା ହୋଇପାରୁଛି। ଅଲଟ୍ରା ସାଉଣ୍ଡ ମେସିନ ମାସକୁ ଦିନେ ଚାଲିରେ ବଡ଼ କଥା।

ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ବିଶେଷଜ୍ଞ ଡାକ୍ତର ଓ ୧୬ ଜଣ ଏମ୍‌ବିବିଏସ୍ ଡାକ୍ତର ପଦବୀ ରହିଛି; କିନ୍ତୁ ବର୍ତ୍ତମାନ ମାତ୍ର ଜଣେ ବିଶେଷଜ୍ଞ ଓ ୩ ଜଣ ଏମବିବିଏସ ଡାକ୍ତର କାର୍ଯ୍ୟରତ ଅଛନ୍ତି। ପୁଣି ଏମାନଙ୍କ ମଧ୍ୟରୁ ଜଣେ ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱ ତୁଲାଉଛନ୍ତି। ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ରୋଗ ଓ ସର୍ଜରୀ ବିଭାଗର ବିଶେଷଜ୍ଞ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଠାରୁ ଡାକ୍ତରଙ୍କୁ ଅନ୍ୟ ସ୍ଥାନକୁ ଡେପୁଟେସନରେ ପଠାଯାଇ ଦିଆଯାଉଥିବାରୁ ସ୍ୱାସ୍ଥ୍ୟ ସେବା ପରିସ୍ଥିତି ଜଟିଳ ହୋଇପଡ଼ିଛି। ମେଣ୍ଢା ଓ କମସରା ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲି ଥିବାରୁ ତରଭାରୁ ୨ ଜଣ ଏମବିବିଏସ ଡାକ୍ତରଙ୍କୁ ଡେପୁଟେସନରେ ନିଆଯାଇଛି। ବର୍ତ୍ତମାନ ୩ ଜଣ ଡାକ୍ତରଙ୍କୁ ନେଇ ଡାକ୍ତରଖାନା ଚାଲିଛି। ଏହା ଫଳରେ ସହରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ବହିର୍ବିଭାଗରେ ବର୍ଷକୁ ହାରାହାରି ୯୦ରୁ ୧ଲକ୍ଷ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଇନ୍‌ଡୋର୍ ରୋଗୀଙ୍କ ସଂଖ୍ୟା ୧୨ରୁ ୧୫ ହଜାର; କିନ୍ତୁ ଡାକ୍ତର ଅଭାବ ଯୋଗୁଁ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି। ସାମାନ୍ୟ ଝୁଣ୍ଟି ପଡିବା, କାଶ, ଥଣ୍ଡା ଜ୍ୱର ହେଲେ ରୋଗୀ ବଲାଙ୍ଗିର ଭୀମ ଭୋଇ ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ରାତିରେ ଯଦି କେହି ଚିକିତ୍ସା ପାଇଁ ଆସେ ତା ଅବସ୍ଥା କହିଲେ ନ ସରେ। ଅଧୀକ୍ଷକ ଦାୟିତ୍ୱରେ ଡ. ରବୀନ୍ଦ୍ର ମେହେର ରହିଛନ୍ତି। ତେବେ ଅଧୀକ୍ଷକଙ୍କୁ ଛାଡ଼ିଦେଲେ ଆଉ ୩ ଡାକ୍ତର ହେଲେ ରଶ୍ମିରଞ୍ଜନ ଚୌହାନ, ନୟିମ ବକ୍ସ ଓ ଜିଜ୍ଞାସା ମିଶ୍ର ଦାୟିତ୍ୱରେ ରହିଛନ୍ତି। ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡ. ସୁଶାନ୍ତ ପଟେଲଙ୍କୁ ଗତ ୧୯ ତାରିଖରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେସନରେ ନିଆଯାଇ ଥିଲା। ପରେ ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ଏଠାକୁ ଅଲଟ୍ରାସାଉଣ୍ଡ ମେସିନ ଆସିବା ଦିନଠାରୁ ଶ୍ରୀ ପଟେଲ ଗର୍ଭବତୀଙ୍କୁ ଅଲଟ୍ରାସାଉଣ୍ଡ କରି ଆସ୍ଥାଭାଜନ ହୋଇ ପାରିଥିଲେ। ଏହା ଦ୍ୱାରା ଗରିବ ଗର୍ଭବତୀ ମହିଳାମାନେ ବିନା ଖର୍ଚ୍ଚରେ ଅଲଟ୍ରା ସାଉଣ୍ଡ କରିପାରୁଥିଲେ। ବର୍ତ୍ତମାନ ଡାକ୍ତର ପଟେଲଙ୍କ ବଦଳି ପରେ ଆଉ ଅଲଟ୍ରା ସାଉଣ୍ଡ ମେସିନ କାମକୁ ଆସୁନାହିଁ। ଏହା ଫଳରେ ଗର୍ଭବତୀ ମହିଳାମାନେ ବାହାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଅଲଟ୍ରାସାଉଣ୍ଡ କରୁଛନ୍ତି। ସେହିଭଳି ଏଠାରେ ଦନ୍ତ ଚିକିତ୍ସା ମେସିନ ରହିଛି; ହେଲେ ଚିକିତ୍ସା ପାଇଁ ବିଶେଷଜ୍ଞ ନାହାନ୍ତି। ଚକ୍ଷୁ ପରୀକ୍ଷା ପାଇଁ ମେସିନ ଅଛି; ହେଲେ ପ୍ରାୟ ୧୦ ବର୍ଷ ହେବ ଚକ୍ଷୁ ଟେକ୍ନିସିଆନ ଡେପୁଟେସନରେ ଯାଇଛନ୍ତି ଯେ ଆଉ ଏଠାକୁ ଫେରିବାର ନାଁ ଧରୁନାହାନ୍ତି। ଜିଲ୍ଲା ପ୍ରଶାସନ ତରଭା ଡାକ୍ତରଖାନା ପ୍ରତି ଆଖି ବୁଜି ଦେଇଛି। ଏହି ସମସ୍ୟାର ସମାଧାନ କରା ଗଲେ ଲୋକେ ଆନ୍ଦୋଳନ କରିବା ଜଳ ଜଳ ଦିଶୁଛି।

## ବୌଦ୍ଧରେ ରାଜ୍ୟସ୍ତରୀୟ ଫେସନ୍ ସୋ ପ୍ରତିଯୋଗିତା

ବୌଦ୍ଧ,୨୩।୯ (ସମିସ): ସ୍ଥାନୀୟ ଟାଉନହଲ୍‌ଠାରେ ପ୍ରଣାମ ନୃତ୍ୟାନୁଷ୍ଠାନ୍, ବ୍ରାଇଟ୍ ମାଇଣ୍ଡସ୍ ଡାଇମେନ୍‌ସନ୍ ସ୍କୁଲ, ଡିସିବି ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫେସନ୍ ଶୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏକଦିବସୀୟ ଏହି ରାଜ୍ୟସ୍ତରୀୟ ଫେସନ୍ ଶୋ ପ୍ରତିଯୋଗିତାକୁ ବୌଦ୍ଧ ଭାଇବ୍ ନାମରେ ନାମିତ କରାଯାଇଥିଲା। ରାଜ୍ୟର ୧୫ଟି ଜିଲାରୁ ସବ ଜୁନିଅର୍, ଜୁନିଅର୍ ,ସିନିଅର୍ ବର୍ଗରେ ୨୫୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ବ୍ରାଇଟ୍‌ମାଇଣ୍ଡସ୍ ଡାଇମେନ୍‌ସନ୍ ସ୍କୁଲ୍ ନିର୍ଦ୍ଦେଶକ ବିନୟ କରଡ଼ିଆ, ଡିସିବି ବ୍ୟାଙ୍କ ମ୍ୟାନେଜର ଭାସ୍କର ଆଚାର୍ଯ୍ୟ, ପ୍ରଣାମ ନୃତ୍ୟାନୁଷ୍ଠାନର ସଭାପତି ବସନ୍ତ ସାହୁ, ଉପସଭାପତି ଗୀତାଞ୍ଜଳି ସାହୁ ଏବଂ ନୀତିଶ ସିହ୍ନା, ସମାଜସେବୀ ଲୀଳାବତୀ ବେହେରାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହୋଇଥିଲା। କୁଳମଣି ମେହେର ଓ ଶ୍ରଦ୍ଧାଞ୍ଜଳି ସାହୁ ମଞ୍ଚ ପରିଚାଳନା କରିଥିଲେ। ଶ୍ରଦ୍ଧା ପ୍ରଧାନ, ରିଙ୍କୁ ସାହୁ, ସୂରଜ ପାଣିଗ୍ରାହୀ ସାହାବାଜ୍ ଖାନ, ଗୁଡ୍ଡୁ ଆଚାର୍ଯ୍ୟ, ସାଇ ଇନ୍ଦୁ ପଟେଲ୍, ସାନିଆ ସାହୁ, ସୁଶୋଭିତା ଗୁରୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ସିନିୟର ବର୍ଗରେ ଝାରସୁଗୁଡ଼ାର ପ୍ରଲେଶ ଦାସ ବିଜୟୀ ହୋଇ



୨୦ହଜାର ଟଙ୍କା ଓ ଉପବିଜେତା ମିନତୀ କଲ୍ଲୋ (ବନ୍ଧବାହାଲ, ଝାରସୁଗୁଡ଼ା)ଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜୁନିୟର ବର୍ଗ ବିଜେତା ସିମ୍ରନ ସାହୁ (ଭବାନୀପାଟଣା)ଙ୍କୁ ୧୦ ହଜାର ଓ ଉପବିଜେତା ବିଦ୍ୟାଙ୍କା ବେହେରା (ରାଉରକେଲା)ଙ୍କୁ ୬ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ ପୂର୍ବକ ବିଜୟ ମୁକୁଟ ଓ ବିଜୟ ପଟି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଆୟୋଜକ ଗୁରୁ ପ୍ରଶାନ୍ତ ଭାଇନା ଧନ୍ୟବାଦ ଅର୍ପଣ କରିଥିଲେ।

## ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଲେ ୭ ହାଇସ୍କୁଲ ଛାତ୍ରଛାତ୍ରୀ



କଣ୍ଟାମାଲ,୨୩।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକର ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ହାଇସ୍କୁଲ ଖେଳ ପଡ଼ିଆରେ ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପିତବାସ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ଘଣ୍ଟାପଡ଼ା, ଆମ୍ବଗାଁ, ନୂଆଁପାଲି, ଖୁଣ୍ଟିଗୋରା, ଖମନମୁଣ୍ଡା ଓ ରିଙ୍ଗାପଡ଼ା ସମେତ ୭ଟି ହାଇସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଭୟ ବର୍ଗରେ ୧୦୦, ୨୦୦, ୪୦୦ ଓ ୮୦୦ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ ସମେତ ବିଭିନ୍ନ ଇଭେଣ୍ଟରେ ଛାତ୍ରଛାତ୍ରୀ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ଇଭେଣ୍ଟରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଖେଳ ଶିକ୍ଷକ ମନ୍ଦାକିନୀ ବରଗର୍ତ୍ତୀ, ମହେନ୍ଦ୍ର ସାହୁ, ଶଶୀଭୂଷଣ ପ୍ରଧାନ, ସନ୍ତୋଷ ସାହୁ, ମୂରଲୀଧର ରଣା, ବିଶ୍ୱଜିତ ପ୍ରଧାନ, ପ୍ରଦୀପ ରାଉତ ଓ ଅନ୍ତରାମ ବାଘ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସହକାରୀ ଶିକ୍ଷକ ଆକାଶ ମେହେର, ଲିପୁନ ପ୍ରଧାନ, ସୁବାସ ସାହୁ, ଶାନ୍ତାନୁ ସେଠୀ, ଲୋକେଶ ଦିଶ୍ରି, ବିଭୂତି ଭୂଷଣ ଦୁର୍ଗ ଓ ମୁକେଶ ମଲିକ ପ୍ରମୁଖ ସହଯୋଗ କରିଥିଲେ।

## ବୌଦ୍ଧରେ ଡିଜିଟାଲ ତାଲିମ କାର୍ଯ୍ୟକ୍ରମ





ବୌଦ୍ଧ,୨୩।୯ (ସମିସ): ବୌଦ୍ଧ ଜିଲ୍ଲାରେ ମହିଳାମାନଙ୍କୁ ଡିଜିଟାଲ ସଶକ୍ତୀକରଣ ସହିତ ସାଇବର ସୁରକ୍ଷା ଓ ଡିଜିଟାଲ ସଚେତନତା ପ୍ରଦାନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ଡିଜି ଶକ୍ତି' ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନର ତାଲିମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଶୁଭାରମ୍ଭ କରିଥିଲେ। ଡିପିସି, ମିଶନ୍ ଶକ୍ତି ରଶ୍ମିରଞ୍ଜନ ସେଠୀ ସମସ୍ତଙ୍କୁ ସ୍ୱାଗତ କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତାଲିମର ସମନ୍ୱୟ, ଆବଶ୍ୟକ ବ୍ୟବସ୍ଥା ସହିତ ମହିଳାମାନଙ୍କୁ ଡିଜିଟାଲ ଉପକରଣ ସୁରକ୍ଷିତ ଭାବେ ବ୍ୟବହାର ପାଇଁ ଆବଶ୍ୟକ ସହଯୋଗ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଏହି ତାଲିମରେ ସାଇବର ଥାନା ଅଧିକାରୀ ଭବନାନନ୍ଦ ପ୍ରଧାନ ଅନଲାଇନ୍ ଠକେଇ, ସାଇବର ଅପରାଧ, ଫିସିଂ ଲିଙ୍କ ଓ ଠକେଇମୂଳକ ମେସେଜ୍ ଚିହ୍ନଟ, ସାଇବର ଅପରାଧ ସମ୍ପର୍କରେ ଅଭିଯୋଗ ଦାଖଲ ପ୍ରକ୍ରିୟା ଏବଂ ଡିଜିଟାଲ ମାଧ୍ୟମରେ ସୁରକ୍ଷିତ ରହିବାର ବିଭିନ୍ନ ଉପାୟ ସମ୍ପର୍କରେ ମହିଳାମାନଙ୍କୁ ବ୍ୟବହାରିକ ଓ ଆଇନଗତ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଡିଜିଟାଲ ଯୁଗରେ ସରକାରୀ ଓ ସାଧାରଣ ସୂଚନାର ଠିକ୍ ବ୍ୟବହାର, ବିଶ୍ୱସନୀୟ, ସୂଚନାର ଉତ୍ସ ଚିହ୍ନଟ, ଭୁଲ୍ ଖବର ଓ ଅପପ୍ରଚାରରୁ ଦୂରେଇ ରହିବା, ମୋବାଇଲର ଠିକ୍ ବ୍ୟବହାର ତଥା ଡିଜିଟାଲ ମିଡିଆର ସଚେତନତା ଉପରେ ମାର୍ଗଦର୍ଶନ କରିଥିଲେ। ବୌଦ୍ଧ ଜିଲ୍ଲାରେ ଏହି ଅଭିଯାନ ମାଧ୍ୟମରେ ପ୍ରାୟ ୬୩ ହଜାର ମହିଳାଙ୍କୁ ତାଲିମ ପ୍ରଦାନ କରିବାର ଲକ୍ଷ୍ୟ ରହିଛି। ଏହା ଦ୍ୱାରା ପ୍ରାୟ ୬,୨୦୦ ମହିଳା ଗୋଷ୍ଠୀ ଉପକୃତ ହେବେ। ତାଲିମ ପ୍ରଦାନ ପାଇଁ ୮ ଜଣ ମାଷ୍ଟର ଟ୍ରେନର ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ତାଲିମ ବ୍ୟାଚରେ ୩୫ ଜଣ ମହିଳା ଅଂଶଗ୍ରହଣ କରିବେ। ପ୍ରତ୍ୟେକ ବ୍ୟାଚ ପାଇଁ ୫ ଦିନିଆ ତାଲିମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ବୌଦ୍ଧ ଜିଲ୍ଲାରେ ମହିଳାମାନଙ୍କୁ ଡିଜିଟାଲ ଜ୍ଞାନରେ ସଶକ୍ତ କରିବା ସହିତ ସାଇବର ଠକେଇ ଓ ଅନଲାଇନ୍ ଅପରାଧ ବିରୋଧରେ ସଚେତନ ଏବଂ ସତର୍କ ନାଗରିକ ଭାବେ ପ୍ରସ୍ତୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କୁହାଯାଇଛି।

## ଯୁବକଙ୍କ ମୃତ୍ୟୁ; ହତ୍ୟା ସନ୍ଦେହ

ମନମୁଣ୍ଡା, ୨୩।୯ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ତଥା ପଞ୍ଚାୟତ ଅଧୀନ କପାସିରା ଗ୍ରାମର ସତ୍ୟାନନ୍ଦ ମହାକୁଡ଼ଙ୍କ ପୁଅ ସଂଜୀବ ମହାକୁଡ଼ (୨୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ ଅଜିତ ମହାକୁଡ଼ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସଂଜୀବ ଘରକୁ ଫେରି ନ ଥିଲେ। ଖୋଜିବାକୁ ପରିବାର ବର୍ଗ ରାତିରେ ବାହାରିଥିଲେ। ରାତି ପ୍ରାୟ ୨ଟାରେ ଘରଠାରୁ ପ୍ରାୟ ୬୦ ମିଟର ଦୂର ରାସ୍ତାରେ ସେ ପଡି ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ସୋନପୁର ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ପୁଣି ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଅବସ୍ଥା ଅତ୍ୟନ୍ତ ଗୁରୁତର ଓ ସଂକଟାପନ୍ନ ହେବାରୁ ସେଠାରୁ ରାୟପୁର ନେଉଥିବାବେଳେ ବାଟରେ ସଂଜୀବଙ୍କ ମୃତ୍ୟୁ ଘଟିଥିଲା। ତେବେ ଏତଲାକୁ ଆଧାର କରି ମନମୁଣ୍ଡା ପୁଲିସ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ପୁଲିସ ଶବ ହସ୍ତାନ୍ତର କରିଛି।

## ଚାରଭଟ୍ଟା-ଘଣ୍ଟାପଡ଼ା ବ୍ରିଜ୍ ରାସ୍ତା ମରଣଯନ୍ତା



ତରଭା,୨୩।୯ (ସମିସ): ସୋନପୁର ଜିଲ୍ଲା ତରଭା ବ୍ଲକ୍ ଚାରଭଟ୍ଟାରୁ ଘଣ୍ଟାପଡା ତେଲନଦୀ ବ୍ରିଜ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତାରେ ପରିଣତ ହେଲାଣି। ପାଖାପାଖି ୪ କିମି ଲମ୍ବ ଏହି ରାସ୍ତା ବର୍ତ୍ତମାନ ଖାଲଖମାରେ ପରିପୂର୍ଣ୍ଣ। କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଗମନାଗମନ ସମୟରେ ଖୁବ୍ ଅସୁବିଧା ଭୋଗ କରିବାକୁ ପଡୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା ମରାମତି ପାଇଁ ପଦକ୍ଷେପ ନେଉ ନ ଥିବାରୁ ତରଭା, ଚାରଭଟ୍ଟା, ବାଲିଖମାର, କୁମ୍ଭାରମୁଣ୍ଡା, କମସରା, ଘଣ୍ଟାପଡାର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

## ତରଭା ପ୍ରବେଶ ପଥରେ ସ୍ପିଡ୍‌ବ୍ରେକର ଜରୁରି

ତରଭା,୨୩।୯ (ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ରାଜପଥ ବଲାଙ୍ଗୀରରୁ ୨୧ କିମି ଦୂର ତରଭା ଛକରେ ରାସ୍ତା ଉପରେ ସ୍ପିଡ୍‌ବ୍ରେକର ଜରୁରି ହୋଇ ପଡିଛି। ତରଭାରୁ ଜାତୀୟ ରାଜପଥକୁ ଆସିବା କିମ୍ବା ରାଜପଥରୁ ତରଭାକୁ ପ୍ରବେଶ କରିବା ସମୟରେ ସବୁବେଳେ ଦୁର୍ଘଟଣାର ଭୟ ରହୁଛି। ରାଜପଥ ଉପରେ ଯାନବାହନ ଦ୍ରୁତ ଗତିରେ ଯିବା ଆସିବା କରୁଥିବାରୁ କେତେବେଳେ ହେଲେ ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ଏଡେଇ ହେବନାହିଁ। ଏହାକୁ ଦୃଷ୍ଟିରେ ରଖି ପ୍ରାୟ ୪ ବର୍ଷ ତଳେ ତରଭା ଏନ୍‌ଏସି ତରଫରୁ ରାସ୍ତା ଉପରେ ଏକ ସ୍ପିଡ୍‌ବ୍ରେକର ରଖାଯାଇଥିଲା; ହେଲେ ତାହା ଚୋରି ହୋଇଗଲା। ଏହା ପରେ ଆଉ ସ୍ପିଡ୍‌ବ୍ରେକର ନାହିଁ। ନା ଏନଏସି ନା ଜାତୀୟ ରାଜପଥ ବିଭାଗ କେହି ମଧ୍ୟ ଏ ଦିଗରେ ଆଉ ଧ୍ୟାନ ଦେଉଛନ୍ତି। ଏଣୁ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି।

## ଦେଉଳି ଅଙ୍ଗନବାଡ଼ିରେ ପୋଷଣ ମାସ ପାଳିତ

ମନମୁଣ୍ଡା,୨୩।୯ (ସମିସ): ଦେଉଳି ଅଙ୍ଗନବାଡି କେନ୍ଦ୍ର-୨ ତଥା ଜ୍ଞାନ କେନ୍ଦ୍ର (ମନମୁଣ୍ଡା)ରେ ରାଷ୍ଟ୍ରୀୟ ନବମ ପୋଷଣ ମାସ ପାଳିତ ହୋଇଛି। ସୁପରଭାଇଜର ପଦ୍ମିନୀ ବାରିକ ଉପସ୍ଥିତ ଗର୍ଭବତୀ, ପ୍ରସୂତି, ୬ ମାସରୁ ୩ ବର୍ଷ ଶିଶୁମାନଙ୍କ ମାଁ ତଥା କିଶୋରୀମାନଙ୍କୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶକୁ ସମୃଦ୍ଧ ଓ ବିକାଶ ଦିଗରେ ଆଗେଇନେବାକୁ ଏକ ସୁସ୍ଥ ସମାଜ ଗଠନର ନିହାତି ଆବଶ୍ୟକ। ସମସ୍ତେ ସୁସ୍ଥ ରହିଲେ ତାହା ସମ୍ଭବ। ସେଥିପାଇଁ ପୁଷ୍ଟିକର ପୋଷଣଯୁକ୍ତ ଖାଦ୍ୟ ନିହାତି ଆବଶ୍ୟକ ବୋଲି ଶ୍ରୀମତୀ ବାରିକ କହିଥିଲେ। କେଉଁ ଖାଦ୍ୟରେ କେଉଁ ଭିଟାମିନ ଅଛି, କେଉଁମାନେ ତାହା ଦିନକୁ କେତେ ପରିମାଣର ଖାଇବା ଆବଶ୍ୟକ ତା ସହ ନିୟମିତ କଣ ସବୁ କାର୍ଯ୍ୟପନ୍ଥା ଗ୍ରହଣର ଆବଶ୍ୟକତା ରହିଛି ସେସବୁ ବିସ୍ତୃତ ଭାବେ ସେ ବୁଝାଇ କହିଥିଲେ। ତଦାରଖପୂର୍ବକ ଧ୍ୟାନ ରଖିବାକୁ ଅଙ୍ଗନବାଡି କର୍ମୀମାନଙ୍କୁ ପରାମର୍ଶ ମଧ୍ୟ ଦେଇଥିଲେ। ଅଙ୍ଗନବାଡି କର୍ମୀ ସୁଜାତା ସେନାପତି (ଦେଉଳି-୨), ସୁମତି ନାଏକ (ନୂର୍ପା), ସନ୍ତୋଷିନୀ ମହାରଣା (ମନମୁଣ୍ଡା), କଲ୍ୟାଣୀ ନାୟକ (ଖଇରମାଳ), ଜାହ୍ନବି ତରିଆ (ସୁବର୍ଣ୍ଣପାଲି), ସବିତା ସେନାପତି (ଦେଉଳି - ୧), ବାସନ୍ତୀ ମିଶ୍ର (କପାସିରା) ପ୍ରମୁଖ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରିଥିଲେ। ମନମୁଣ୍ଡା କେନ୍ଦ୍ରର ୧୩ ଜଣ ଅଙ୍ଗନବାଡି କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।



## ଦୁର୍ଘଟଣାରେ ମୃତ ଶିକ୍ଷକଙ୍କ ପତ୍ନୀଙ୍କୁ ବୀମା ରାଶି ପ୍ରଦାନ

ବୌଦ୍ଧ,୨୩।୯ (ସମିସ): ବୌଦ୍ଧ ଖାଉଟି ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ବାଇକ ଦୁର୍ଘଟଣାରେ ମୃତ ଶିକ୍ଷକଙ୍କ ପତ୍ନୀଙ୍କୁ ୧୫ ଲକ୍ଷ ଟଙ୍କାର ବୀମା ରାଶି ଅଦାଲତ ପରିସରରେ ପ୍ରଦାନ କରିଛି। ୭।୧୨।୨୦୨୫ରିଖ ଦିନ ବହିରା ହାଇସ୍କୁଲର ଶିକ୍ଷକ ଦେଶବନ୍ଧୁ ମହାକୁଳ ୫୭ ନମ୍ବର ଜାତୀୟ ରାଜପଥର ତେଲିବନ୍ଧ ପନ୍ଥାଇ ନିକଟରେ ବାଇକ ଦୁର୍ଘଟଣାରେ ଆଖି ବୁଜିଥିଲେ। ବାଇକ ଇନ୍ସୁରାନ୍ସ ହୋଇଥିବା କମ୍ପାନୀ ନିକଟରେ ମୃତ ଶିକ୍ଷକଙ୍କ ପତ୍ନୀ ସସ୍ମିତା ଜେନା ବୀମା ରାଶି ଦାବି କରିଥିଲେ। ବୀମା କମ୍ପାନୀ ବୀମା ରାଶି ପ୍ରଦାନ କରିବାରେ କିନ୍ତୁ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ସେ ଜିଲ୍ଲା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ଅଗଷ୍ଟ ୨୦ ତାରିଖ ଦିନ ଜିଲ୍ଲା ଖାଉଟି ଅଦାଲତ ଆବଦେନକାରୀଙ୍କୁ ୧୫ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ଆଜି ଖାଉଟି ଅଦାଲତ ପରିସରରେ ବୀମା କମ୍ପାନୀ ଚେକ୍ ଆକାରରେ ୧୫ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଛି। ଆବେଦନକାରୀ ସସ୍ମିତା ଜେନାଙ୍କ ପକ୍ଷରୁ ବୌଦ୍ଧ ଓକିଲ ସଂଘର ଯୁବ ଆଇନଜୀବୀ ସତ୍ୟବାନ୍ ମେହେର ମାମଲା ପରିଚାଳନା କରୁଥିଲେ।



## କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଗୁରୁତର

ବୌଦ୍ଧ,୨୩।୯ (ସମିସ): ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ଥାନା ସରଣ୍ଡା ଛକ ନିକଟରେ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ବାଇକ ପଛରେ ବସିଥିବା ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ମୁର୍ଷୁଣ୍ଡିସ୍ଥିତ ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ରାସ୍ତାରୁ ବୌଦ୍ଧ ଥାନା ଜଗତୀ ଗ୍ରାମର ନରେନ୍ଦ୍ର ପ୍ରଧାନଙ୍କ ସହ ସେହି ଗ୍ରାମର ରାଜ ଜେନା ବାଇକ ପଛରେ ବସି ସରଣ୍ଡା ଛକକୁ ବାହାରୁଥଲେ। ଏତିକିବେଳେ ବୌଦ୍ଧ ପଟୁ ମନମୁଣ୍ଡା ଆଡକୁ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ବାଇକ୍ ପଛରେ ବସିଥିବା ରାଜଙ୍କ ଗୋଡ ଭାଙ୍ଗି ଯାଇଥିଲା। ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରକ୍ ଛାଡି ଡ୍ରାଇଭର ଫେରାର ମାରିଥିବାବେଳେ ପୁଲିସ୍ ଟ୍ରକ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

## ସେବା ସଂକଳ୍ପ ଅଭିଯାନକୁ ନେଇ ଆଲୋଚନା




ବୌଦ୍ଧ,୨୩।୯ (ସମିସ): ବୌଦ୍ଧ ନଗର ମଣ୍ଡଳ ବିଜେପି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ୍ ପରିସରରେ ନଗର ମଣ୍ଡଳସ୍ତରୀୟ ଶକ୍ତି କେନ୍ଦ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଦଳର ବିଭିନ୍ନ ସାଙ୍ଗଠନିକ ବିଷୟ ସହ ଆଗାମୀ କାର୍ଯ୍ୟକ୍ରମ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ବିଜେପିର ବୌଦ୍ଧ ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ ଯୋଗଦେଇ ଶକ୍ତି କେନ୍ଦ୍ରଗୁଡ଼ିକର କାର୍ଯ୍ୟକଳାପ ଓ ସାଙ୍ଗଠନିକ କାର୍ଯ୍ୟଧାରା ସମ୍ପର୍କରେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିରେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବରିଷ୍ଠ ବିଜେପି ନେତା ଦେବାଶିଷ ପୁରୋହିତ, ବୁଲୁ କୁମାର ସାହୁଙ୍କ ସମେତ ନଗର ମଣ୍ଡଳର ବିଭିନ୍ନ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବୌଦ୍ଧ ନଗର ମଣ୍ଡଳ ଅଧୀନରେ ଥିବା ୨୫ଟି ଶକ୍ତି କେନ୍ଦ୍ରର କର୍ମକର୍ତ୍ତାମାନେ ବୈଠକରେ ଯୋଗଦେଇଥିଲେ।

## ପ୍ରଧାନ ଶିକ୍ଷକଙ୍କ ବଦଳି ପ୍ରତିବାଦ | ସ୍କୁଲ୍ ଫାଟକରେ ତାଲା ପକାଇଦେଲେ ଅଭିଭାବକ

ଜହ୍ନାପଙ୍କ,୨୩।୯ (ସମିସ)



ବୌଦ୍ଧ ବ୍ଲକ ମୁଣ୍ଡାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଅଭିଭାବକ ସ୍କୁଲ୍ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଏହି ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୧୫ ଜଣ ଛାତ୍ର ଛାତ୍ରୀ ରହିଛନ୍ତି। ବିଦ୍ୟାଳୟରେ ୬ ଜଣ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନଙ୍କୁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଡୋଶୀ ଖମାରୀ ପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରିଛନ୍ତି। ଏହା ବଦଳରେ ମାତ୍ର କିଛି ମାସ ଚାକିରି ଥିବା ଜଣେ ପ୍ରଧାନ ଶିକ୍ଷକଙ୍କୁ ଏଠାକୁ ପଠାଯାଇଛି। ଆଜି ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ରିଲିଭ ହେଉଥିବା ଖବର ପାଇ ବିଦ୍ୟାଳୟ କମିଟି ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସେମାନେ ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନଙ୍କ ବଦଳି ବାତିଲ କିମ୍ବା କିଛି ବର୍ଷ ଚାକିରି ଥିବା ଜଣେ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତ କରିବାକୁ ଦାବି କରିଛନ୍ତି।

# ବାଘ ଛାଲ ଜବତ ଘଟଣା; ଆଉ ଜଣେ ଗିରଫ



**କୋମନା, ୨୩।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଅଧୀନ ଉଦ୍ୟାନବନ୍ଧ ଗାଁ ନିକଟରୁ ବାଘ ଛାଲ ଜବତ ହେବା ଘଟଣାରେ ବନ ବିଭାଗ ଆଜି ଆଉ ଜଣଙ୍କୁ ଗିରଫ କରିଛି। ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ କୋମନା ଥାନା ବରକୋଟ ଗାଁର ମନୋଜ କୁମାର ସାହୁଙ୍କୁ ବନ ବିଭାଗ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର କୋମନା ଥାନା କୁମୁଟିମୁଣ୍ଡା ଗାଁର ଇନୟାତ ଅଲ୍ଲୀଙ୍କ ବାଇକ୍‌ରୁ ଏକ କଲରାପତରିଆ ବାଘ ଛାଲ ଜବତ କରାଯାଇଥିଲା। ବନ ବିଭାଗ ଓ ବନ ବିଭାଗର ଭିଜିଲାନ୍ସ ୱିଙ୍ଗ୍‌ର ମିଳିତ ଚଢ଼ଉରେ ଏହା ଜବତ ହୋଇଥିଲା। ବାଘ ଛାଲଟିକୁ ବିକ୍ରି ଉଦ୍ଦେଶ୍ୟରେ ଅଣାଯାଇଥିବା ବେଳେ ବନ ବିଭାଗ ପ୍ରଥମେ ଇନୟାତ ଅଲ୍ଲୀଙ୍କୁ ଗିରଫ କରିଥିଲା। ଗିରଫ ଇନୟାତ ଅଲ୍ଲୀଙ୍କଠାରୁ ମିଳିଥିବା ସୂଚନା ଏବଂ ତଥ୍ୟକୁ ଆଧାର କରି ଆଜି ବରକୋଟ ଗାଁର ମନୋଜ କୁମାର ସାହୁଙ୍କୁ କାବୁ କରାଯାଇଛି। ଏହି ବେଆଇନ ବନ୍ୟଜନ୍ତୁ ଚାଲାଣ ଏବଂ ବେପାର ପଛରେ ଆଉ କାହାର ହାତ ଅଛି କି ନାହିଁ, ସେ ନେଇ ବନବିଭାଗର ତଦନ୍ତ ଜାରି ରହିଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାଁ ଏହି ସୂଚନା ପ୍ରଦାନ କରିଛନ୍ତି।

# ଡକାୟତି ଯୋଜନା ପଣ୍ଡ କଲା ପୁଲିସ



**ଭବାନୀପାଟଣା, ୨୩।୯ (ସମିସ):** ବାଲସିଙ୍ଗା-କନକପୁର ମଝିରେ ପାଟ୍ରୋଲିଂ କରୁଥିବା ସମୟରେ ନର୍ଲା ପୁଲିସ ୬ ଜଣ ଯୁବକଙ୍କ ସନ୍ଦିଗ୍ଧ ଗତିବିଧିକୁ ଦେଖି ମାଡି ବସି ୪ ଜଣଙ୍କୁ କାବୁ କରିଥିଲା। ଏହାପରେ ସେମାନଙ୍କୁ ନର୍ଲା ଥାନାକୁ ଆଣି ଅଟକ ରଖାଯାଇଥିଲା। ଏମାନେ ଡକାୟତି ଯୋଜନା କରୁଥିବା ଜଣାପଡ଼ିଛି। ଗିରଫ ୪ ଜଣ ଡକାୟତ ଭାନପୁରର ଚନ୍ଦନ ମାଝୀ(୨୬), ଲାଞ୍ଜିଗଡ଼ ବ୍ଲକ ଭାଲୁଚଞ୍ଚରା ଗ୍ରାମର କ୍ଷୀରସିନ୍ଧୁ ମାଝୀ(୧୯), ଟାଗର ମାଝୀ(୨୫) ଓ ବବଲୁ ମାଝୀ(୨୩)ଙ୍କୁ ନର୍ଲା ପୁଲିସ କୋର୍ଟ ଚାଲାଣ କରିଛି। ତେବେ ଫେରାର ରହିଥିବା ଦୁଇଜଣ ଯୁବକଙ୍କ ନାମ, ଠିକଣା ଜଣାପଡ଼ି ନାହିଁ। ଗିରଫ ହୋଇଥିବା ଡକାୟତମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ତିନିଗୋଟି ବାଇକ, ଗୋଟିଏ ଖେଳଣା ପିସ୍ତଲ ଜବତ ହୋଇଥିବା ଆଇଆଇସି କୈବଲ୍ୟ ସେଠ ସୂଚନା ଦେଇଛନ୍ତି। ଫେରାର ଦୁଇଜଣ ଡକାୟତ ମଧ୍ୟ ଖୁବ ଶୀଘ୍ର ଧରାପଡ଼ିବେ ଓ କେଉଁ ସ୍ଥାନରେ ଡକାୟତି ପାଇଁ ଯୋଜନା ଚାଲୁଥିଲା ତାର ମଧ୍ୟ ଖୁଲାସା ହେବ' ବୋଲି ଆଇଆଇସି ଶ୍ରୀ ସେଠ୍ ମତବ୍ୟକ୍ତ କରିଛନ୍ତି।

# କେସିଙ୍ଗା ଏନ୍‌ଏସିରୁ ବାଦ୍ ପଡ଼ିଲେ ୧୩୮୬ ଭୋଟର

**କେସିଙ୍ଗା, ୨୩।୯ (ସମିସ):** ଦୀର୍ଘ ଚାରିମାସ ଧରି ଚାଲିଥିବା ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ ଭୋଟର ସଂଶୋଧନ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି। ସୋମବାର ଜିଲ୍ଲାର ୫ ଟି ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ଜିଲ୍ଲାସ୍ତରରେ ପ୍ରକାଶ ପାଇଛି। ସମଗ୍ର ଜିଲ୍ଲାରୁ ୬୮ ହଜାର ୬୭୫ ଭୋଟର ବାଦ ପଡ଼ିଥିବା ବେଳେ କେସିଙ୍ଗା ଏନ୍‌ଏସିର ୧୨ଟି ୱାର୍ଡରୁ ବାଦ ପଡ଼ିଛନ୍ତି ସର୍ବମୋଟ ୧୩୮୬ ଜଣ ଭୋଟର। ସର୍ବାଧିକ ଭୋଟର ୱାର୍ଡ ନଂ ୩ ରୁ ବାଦପଡ଼ିଥିବା କେସିଙ୍ଗା ଏନ୍‌ଏସି ରେ ଏସି ଆଇଆରରେ କାର୍ଯ୍ୟରତ ଅଧିକାରୀ ପ୍ରକାଶ କରିଛନ୍ତି। ଏସଆଇଆର ଆଗରୁ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସମୁଦାୟ ୧୪୮୬୮ ଜଣ ଭୋଟର ଥିବା ବେଳେ ସ୍ୱତନ୍ତ୍ର ସଘନ ପରେ ତାହା ୧୩୪୮୨ ଜଣ ଭୋଟରଙ୍କ ନାମ ଚୂଡାନ୍ତ ରହିଛି।

# କଳାହାଣ୍ଡିରେ ଜାରି ରହିଛି ବର୍ଷା; ଉପୁଡ଼ି ପଡ଼ିଲା ଗଛ

**ଭବାନୀପାଟଣା, ୨୩।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଯୋଗୁଁ ମଙ୍ଗଳବାରଠାରୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳବର୍ଷା ଲାଗି ରହିଛି। ଏହି ସମୟରେ ଜିଲ୍ଲାରେ ୪୬୧ ମିମି ବର୍ଷା ହୋଇଥିବାବେଳେ ଭବାନୀପାଟଣା ବ୍ଲକ ରେ



ସର୍ବାଧିକ ୬୨ମିମି ବର୍ଷା ରେକର୍ଡ ଆକଳନ କରାଯାଇଛି। ବର୍ଷା ଯୋଗୁଁ ଭବାନୀପାଟଣା -ଜୁନାଗଡ଼ ଜାତୀୟ ରାଜପଥ ୨୬ ମଧ୍ୟରେ ଥିବା ବାଦଲି ନିକଟରେ ଏକ ବିରାଟ ଗଛ ପଡ଼ି ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିଲା। ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗଛକୁ ହଟାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ବର୍ଷାକୁ ଦୃଷ୍ଟିରେରଖି ବୁଧବାର ଓ ଗୁରୁବାର ଜିଲ୍ଲାର ସମସ୍ତ ସରକାରୀ/ବେସରକାରୀ ସ୍କୁଲ ଛୁଟି ଘୋଷଣା କରିଥିଲେ ଜିଲ୍ଲାପାଳ।

## ଗଭୀର ଅବପାତ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସଜାଗ

# ୧୩ ବ୍ଲକ୍‌ରେ ୨୮ ଟି ଆଶ୍ରୟସ୍ଥଳ ଓ ୧୩ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ପ୍ରସ୍ତୁତ

**ଭବାନୀପାଟଣା, ୨୩।୯ (ସମିସ)**

ପୂର୍ବ-କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟ ଲଘୁଚାପ ଏବଂ ଗତକାଲିଠାରୁ ଆରମ୍ଭ ହୋଇଥିବା ପ୍ରତିକୂଳ ପାଣିପାଗ ଓ ଗଭୀର ଅବପାତକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆଭାସୀ ମାଧ୍ୟମରେ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନେଇ ଗତକାଲି ସମୀକ୍ଷା କରିଥିଲେ। ଏହି ଅବସରରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଦକ୍ଷିଣ ଓଡ଼ିଶା ସମସ୍ତ ଜିଲ୍ଲାପାଳଙ୍କୁ ନେଇ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବୈତୁରା ଦୀପଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଇଏମ୍‌ଡିର ଆକଳନ ଅନୁଯାୟୀ, ଆସନ୍ତାକାଲି ରେଡ୍‌ୱାର୍ଣ୍ଣିଂ ଓ ୨୫ ତାରିଖରେ 'ଅରେଞ୍ଜ ୱାର୍ଣ୍ଣିଂ' ଜାରି କରାଯାଇଛି। ସମ୍ଭାବ୍ୟ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ କ୍ଷେତ୍ରସ୍ତରରେ ଗ୍ରହଣ କରାଯାଇଥିବା ପ୍ରସ୍ତୁତିମୂଳକ ପଦକ୍ଷେପର ସମୀକ୍ଷା କରିବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଓ ବିଡିଓମାନଙ୍କର ଛୁଟି ବାତିଲ କରାଯାଇଛି।

**ଜିଲ୍ଲା, ବ୍ଲକ ଓ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଛୁଟି ବାତିଲ**

ସେମାନଙ୍କୁ ନିଜ ନିଜ ମୁଖ୍ୟାଳୟରେ ସଜାଗ ଓ ଉପସ୍ଥିତ ରହିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ପୂର୍ବାନୁମତି ବିନା ମୁଖ୍ୟାଳୟ ବାହାରକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପଞ୍ଚାୟତ ଏବଂ ବ୍ଲକସ୍ତରରେ ଚୂଡ଼ା, ଚାଉଳ ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ସ୍ଥିତି ସମୀକ୍ଷା କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ସାମଗ୍ରୀର ଅଭାବ ନହେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସିଏସଓ ଏବଂ ସମସ୍ତ ବିଡିଓମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଜଳର ସୁଗମ ନିଷ୍କାସନ ସୁନିଶ୍ଚିତ କରିବା ତଥା ଜଳବନ୍ଦୀ ପରିସ୍ଥିତି କିମ୍ବା ଆକସ୍ମିକ ବନ୍ୟାର ଆଶଙ୍କା ହ୍ରାସ କରିବା ପାଇଁ ସମସ୍ତ ପୌରାଞ୍ଚଳର ଡ୍ରେନ୍ ଗୁଡିକୁ ଡି-ସିଲ୍ଟିଂ (ପଙ୍କ ନିଷ୍କାସନ) ପାଇଁ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୪ ଦିନ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବ୍ଲକର ବିଦ୍ୟାଳୟ ମାନଙ୍କରେ ୨୮ ଟି ସାମୟିକ ଆଶ୍ରୟ ସ୍ଥଳ, ଅଗ୍ନିଶମ ବିଭାଗର ପ୍ରସ୍ତୁତି, ଥୁଆମୂଳ ରାମପୁର, ଏମ୍‌ରାମପୁର, କୋକସରା ଏବଂ ଲାଞ୍ଜିଗଡ଼ ବ୍ଲକର ଭୂସ୍ଖଳନ ଚିହ୍ନଟ ଓ ସତର୍କତା, ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର, ଅତି ଆବଶ୍ୟକ ଔଷଧ ସହ ୧୩ ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ପ୍ରସ୍ତୁତ, କୃଷି ବିଭାଗ କର୍ମଚାରୀଙ୍କ ଦ୍ୱାରା ସମ୍ଭାବ୍ୟ ଫସଲ ନଷ୍ଟଉପରେ ସତର୍କତା, ସମସ୍ତ ତହସିଲରେ ୮୦୦୦ ପଲିଥିନ ବ୍ୟବହାର ପାଇଁ ମହଜୁଦ୍, ସମସ୍ତ ବ୍ଲକ ଓ ତହସିଲ ଠାରେ କଣ୍ଟ୍ରୋଲ ରୁମ ସହ ସହାୟତା ଓ ସୂଚନା ପାଇଁ ଜିଲ୍ଲାଜରୁରୀ କଣ୍ଟ୍ରୋଲ ରୁମ୍ ନମ୍ବର ୦୬୬୭୦ ୨୩୦୪୫୭ ଏବଂ ୦୬୬୭୦ ୨୩୦୪୫୫ ବ୍ୟବସ୍ଥା କରାଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ଜନସାଧାରଣଙ୍କଠାରୁ ସୂଚନା ଗ୍ରହଣ, ଅବିଳମ୍ବେ ପଦକ୍ଷେପ ଗ୍ରହଣ ଏବଂ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଓ ବ୍ଲକସ୍ତରୀୟ ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ତେଣୁ ସମସ୍ତ ଜନସାଧାରଣ ସଜାଗ ରହି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଜାରି କରାଯାଉଥିବା ସରକାରୀ ସୂଚନା ଓ ପରାମର୍ଶ ପାଳନ କରିବା ସହ ଏହି ସମୟରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# କୋକସରା ବ୍ଲକର ୪୫ ଶିକ୍ଷକଙ୍କୁ ମିଳିଲା ପଦୋନ୍ନତି



**କୋକସରା, ୨୩।୯ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୪୫ଜଣ ଶିକ୍ଷକ ଲେଭେଲ୍-ଭି-ଏ'ରୁ ଲେଭେଲ୍-ଭି-ବି'କୁ ପଦୋନ୍ନତି ଲାଭ କରିଛନ୍ତି। ବୁଧବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ପଦୋନ୍ନତି ପ୍ରାପ୍ତ ସମସ୍ତ ଶିକ୍ଷକଙ୍କୁ ନିର୍ଦ୍ଦେଶନାମା ପତ୍ର ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ମହେଶ କୁମାର ଭାଟିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଏବଂ ଶିକ୍ଷକ ସଙ୍ଘର ପ୍ରମୁଖ କର୍ମକର୍ତ୍ତା ଯୋଗଦାନ କରିଥିଲେ। ନିଜର ପଦୋନ୍ନତି ପତ୍ର ଗ୍ରହଣ କରିବାପରେ ଶିକ୍ଷକମାନେ କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ ଏବଂ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ପଦୋନ୍ନତି ବ୍ଲକର ଶିକ୍ଷକ ସମାଜରେ ଏକ ନୂତନଉତ୍ସାହ ଏବଂ ଆନନ୍ଦର ବାତାବରଣ ସୃଷ୍ଟି କରିଛି। ଏହି ଅବସରରେ ବରିଷ୍ଠ କିରାଣି ମନୋରଞ୍ଜନ କୁମାର, କିରାଣି ଅନିଲ ପଣ୍ଡା, ଏବିଓ ଶ୍ରୀମନ୍ତ ଧରୁଆ, ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ବୀରକିଶୋର ନାଗ, ସମ୍ପାଦକ ଦିଲ୍ଲୀପ କୁମାର ସାହୁ, ସାହ-ସମ୍ପାଦକ ଅଜିତ କୁମାର ସାହୁ, ସିଆରସିସି ଶ୍ରୀମନ୍ତ ଠାକୁର, ଉମାଶଙ୍କର ଶତନାମି ଓ ଫଲଗୁନୀ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ପୌରକେଲାରେ ବିଶିଷ୍ଟ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

**କର୍ଲାମୁଣ୍ଡା, ୨୩।୯ (ସମିସ):** କର୍ଲାମୁଣ୍ଡା ବ୍ଲକ ଅଧୀନ ପୌରକେଲା ଗ୍ରାମର ଶ୍ରୀରାମ ମଣ୍ଡପ ପରିସରରେ ମା' ସୁନାମୁଖୀ ଯୁବ ସଂଗଠନ, ପୌରକେଲା ପକ୍ଷରୁ ଏକ ବିଶିଷ୍ଟ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଦୁଇ ପ୍ରତିଭାବାନ ସନ୍ତାନ ଡ. ସରସ୍ୱତୀ ସୁନା ଓ ଡ. ଜିତେନ୍ଦ୍ର ସୁନାଙ୍କ ଉଚ୍ଚଶିକ୍ଷା ଓ ଗବେଷଣା କ୍ଷେତ୍ରର ସଫଳତାକୁ ସମ୍ମାନ ଜଣାଇ ଏହି ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ଭବିଷ୍ୟତରେ ଅଞ୍ଚଳର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସେମାନଙ୍କୁ ନିଜ ସାଧ୍ୟମତେ ସହଯୋଗ ଓ ମାର୍ଗଦର୍ଶନ କରିବାକୁ ଡ. ସୁନା ପ୍ରତିଶ୍ରୁତି ଦେଇଥିଲେ। ନିଜ ବକ୍ତବ୍ୟରେ ଡ. ସୁନା ତାଙ୍କ ଜୀବନର ଆଦର୍ଶ ଭାବେ ଭାରତୀୟ ସମ୍ବିଧାନର ପ୍ରଣେତା ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକର ଏବଂ ଭାରତର ପ୍ରଥମ ମହିଳା ଶିକ୍ଷୟିତ୍ରୀ ସାବିତ୍ରୀବାଇ ଫୁଲେଙ୍କୁ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ପୌରକେଲା ସରପଞ୍ଚ ଯଶସ୍ୱିନୀ ଧାରୁଆ ଓ ସମିତିସଭ୍ୟ ସୁଧୀର ଭୋଇ ଅତିଥି ଭାବେ ଯୋଗଦେଇ ଥିଲେ। ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ଭୋଇ ଓ ହଜାରୁ ଦଣ୍ଡସେନାଙ୍କ ସମେତ ବରୁଣ ଭୋଇ, ଗୋବିନ୍ଦ ଭୋଇ, ବବ୍ରୁବାହନ ଭୋଇ, ବୈବସ୍ୱତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସଂଗଠନର ଅଧ୍ୟକ୍ଷ ଲକ୍ଷପତି ରଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସଚିବ ତରୁନସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୋର୍ କମିଟି ସଦସ୍ୟ ପ୍ରଦୀପ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଉପସଚିବ ପ୍ରଭଞ୍ଜନ ଦାସ, ଜନସମ୍ପର୍କ ସଂଯୋଜକ ଭୋଳା ରଣା ଏବଂ କୋର୍ କମିଟି ସଦସ୍ୟ ଧନେଶ୍ୱର ଭୋଇ, ଲୋଚନ ପାତ୍ର, ହଂଶଧ୍ୱଜ ଦଣ୍ଡସେନା, ଲମ୍ବୋଦର ନାଏକ, ବରୁଣ ଭୋଇ ଓ ଗିରୀଶ ଚନ୍ଦ୍ର ସାହୁଙ୍କ ସମେତ ସଂଗଠନର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ବ୍ଲକ୍ ଅଧ୍ୟକ୍ଷାଙ୍କୁ ହତ୍ୟା ଧମକ ଘଟଣା ଅଭିଯୋଗର ନୂଆ ମୋଡ଼

# ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ନାମରେ ପାଲଟା ଏତଲା

**କର୍ଲାମୁଣ୍ଡା, ୨୩।୯ (ସମିସ):** କର୍ଲାମୁଣ୍ଡା ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷାଙ୍କୁ ଦୁଇଜଣ ବ୍ୟକ୍ତି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ମଙ୍ଗଳବାର ଫାଣ୍ଡିରେ ଅଭିଯୋଗ ହୋଇଥିଲା। ତେବେ ପରେ ପ୍ରତିପକ୍ଷଙ୍କ ପକ୍ଷରୁ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ନାମରେ ମଧ୍ୟ ଏତଲା ଦେଇଥିବା ଜଣାପଡ଼ିଛି। ଡୁକେରମାଲ ଗ୍ରାମର ସୈରେନ୍ଦ୍ରୀ ସାହୁ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅ କାହ୍ନୁଚରଣ ସାହୁ ବ୍ଲକକୁ ଯାଇଥିବାବେଳେ ଅଧ୍ୟକ୍ଷାଙ୍କ ସ୍ୱାମୀ ତାଙ୍କୁ ଗାଳିଗୁଲଜ କରି ଗୋଡେଇ ଗୋଡେଇ ପିଟିବି ବୋଲି ଧମକ ଦେଇଥିଲେ। ଏପରିକି ତାଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ସେ ଏତଲା ରେ ଉଲ୍ଲେଖ କରିଛନ୍ତି। ଘଟଣାଟି ରୋଚକ ମୋଡ଼ ନେଉଥିବା ବେଳେ ଏହାର ନିରପେକ୍ଷ ତଦନ୍ତ କରି ବ୍ଲକ ପରିସରରେ ଅଶାନ୍ତି ସୃଷ୍ଟି ନ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତେବେ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କୁ ପଚାରିବାରୁ ଗାଳି ଗୁଲଜ କରିନାହିଁ, ଯଦି ଗାଳି ଗୁଲଜ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ବ୍ଲକ କାର୍ଯ୍ୟାଳୟ ସିସି କେମେରା ଅଛି, ତାହାକୁ ତଦନ୍ତ କରାଯାଉ ବୋଲି କହିଛନ୍ତି। ଏନେଇ ମ.ରାମପୁର ଥାନା ଅଧିକାରିଣୀ ସଂଯୁକ୍ତା ପ୍ରଧାନଙ୍କୁ ପଚାରିବାରୁ ଉଭୟ ପକ୍ଷରୁ ଅଭିଯୋଗ ମିଳିଛି, ଆସନ୍ତାକାଲି ତଦନ୍ତ ପରେ କେଶ୍ ପଞ୍ଜୀକୃତ ହେବ ବୋଲି କହିଛନ୍ତି।

# ଢଙ୍କସରରେ ନୂଆଖାଇ ଭେଟ୍‌ଘାଟ୍



**ଖଡ଼ିଆଳ, ୨୩।୯ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ଢଙ୍କସର ଗ୍ରାମର ଗୋଷ୍ଠାଷ୍ଟମୀ ମନ୍ଦିର ପ୍ରାଙ୍ଗଣରେ ଗୋ ସମ୍ବର୍ଦ୍ଧନା ସମିତି ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା, ଏକତା ଓ ସାମାଜିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏହି ଭେଟଘାଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରାଜାରାମ ଗହୀରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ଝାଙ୍କର ତୁଳସୀରାମ ବିଶି, ସରଧାପୁର ସରପଞ୍ଚ ଉମେଶ କୈବର୍ତ୍ତ, ପୂର୍ବତନ ସରପଞ୍ଚ ସୁରେଶ ବିଶି ଓ ଅଶୋକ ବିଶି, ମକରଧ୍ୱଜ ଗହୀର, ମାଧବ କାଣ୍ଡ, ଘୁନେଶ୍ୱର ରଣା, ହେରମ୍ବ ବାଗ, ଗୁଣ କାଣ୍ଡ ଓ ମଧୁବନ ଗହୀର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ନୂଆଖାଇ ପର୍ବର ସାମାଜିକ ମହତ୍ତ୍ୱ ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ ଗ୍ରାମରେ ଭାଇଚାରା ଓ ଏକତା କିପରି ଅଧିକ ସୁଦୃଢ଼ ହୋଇପାରିବ, ସେନେଇ ମତବ୍ୟକ୍ତ କରିଥିଲେ।

## ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# ସ୍କୁଲରେ ତାଲା ପକାଇଲେ ଲୋକେ

**ସିନାପାଲି, ୨୩। ୯ (ସମିସ)**



ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଝାରବନ୍ଧ ପଞ୍ଚାୟତ ନାଗଝର ସରକାରୀ ଉପ୍ରା ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ଗ୍ରାମର ଜଣେ ଲୋକ ସ୍କୁଲ ଗେଟରେ ତାଲା ପକାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବୁଧବାର ସ୍କୁଲ ସମୟରେ ଗ୍ରାମର ସ୍କୁଲ ଛାତ୍ରଛାତ୍ରୀ ବିଦ୍ୟାଳୟ କୁ ପାଠପଢ଼ିବାକୁ ଯାଇଥିବା ବେଳେ ଗ୍ରାମର ଜଣେ ବ୍ୟକ୍ତି ସ୍କୁଲର ଶିଶୁ ସେବିକା ନିଯୁକ୍ତି ରେ ଅନିୟମିତତା ହୋଇଥିବା ଅଭିଯୋଗ କରି ତାଲା ପକାଇ ଦେଇଥିଲେ। ପରେ ଛାତ୍ରଛାତ୍ରୀ ସ୍କୁଲ ଗେଟ୍ ସମ୍ମୁଖରେ ବସି ଖୋଲିବା ସମୟକୁ ଅପେକ୍ଷା କରିଥିଲେ। ସେଠୁ ବିଦ୍ୟାଳୟ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଅଭିଯୋଗକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ବାହ୍ମଣୀଗୁଡା କ୍ଲଷ୍ଟର ସିଆରସିସି ଓ ସ୍କୁଲ ପରିଚାଳନା କମିଟି ସଭାପତି ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣାସ୍ଥଳରେ ସିନାପାଲି ପୁଲିସ ଓ ବିଭାଗୀୟ ପ୍ରଶାସନ ପହଞ୍ଚି ଲୋକଙ୍କୁ ବୁଝାସୁଝା କଲାପରେ ସ୍କୁଲ ମୁଖ୍ୟ ଫାଟକ ଖୋଲିଥିଲେ। ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତି ପାଇଁ ଗ୍ରାମର ୭ରୁ ୮ ଜଣ ମହିଳା ଆବେଦନ କରିଥିଲେ। ସେଥିରୁ ସରକାରୀ ନିୟମ ଅନୁସାରେ ଗତ ୧୦ ତାରିଖ ଦିନ ଶିକ୍ଷା ବିଭାଗ ତରଫରୁ ଚୟନ ପ୍ରକ୍ରିୟା ଆରମ୍ଭ କରି ଯୋଗ୍ୟ ପ୍ରାର୍ଥୀ ଚୟନ କରିଥିଲେ। ହେଲେ ଏହି ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ନେଇ ଗ୍ରାମରଲୋକ ଅସନ୍ତୁଷ୍ଟ ପ୍ରକାଶ କରି ସ୍କୁଲ ବନ୍ଦ କରିଥିଲେ। ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶହେରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏନେଇ ବିଇଓ କାହ୍ନୁ ଚରଣ ନାୟକଙ୍କୁ ପଚାରିବାରୁ ଜଣେ ବ୍ୟକ୍ତି ଶିଶୁ ସେବିକା ନିଯୁକ୍ତି ନେଇ ଅସନ୍ତୁଷ୍ଟ ନେଇ ସ୍କୁଲ ଗେଟରେ ତାଲା ପକାଇ ଥିବା ଖବର ପାଇଛି। ସରକାରୀ ଅନୁଷ୍ଠାନ ବନ୍ଦ କରିଥିବାରୁ ଉକ୍ତ ବ୍ୟକ୍ତିଙ୍କ ନାମରେ ସିନାପାଲି ଥାନାରେ ଅଭିଯୋଗ ହୋଇଛି। ବର୍ତ୍ତମାନ ପ୍ରଶାସନ ପକ୍ଷରୁ ସ୍କୁଲ ଗେଟ ଖୋଲି ବିଦ୍ୟାଳୟ ସ୍ୱାଭାବିକ ହୋଇଥିବା କହିଛନ୍ତି।

# ନୂଆପଡ଼ା ଜିଲ୍ଲାସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା



**କୋମନା, ୨୩।୯ (ସମିସ):** ନୂଆପଡ଼ା ଜିଲ୍ଲା ପେଣ୍ଡରାବନ ସ୍ଥିତ ପଲ୍ଲବୀ ହାଇସ୍କୁଲ ପରିସରରେ ପ୍ରଥମ ଜିଲ୍ଲାସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ୫ଟି ବ୍ଲକରୁ ପ୍ରାୟ ୧୦୦ ଜଣ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ। ସ୍ଥାନୀୟସ୍ତରରେ ଖେଳାଳିମାନେ ପ୍ରଥମ ଥର ପାଇଁ ହ୍ୟାଣ୍ଡବଲ୍ ଖେଳୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଚାମ୍ପିଅନ୍ ହେବାକୁ ସେମାନେ ଦୃଢ଼ ଆଶା ପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ଦୀପିକା କୌଶଲ୍ୟା ଦୀପ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ନୂଆପଡ଼ା ଜିଲ୍ଲା ଇନ୍ସପେକ୍ଟର ଅଫ୍ ଫିଜିକାଲ ଏଜୁକେସନ୍ ରତନ ସିଂହ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିକେରାମ ମାଝୀ, କାର୍ତ୍ତିକ ଦୀପ, ପ୍ରଧାନ ଶିକ୍ଷକ ଗୋପୀନାଥ ଦାସ ଏବଂ କ୍ରୀଡ଼ା ଶିକ୍ଷକ ବିଶିକେଶନ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ।

ସକାଳ THE SAKALA



## ଝାରସୁଗୁଡ଼ାରେ ସେନା ନିଯୁକ୍ତି ରାଲି ନେଇ ପ୍ରସ୍ତୁତି

ଝାରସୁଗୁଡ଼ା,୨୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ସେନା ନିଯୁକ୍ତି ରାଲି ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ



ହୋଇଛି । ମଲିମୁଣ୍ଡାସ୍ଥିତ ଜିଲ୍ଲା କ୍ରୀଡ଼ା ପ୍ରକଳ୍ପ (ଡିଷ୍ଟ୍ରିକ୍ଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ) ପରିସରରେ ଅକ୍ଟୋବର ମାସରେସେନା ନିଯୁକ୍ତି ରାଲି-୨୦୨୬ ପାଇଁ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ପରିଦର୍ଶନ କାଳରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତ ଆଚାର୍ଯ୍ୟ ଏବଂ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେ ଉପସ୍ଥିତ ରହି ପ୍ରସ୍ତୁତି ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ରାଲିରେ ସାମିଲ ହେବାକୁ ଥିବା ଯୁବକମାନଙ୍କ ଶାରୀରିକ ଦକ୍ଷତା ପରୀକ୍ଷା, ଟ୍ରାକ, ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ, ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥା ଭଳି ମୌଳିକ ସୁବିଧା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ନିଯୁକ୍ତି ରାଲିକୁ ଶୃଙ୍ଖଳିତ ତଥା ସଫଳତାର ସହ ପରିଚାଳନା କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଯଥାଶୀଘ୍ର ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଗସ୍ତ ଅବସରରେ ଜିଲ୍ଲାପାଳ ଚହ୍ୱାଣ କମ୍ପ୍ଲେକ୍ସ ପରିସରରେ ନିର୍ମାଣାଧୀନ ସୁଇମିଂ ପୁଲ କାର୍ଯ୍ୟର ମଧ୍ୟ କ୍ଷେତ୍ର ପରିଦର୍ଶନ କରି ତଦାରଖ କରିଥିଲେ । କାର୍ଯ୍ୟର ମାନ ଯାଞ୍ଚ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ରାସ୍ତାରୁ ବୃଦ୍ଧା ଉଦ୍ଧାର



ମନମୁଣ୍ଡା,୨୩।୯ (ସମିସ): ମନମୁଣ୍ଡା-ଶଗଡା ରାସ୍ତା ଧୁଙ୍ଗିଆପଦର ଛକରେ ଦୟନୀୟ ଅବସ୍ଥାରେ ପଡିଥିବା ଜଣେ ଅଜଣା ବୃଦ୍ଧା ଉଦ୍ଧାର ହୋଇଛନ୍ତି । ବୌଦ୍ଧ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ରଘୁନାଥ ପଲିଆ ବୃଦ୍ଧାଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।

# ଖଇରପଦର ଗ୍ରାମରେ ପାନୀୟ ଜଳସଙ୍କଟ

ସିନାପାଲି,୨୩।୯ (ସମିସ)



ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଅଧୀନ ଖଇରପଦର ଗ୍ରାମରେ ୬ ଟି ନଳକୂପ ଅଚଳ ହୋଇ ପଡିଥିବା ବେଳେ ପ୍ରକଳ୍ପରୁ ନାମକୁମାତ୍ର ଯୋଗାଣ ହେଉଛି । ଯାହାଫଳରେ ଗ୍ରାମରେ ଜଳ ସଙ୍କଟ ରହିଥିବା ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଆଜକୁ ୩ମାସରୁ ଊର୍ଦ୍ଧ୍ୱହେବ ଗ୍ରାମର ମାଝିପଡା, ଚାରିଛକ, ଭୋଇପଡା, ଜୋରପଡା, ପଞ୍ଚାୟତ ଅଫିସ ଓ ଥିପାଖୋଲ ଗ୍ରାମର ନଳକୂପ ଅଚଳ ହୋଇ ପଡିଛି । ହେଲେ ବିଭାଗୀୟ ପ୍ରଶାସନିକ ଅଧିକାରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ପଡ଼ିଛନ୍ତି । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ବାଗଙ୍କୁ ଗ୍ରାମର ଲୋକ ବାରମ୍ବାର ଜଣାଇବା ସତ୍ତ୍ୱେ ସେ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି । ପୁଣି ଜଳ ଯୋଗାଣ ପ୍ରକଳ୍ପ ପାଣି ଯୋଗାଣ ପାଇଁ ପାଇପ ଘରକୁ ଘର ଲାଗିଥିବା ବେଳେ ନାମକୁମାତ୍ର ପାଣି ଯୋଗାଣ ହେଉଛି । ଗୋଟିଏ ଗରିଆ ପାଣି ଲୋକେ ପାଇ ପାରୁ ନ ଥିବାବେଳେ ଗ୍ରାମର ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି । ଗ୍ରାମର ଭୋଇପଡାବାସୀ ସ୍ଥାନୀୟ ଆମମୁଣା ପ୍ରଜେକ୍ଟ ନାଳରୁ ଦୂଷିତ ପାଣି ଆଣିବାକୁ ବାଧ ହୋଇ ଜୀବନ ଯାପନ କରୁଥିବା ବେଳେ ସୁନାନୀ ପଡ଼ାବାସୀ ଆଶ୍ରମପଡ଼ାରୁ ପାଣି ଆଣି ଚଳୁଛନ୍ତି । ସେହିପରି ମାଝୀ ପଡ଼ାବାସୀ ସ୍ଥାନୀୟ ଲାଲ ବନ୍ଧ (ପୋଖରୀ) ର କାଦୁଅ ପଙ୍କପାଣି ଗାଧୋଉଥିବା ସହ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ପାଣିପାଇଁ ସମସ୍ୟା ଲାଗି ରହିଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ସମସ୍ୟା ସମାଧାନ କରିବା ଦିଗରେ କୌଣସି ପଦକ୍ଷେପ ନ ନେବା ବିଭଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରାପ୍ତ ଖବର ଅନୁସାରେ ମାଝିପଡାରେ ୮ଶହରୁ ଅଧିକ ଜନସଂଖ୍ୟା ରହିଥିବାବେଳେ ଖଇରପଦର ରେ ୧୫ଶହରୁ ଅଧିକ ଅଛନ୍ତି । ଆଦିବାସୀ ଅଧ୍ୟୁଷିତ ବଣ ଜଙ୍ଗଲଘେରା ତଥା ପାହାଡ଼ିଆ ଅଞ୍ଚଳ ହୋଇଥିବା ବେଳେ ନଳକୂପ ଗୁଡିକରେ ଫ୍ଲୋରାଇଡ ପାଣି ବାହାରୁଥିବାରୁ ସେହି ନଳକୂପ ପାଣି ଲୋକେ ବ୍ୟବହାର କରୁନାହାନ୍ତି । କିନ୍ତୁ ସମସ୍ୟା ସମୟରେ ଅନ୍ୟ କୌଣସି ଉପାୟ ନ ପାଇ ବାଧ ହୋଇ ଲୋକେ ବ୍ୟବହାର କରନ୍ତି । ହେଲେ ନଳକୂଅ ଅଚଳ ଯୋଗୁଁ ଏହା ମଧ୍ୟ ସମ୍ଭବ ହେଉ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ନଳକୂପ ମରାମତି କରିବାକୁ ଗ୍ରାମର ପ୍ରମିଳା ମାଝୀ, କଦଲି ମାଝୀ, ଉମରେ ମାଝୀ, ଲଳିତା ମାଝୀ, ନେପୁର ମାଝୀ, ନନ୍ଦିନୀ ମାଝୀ, ତ୍ରିବେଣୀ ମାଝୀ, ତୁଳସେ ମାଝୀ, ଅଞ୍ଜଳି ମାଝୀ, ପଦ୍ମା ମାଝୀ, ଅହଲ୍ୟା ମାଝୀ, ଫୁଲମତି ମାଝୀ, ଚନ୍ଦନ ମାଝୀ, ୱାର୍ଡସଭ୍ୟ ତପେଶ୍ୱର ମାଝୀ, ଧନମତି ମାଝୀ, ପିତାମ୍ବର ମାଝୀ, ସମାଜସେବୀ ଲକ୍ଷ୍ମୀକାନ୍ତ ମେହେର, ସୁଦର୍ଶନ ମାଝୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି । ଆଗାମୀ ଦିନରେ ନଳକୂଅ ମରାମତି ସଙ୍ଗକୁ ଜଳଯୋଗାଣ ପ୍ରକଳ୍ପରୁ ପାନୀୟଜଳ ବ୍ୟବସ୍ଥାରେ ସୁଧାର ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଏନେଇ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ପଚାରିବାରୁ ଏକ ସ୍ୱତନ୍ତ୍ର ଟିମ୍ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହ ନଳକୂପ ମରାମତି କରାଯିବ ବୋଲି କହିଛନ୍ତି ।

# ଗ୍ରାମ୍ୟ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ସିନାପାଲି,୨୩।୯ (ସମିସ): ନୂଆ ଦିଲ୍ଲୀସ୍ଥିତ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ଙ୍କର ନିର୍ଦ୍ଦେଶକ୍ରମେ ସୁନାବେଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ା ପକ୍ଷରୁ ନାଲସାର ବିଭିନ୍ନ ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ୬୦-ଦିନିଆ ମେଗା ଡ୍ରାଇଭ୍ ଶୁଭାରମ୍ଭ ହୋଇଛି । ଏହି ମେଗା ଡ୍ରାଇଭଟି ଅକ୍ଟୋବର ୨୩ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମ୍ୟ ଆଇନ ସହାୟତା କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା ଦେଶର ୧୮ ଟି ରାଜ୍ୟର ୩ ରୁ ୬ ଟି ଲେଖାଏଁ ଜିଲ୍ଲା ଏହି ମେଗା ଡ୍ରାଇଭ ପାଇଁ ଚୟନ କରାଯାଇଛି, ଯେଉଁଥିରେ ନୂଆପଡ଼ା ଅନ୍ୟତମ । ଚୟନ ହୋଇଥିବା ଜିଲ୍ଲା ମାନଙ୍କୁ ନିଜ ଜିଲ୍ଲାର ଏକ ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମରେ ମେଗା ଡ୍ରାଇଭ ଅନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ତେଣୁ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ଥିବା ଏହି ପଞ୍ଚାୟତକୁ





ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଚୟନ କରାଯାଇଛି । ଏହି ଆଇନ ସହାୟତା କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁନାବେଡ଼ା ଏବଂ ଏହାର ଆଖପାଖ ଅଞ୍ଚଳର ସାଧାରଣ ଜନସାଧାରଣଙ୍କୁ ଆଇନଗତ ସହାୟତା ଓ ଆଇନ ସମ୍ପର୍କିତ ସଚେତନତା ପ୍ରଦାନ କରିବା । ବିଶେଷକରି ଆର୍ଥିକ ଓ ସାମାଜିକ ଭାବେ ଦୁର୍ବଳ ବର୍ଗ, ମହିଳା, ଶିଶୁ, ବୃଦ୍ଧ, ଦିବ୍ୟାଙ୍ଗ ଏବଂ ଆଇନଗତ ସହାୟତାର ଆବଶ୍ୟକତା ଥିବା ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାଗଣା ଆଇନ ସେବା ପହଞ୍ଚାଇବା ଏହାର ପ୍ରମୁଖ ଲକ୍ଷ୍ୟ ଅଟେ । ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ନୂଆପଡ଼ା ଲମ୍ବୋଦର ଧରୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା ପବିତ୍ର ସାମଲ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା ଭକ୍ତବନ୍ଧୁ ବୁଡ଼େକ୍, ଉପମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅନୁପ ଶର୍ମା, ସୁନାବେଡ଼ା ସରପଞ୍ଚ ରଜନୀ ଜଗତ ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜୟ ପ୍ରକାଶ ମାଝୀ ଏବଂ ପ୍ରାଧିକରଣର ଅଧିକାର ମିତ୍ରଗଣ ଯଥା ତୋଫାନ ବାଗ, ଚିତ୍ତେଶ୍ୱରୀ ଜଗତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିମାନେ ଲୋକମାନଙ୍କୁ ମାଗଣା ଆଇନ ସେବା, ଆଇନଗତ ପରାମର୍ଶ, ମଧ୍ୟସ୍ଥତା ଏବଂ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିଥିଲେ । ଆଇନର ସୁବିଧା ସମାଜର ଶେଷସ୍ତରରେ ଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଗ୍ରାମୀଣ ଆଇନ ସହାୟତାକେନ୍ଦ୍ରରେ ସାଧାରଣ ଲୋକଙ୍କୁ ଉପଲବ୍ଧ ମାଗଣା ଆଇନ ସେବା ବିଷୟରେ ଅବଗତ କରାଇବା ସହିତ ଆବଶ୍ୟକତା ଥିବା ବ୍ୟକ୍ତିଙ୍କୁ ଆଇନ ସେବା ପ୍ରାଧିକରଣ ସହିତ ଯୋଡ଼ିବା ପାଇଁ ଅଧିକାର ମିତ୍ର ମାନଙ୍କୁ ନିଯୁକ୍ତ କରାଯାଇଛି । ସୁନାବେଡ଼ାରେ ଏହି ଗ୍ରାମୀଣ ଆଇନ ସହାୟତା କେନ୍ଦ୍ରର ସ୍ଥାପନ ଦ୍ୱାରା ଅଞ୍ଚଳବାସୀଙ୍କ ନିକଟରେ ଆଇନଗତ ସହାୟତାକୁ ଅଧିକ ସହଜ ଓ ସୁଗମ କରାଯାଇପାରିବ । 'ନ୍ୟାୟ ସମସ୍ତଙ୍କ ପାଇଁ' ଲକ୍ଷ୍ୟକୁ ସାକାର କରିବା ଦିଗରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲି ସଚିବ ନବନୀତା ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ନୂଆପଡ଼ା ଜିଲ୍ଲାରେ ୨୨୬.୨ ମିମିବର୍ଷା

ସିନାପାଲି,୨୩।୯ (ସମିସ): ନୂଆପଡ଼ା ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଛି । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଜିଲ୍ଲାର ୫ଟି କେନ୍ଦ୍ରର ତଥ୍ୟ ଅନୁଯାୟୀ ମୋଟ ୨୨୬.୨ ମିମି ବର୍ଷା ରେକର୍ଡ ହୋଇଛି । କୋମନାରେ ସର୍ବାଧିକ ୬୬ ମିମି ବର୍ଷା ହୋଇଥିବାବେଳେ ବୋଡେନରେ ୫୨ ମିମି, ଖରିଆରରେ ୪୬ ମିମି, ସିନାପାଲିରେ ୩୬ ମିମି ଏବଂ ନୂଆପଡ଼ାରେ ୨୪.୨ ମିମି ବର୍ଷା ରେକର୍ଡ ହୋଇଛି । ଏହି ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜନଜୀବନ ଓ ଯାତାୟାତ ଉପରେ ପ୍ରଭାବ ପଡ଼ିଥିବା ଜଣାପଡ଼ିଛି । ବିଶେଷକରି ତଳିଆ ଅଞ୍ଚଳରେ ବର୍ଷାଜଳ ଜମିବା ସହ ଚାଷଜମିରେ ମଧ୍ୟ ପାଣି ଜମିଥିବା ଦେଖିବାକୁ ମିଳିଛି । ଖବର ଲେଖା ହେଲା ବେଳକୁ ପ୍ରବଳ ବର୍ଷା ଲାଗି ରହିଛି ।

## ତିଳେଇବଣି ବ୍ଲକ୍‌ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଦେବଗଡ଼,୨୩।୯ (ସମିସ): ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ୍ କଲ୍ୟାଣ ମଣ୍ଡପରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତିଳେଇବଣି ବ୍ଲକ୍ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଓ ଡକ୍ଟର ମାନ୍ ସାଙ୍ଗ ମୁର୍ମୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମାନସିକ ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ, ଶ୍ରବଣ ବିଶେଷଜ୍ଞ ଓ ଦୃଷ୍ଟି ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା । ୯୦ ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲେ । ବିଶେଷଜ୍ଞଙ୍କ ଦ୍ୱାରା ଚିହ୍ନିତ ଭିନ୍ନକ୍ଷମମାନଙ୍କୁ ହୁଇଲ ଚେୟାର, ଟ୍ରାଇ ସାଇକେଲ, କ୍ରଚେସ, ଏଲବୋ ଷ୍ଟିକ୍, ଟ୍ରି ବୋଟ୍, ଏଲଏସ ବେଲ୍ଟ ଇତ୍ୟାଦି ଉପକରଣ ପ୍ରଦାନ କରାଯିବା ସହ ୬ ଜଣଙ୍କୁ ସ୍କିଲ୍ ଡେଭଲପମେଣ୍ଟ,୧୮ ଜଣଙ୍କୁ ଅର୍ଥୋ ଓ ୧୩ ଜଣ ଭୌତିକ ଚିକିତ୍ସା ପାଇଁ ଚିହ୍ନଟ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚକ୍ଷୁ ପରୀକ୍ଷା ଶିବିର



ବୌଦ୍ଧ,୨୩।୯ (ସମିସ): ବୌଦ୍ଧ ଜିଲ୍ଲା ମୁଣ୍ଡାପଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ବାଉଁଶୁଣୀ ନମ୍ରତା ଫାଉଣ୍ଡେସନ ଏବଂ ବୀରମହାରାଜପୁର ପଣ୍ଡାପାଲିର ମହାନଦୀ ନେତ୍ର ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ମହେନ୍ଦ୍ର ମହାକୁଳ, ସଞ୍ଜିବ ହାତୀ ପ୍ରମୁଖ ସହଯୋଗ କରିଥିଲେ ।

## ସଂଘବଦ୍ଧ ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

● ଅନୈତିକ କାର୍ଯ୍ୟକୁ ବିରୋଧ କରିବାରୁ ଅଘଟଣ

**ମୃତଦେହ ରଖି ସାହି ବାସିନ୍ଦାଙ୍କ ରାସ୍ତାରୋକ**

ଦେବଗଡ଼, ୨୩।୯ (ସମିସ): ଦେବଗଡ଼ ପୌରାଞ୍ଚଳ ରଜାମୁଣ୍ଡାରେ ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ରଜାମୁଣ୍ଡାର ହାଡୁ ନାଏକ (୪୫) । ଗତ ୨୦ ତାରିଖ ରାତିରେ ରଜାମୁଣ୍ଡାସ୍ଥିତ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ କାର୍ଯ୍ୟରତ ଜଗୁଆଳିଙ୍କ ପୁଅ କେତେକ ଯୁବତୀଙ୍କୁ ନେଇ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଜାଣି ହାଡୁ ଓ ଅନ୍ୟ କେତେ ଜଣ ଏହାର ପ୍ରତିବାଦ କରିଥିଲେ । ଏଣୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହାର କିଛି ସମୟ ପରେ ପ୍ରାୟ ୧୦ରୁ ଅଧିକ ଯୁବକ ସଙ୍ଘବଦ୍ଧ ଭାବେ ହାଡୁ ଓ ସାଥିଙ୍କ ଉପରେ ଆକ୍ରମଣ କରିଥିଲେ । ଏହା ଫଳରେ ହାଡୁ ଗୁରୁତର ହୋଇ ଚିକିତ୍ସା ପାଇଁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ଅବସ୍ଥା ଶଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା; ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ହାଡୁଙ୍କ ମୃତ୍ୟୁ ଘଟିଛି । ଏହାକୁ ନେଇ ବୁଧବାର ଉତ୍ତେଜନା ଦେଖା ଦେଇଛି । ସକାଳେ ସାହି ବାସିନ୍ଦା ରାସ୍ତା ଉପରେ ମୃତଦେହ ଧରି ଧାରଣା ଦେଇଥିଲେ । ଦେବଗଡ଼ ଥାନା ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲା । ଶେଷରେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଆସି ପହଞ୍ଚି ଥିଲେ । ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ୩ ଘଣ୍ଟା ଧରି ଚାଲିଥିବା ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା ।

**ନୂଆପଡ଼ା ଜିଲ୍ଲାପାଳଙ୍କ ଅଭିନବ ପଦକ୍ଷେପ**

## ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ

ସିନାପାଲି,୨୩।୯ (ସମିସ): ଛାତ୍ରଛାତ୍ରୀଙ୍କ ଶିକ୍ଷଣରେ ଉନ୍ନତି ଆଣିବା ସହ ସେମାନଙ୍କୁ ଉଚ୍ଚଶିକ୍ଷା ଓ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । "ସମ୍ଭାବନା-୨୦୨୬" କାର୍ଯ୍ୟକ୍ରମ ଅଧୀନରେ ଏଣିକି ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବେ । ସେପ୍ଟେମ୍ବର ୩ ତାରିଖରେ ଅନୁଷ୍ଠିତ ଜିଲ୍ଲା ସମୀକ୍ଷା ବୈଠକର ନିଷ୍ପତ୍ତି ଅନୁଯାୟୀ ଜିଲ୍ଲାପାଳ ଶ୍ରୀ ଦାଶ ଏନେଇ ଆଦେଶ ଜାରି କରିଛନ୍ତି । ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ନିଜକୁ ଟ୍ୟାଗ୍ କରାଯାଇଥିବା ବିଦ୍ୟାଳୟକୁ ଯାଇ କ୍ଲାସ ନେବେ । ଅଧିକାରୀମାନେ କେବଳ ପାଠ ପଢ଼ାଇବାରେ ସୀମିତ ନରହି ଛାତ୍ରଛାତ୍ରୀଙ୍କ ଧାରଣା ।କ ଜ୍ଞାନ, ଶିକ୍ଷାଗତ ପ୍ରସ୍ତୁତି ଓ ଶିକ୍ଷଣ ପ୍ରଗତିକୁ ଗୁରୁତ୍ୱ ଦେବେ । ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରି ଆବଶ୍ୟକ ଶିକ୍ଷାଗତ ମାର୍ଗଦର୍ଶନ ଓ ପ୍ରେରଣା ଦେବା ସହ ଭବିଷ୍ୟତ ଶିକ୍ଷା ଓ କ୍ୟାରିୟର ସମ୍ପର୍କରେ ମଧ୍ୟ ପରାମର୍ଶ ପ୍ରଦାନ କରିବେ । ପ୍ରତ୍ୟେକ ଗସ୍ତ ସମୟରେ ନିଆଯାଇଥିବା ଶ୍ରେଣୀ ଓ ଅନ୍ୟାନ୍ୟ ଶିକ୍ଷାଗତ କାର୍ଯ୍ୟକଳାପର ସଂକ୍ଷିପ୍ତବିବରଣୀ ରଖିବା ସହ ଅଧିକାରୀମାନେ ନିଜ ଗସ୍ତ ଓ ଛାତ୍ରଛାତ୍ରୀଙ୍କ ପ୍ରଗତି ସମ୍ପର୍କରେ ରିପୋର୍ଟ ଦାଖଲ କରିବେ । ଜିଲ୍ଲାର ଅଧିକାରୀ ଓ କର୍ମଚାରୀମାନଙ୍କୁ ସିଧାସଳଖ ଶିକ୍ଷାଦାନ ପ୍ରକ୍ରିୟା ସହ ଯୋଡ଼ି ଛାତ୍ରଛାତ୍ରୀଙ୍କ ଶିକ୍ଷଣ ପ୍ରଗତିରେ ସହଯୋଗ କରିବାର ଏହି ପଦକ୍ଷେପ ନୂଆପଡ଼ାର ଶିକ୍ଷା କ୍ଷେତ୍ରରେ ଏକ ଅଭିନବ ପ୍ରୟାସ । "ସମ୍ଭାବନା-୨୦୨୬" ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା, ଆତ୍ମବିଶ୍ୱାସ ଓ ଭବିଷ୍ୟତ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ।

## ବୋଲେରୋରୁ ୯୦ କେଜି ଗଞ୍ଜେଇ ଜବତ; ୨ଗିରଫ

ମନମୁଣ୍ଡା,୨୩।୯ (ସମିସ): ମନମୁଣ୍ଡା ପୁଲିସ ସାନମନମୁଣ୍ଡା ନିକଟରେ ଏକ ବୋଲେରୋରୁ ୯୦ କେଜି ୪୬୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଅନୁଗୋଳ ଜିଲ୍ଲା ଖମାର ଥାନା ଅଧୀନ ବିଜିଗୋଠର ପ୍ରଦୀପ ବେହେରା (୩୦) ଏବଂ ବେନିପଥରର ନନ୍ଦଲାଲ ହେଶର (୩୨)କୁ ପୁଲିସ ଗିରଫ କରିଛି ବୋଲି ଆଇଆଇସି ଚିରଞ୍ଜିବି ବେହେରା ସୂଚନା ଦେଇଛନ୍ତି ।



## ପୁଲିସ ଫେରାଇଲା ୬୨ ମୋବାଇଲ ଫୋନ୍





ଦେବଗଡ଼,୨୩।୯ (ସମିସ): ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଆଜି ମୋବାଇଲ ଫୋନ ଫେରସ୍ତ ମେଳା ପଡିଥିଲା । ଦେବଗଡ଼ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜବତ ବା ଉଦ୍ଧାର ହୋଇଥିବା ୬୨ଟି ମୋବାଇଲ ଫୋନକୁ ପୁଲିସ ଲୋକଙ୍କୁ ଫେରାଇଛି । ଅତିରିକ୍ତ ଏସପି ଧୀରଜ ଚୋପଦାର, ସାଇବର ସେଲ୍ ଡିଏସପି ପବିତ୍ର କିଷାନ, ଦେବଗଡ଼ ଏସ୍‌ଡିପିଓ ରମେଶ ମାହାନା ପ୍ରମୁଖ ଉପସ୍ଥିତ ଥିଲେ ।

## ଇଭିଏମ୍ ଓ ଭିଭିପାଟ୍ ଗୋଦାମର ତ୍ରୈମାସିକ ଯାଞ୍ଚ

ଝାରସୁଗୁଡ଼ା,୨୩।୯ (ସମିସ): ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଇଭିଏମ୍ ଏବଂ ଭିଭିପାଟ୍ ଗୋଦାମର ଯାଞ୍ଚ ଏବଂ ତଦାରଖ କରିଛନ୍ତି । ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ଗୋଦାମର ସୁରକ୍ଷା ବ୍ୟବସ୍ଥା, ସିସିଟିଭି ନଜରଦାରୀ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଏବଂ ମେସିନଗୁଡ଼ିକର ରକ୍ଷଣାବେକ୍ଷଣ ସ୍ଥିତିକୁ ବିସ୍ତୃତ ଭାବେ ଅନୁଧ୍ୟାନ କରାଯାଇଥିଲା । ଏହି ଯାଞ୍ଚ ସମୟରେ ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ ଉପସ୍ଥିତ ରହି ସମସ୍ତ ବୈଷୟିକ ତଥା ପ୍ରଶାସନିକ କାର୍ଯ୍ୟାବଳୀ ତଦାରଖ କରିଥିଲେ । ଏଥିସହିତ ପ୍ରକ୍ରିୟାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସାମିଲ କରାଯାଇଥିଲା । ଏଥିରେ ବିଜୁ ଜନତା ଦଳ (ବିଜେଡି) ତରଫରୁ ଶ୍ରୀ ରଘୁନନ୍ଦନ ପାଢ଼ୀ ଏବଂ ବହୁଜନ ସମାଜ ପାର୍ଟି (ବିଏସପି) ତରଫରୁ ଅଳିନ୍ଦ୍ର ଚାନ୍ଦ ଉପସ୍ଥିତ ରହି ସମଗ୍ର ଯାଞ୍ଚ ପ୍ରକ୍ରିୟାକୁ ନିରୀକ୍ଷଣ କରିଥିଲେ ।

# ଧାନ ଫସଲରେ ରୋଗପୋକ, ଚିନ୍ତାରେ ଚାଷୀ

ଖଡ଼ିଆଳ,୨୩।୯ (ସମିସ)

ବୋଡେନ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଧାନ ଫସଲରେ ରୋଗପୋକ ଲାଗି ଚାଷୀଙ୍କ ଚିନ୍ତା ବଢ଼ିଛି । ଅମଳ ସମୟ ପାଖେଇ ଆସିଥିବାବେଳେ ପତ୍ରପୋଡ଼ା, କାଣ୍ଡବିନ୍ଧା, ବ୍ଲାଷ୍ଟ ଭଳି ବିଭିନ୍ନ ରୋଗପୋକ ଦେଖାଦେଇ ଫସଲ ନଷ୍ଟ ହେବାକୁ ଲାଗିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷୀଙ୍କ କହିବା ଅନୁଯାୟୀ, ଗତ ପ୍ରାୟ ୧୦ ଦିନ ହେଲା ଫସଲରେ ରୋଗପୋକ ଦେଖାଦେବା ପରେ ବିଭିନ୍ନ କୀଟନାଶକ ଓ ଔଷଧ ସିଞ୍ଚନ କରାଯାଉଛି । ଏଥିପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ରୋଗପୋକ



ନିୟନ୍ତ୍ରଣକୁ ଆସୁନଥିବାରୁ ଚାଷୀମାନେ ନିରାଶ ହୋଇପଡ଼ିଛନ୍ତି । ଅମଳ ସମୟରେ ଫସଲର କ୍ଷତି ହେଲେ ଚାଷୀଙ୍କ ଆର୍ଥିକ କ୍ଷତି ବଢ଼ିବାଆଶଙ୍କା ଦେଖାଦେଇଛି । କରଙ୍ଗମାଳ ଗ୍ରାମର ହୃଷିକେଶ ପଣ୍ଡା, ସର୍ବେଶ୍ୱର ପଣ୍ଡାଙ୍କ ୧୦ ଏକର, ଅମରେଶ ପଣ୍ଡା, ଅଶୋକ ପଣ୍ଡାଙ୍କ ୧୦ ଏକର, ରାଜେନ୍ଦ୍ର ପଣ୍ଡାଙ୍କ ୫ ଏକର, ନିତ୍ୟାନନ୍ଦ ହୋତା, ଚୈତନ୍ୟ ହୋତାଙ୍କ ୧୦ ଏକର, ଅମରସିଂ ହରିଜନଙ୍କ ୫ ଏକର, ଲେଖିଧର ତାଣ୍ଡିଙ୍କ ୨ ଏକର, ଚମର ଚିନ୍ଦାଙ୍କ ୩ ଏକର, ପ୍ରକାଶ ପଣ୍ଡାଙ୍କ ୫ ଏକର, ବେଣୁଧର ରଣା ଓ ଅଲେଖ ରଣାଙ୍କ ୨ ଏକର ଲେଖାଏଁ, ଅମରନାଥ ଗହୀରଙ୍କ ୨ ଏକର ଏବଂ ସନାତନ ପଣ୍ଡାଙ୍କ ୫ ଏକର ଧାନ ଫସଲରେ ମଧ୍ୟ ରୋଗପୋକ ଲାଗିଥିବା ଚାଷୀମାନେ ପ୍ରକାଶ କରିଛନ୍ତି । କେବଳ କରଙ୍ଗମାଳ ନୁହେଁ, ବୋଡେନ, ବିରେସକେଲା, କେରାପଦର, ଫରସରା, ପୁଟୁପଡ଼ା, ଆମଗୁଡ଼ା, ବିନୋପୁର, ବୁଢ଼ୀପଦର, କୁଲେକେଲା, ବୋଇରଗା, କୁସୁମଖୁଣ୍ଟା, ଲିଟିସର୍ଗି, ରାଜପୁର, ଅଳଭଟା, ଦେହନାପାଲି, ବାବିର, ଖଇରଭାଡ଼ି, ଧାରଣୀମାଳ, ମହୁଲପଡ଼ା, ବର୍ତ୍ତନସିଲ, କୁଳିଙ୍ଗମାଳ, କାମପୁର, ଲାର୍କ, ଅନକାପୁର, କ୍ଷୀରମାଳ, କମଲାମାଳ ଓ ରୋକାଲ ଆଦି ଅଞ୍ଚଳରେ ମଧ୍ୟ ଧାନ ଫସଲରେ ରୋଗପୋକ ଲାଗିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏଭଳି ସ୍ଥିତିରେ କୃଷି ବିଭାଗ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଧାନ ଫସଲର ସ୍ଥିତି ଅନୁଧ୍ୟାନ କରି ରୋଗପୋକ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପରାମର୍ଶ ଓ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି ।

## ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ

ଝାରସୁଗୁଡ଼ା,୨୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ ।



ଦାୟିତ୍ୱ ଗ୍ରହଣ କରିବା ପରେ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବିଭିନ୍ନ ବିଭାଗ ଓ ଶାଖାଗୁଡ଼ିକୁ ବୁଲି ଦେଖିବା ସହ କାର୍ଯ୍ୟ ପ୍ରଣାଳୀର ତଦାରଖ କରିଥିଲେ । ଏହି ଅବସରରେ ସେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରି ସରକାରୀ ସେବା ତଥା ରାଜସ୍ୱ ସମ୍ପର୍କିତ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସମସ୍ତେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖାଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖାଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାମଲାମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନା ମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାମୁକ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖାଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୬୧- ସ୍ୱାଧୀନତା ସଂଗ୍ରାମୀ ମାଡାମ୍ ଭିକାଜୀ କାମାଙ୍କ ଜନ୍ମ।
- ୧୯୪୮ - ହୋଣ୍ଡା ମୋଟର କମ୍ପାନିର ସ୍ଥାପନା।
- ୧୯୬୮ - ସ୍ୱାଜିଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୭୮ - ପୂର୍ବ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୨୦୧୩- ପାକିସ୍ତାନର ବେଲୁଚିସ୍ତାନରେ ୭.୭ ତୀବ୍ରତାର ଭୂମିକମ୍ପ ଆସିବାରୁ ୫୧୫ ଲୋକଙ୍କ ପ୍ରାଣହାନି।

# 'ଲଭ୍ ଆଣ୍ଡ ୱାର୍' ସୁଟିଂ ସରିବା ପରେ ପୁଣି ସେଟ୍‌କୁ ଫେରିଲେ ସଞ୍ଜୟ



'ଦେବଦାସ', 'ବାଜିରାଓ ମସ୍ତାନୀ' ଏବଂ 'ପଦ୍ମାବତ୍' ଭଳି ବ୍ଲକବଷ୍ଟର୍ ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଂଶାଲୀ ପୁଣିଥରେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସେ ଏବେ ତାଙ୍କର ଆଗାମୀ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଲଭ୍ ଆଣ୍ଡ ୱାର୍' ପାଇଁ ଚର୍ଚ୍ଚାରେ। ଫିଲ୍ମର ସମସ୍ତ କାମ ସରିଆସିଲାଣି ବୋଲି ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। କିଛି ସପ୍ତାହ ପୂର୍ବରୁ ଫିଲ୍ମର ମୁଖ୍ୟ କଳାକାର ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକି କୌଶଳ ନିଜ ନିଜ ଅଂଶର ସୁଟିଂ ଶେଷ କରି ଫିଲ୍ମର ସୁଟିଂ ଶେଷ ହୋଇଥିବା କଥା ସାମାଜିକ ଗଣମାଧ୍ୟମରେ ମଧ୍ୟ ଘୋଷଣା କରିଥିଲେ। ହେଲେ ଯେତେବେଳେ ସଞ୍ଜୟ ଏଡିଟିଂ ଟେବୁଲ୍‌ରେ ବସି ସୁଟ୍ ହୋଇଥିବା ଦୃଶ୍ୟଗୁଡ଼ିକୁ ଦେଖିଲେ, ଚଳଚ୍ଚିତ୍ରର ଯୁଦ୍ଧ ସିନ୍‌ଗୁଡ଼ିକୁ ଆହୁରି ଅଧିକ ଭବ୍ୟ ଏବଂ ରୋମାଞ୍ଚକର କରାଯାଇପାରିବ ବୋଲି ଭାବିଲେ। ସଞ୍ଜୟ ତାଙ୍କ ସିନେମାରେ ପରଫେକ୍ସନ୍ ପାଇଁ ଜଣାଶୁଣା, ତେଣୁ ସେ ତାଙ୍କର ଏହି ପ୍ରୋଜେକ୍ଟରେ କୌଣସି ପ୍ରକାରର ସାଲିସ୍ କରିବାକୁ ଚାହୁଁନାହାନ୍ତି। ସୁଟିଂ ଶେଷ ହେବାର ତିନି ସପ୍ତାହ ପରେ ପୁଣିଥରେ ସଞ୍ଜୟ ମୁମ୍ବାଇର ଗୋରେଗାଓଁ ସ୍ଥିତ 'ଫେଲକମ୍ ମୈଦାନ' ସେଟ୍‌କୁ ଫେରିଛନ୍ତି। ସେଠାରେ ସେ ପ୍ରାୟ ସପ୍ତାହେ ଧରି ଯୁଦ୍ଧର ସିନ୍‌ଗୁଡ଼ିକୁ ଭଲ ଭାବେ ସୁଟ୍ କରୁଛନ୍ତି। ଅବଶ୍ୟ, ଏହାଦ୍ୱାରା ପୂର୍ବରୁ ସୁଟ୍ ହୋଇଥିବା କାହାଣୀରେ କୌଣସି ପରିବର୍ତ୍ତନ କରାଯାଉନାହିଁ, ବରଂ ଦୃଶ୍ୟଗୁଡ଼ିକୁ ଅଧିକ ଜୀବନ୍ତ କରିବା ପାଇଁ ପ୍ରୟାସ କରାଯାଉଛି। ଆସନ୍ତା ୨୬ ଜାନୁଆରୀ, ୨୦୨୭ରେ ସାଧାରଣତନ୍ତ୍ର ଦିବସ ଅବସରରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଏହି ଚଳଚ୍ଚିତ୍ରଟି କେବଳ ହିନ୍ଦୀ ନୁହେଁ, ବରଂ ତାମିଲ ଏବଂ ତେଲୁଗୁ ଭାଷାରେ ମଧ୍ୟ ସାରା ବିଶ୍ୱରେ ମୁକ୍ତିଲାଭ କରିବ। ଏହା ଏକ ପିରିୟଡିକ୍ ରୋମାଣ୍ଟିକ୍ ଡ୍ରାମା ହେବ। ଏହା ରାଜ କପୁରଙ୍କ କ୍ଲାସିକ୍ ଫିଲ୍ମ 'ସଙ୍ଗମ'ରୁ ପ୍ରେରିତ ହୋଇଥିବା କୁହାଯାଉଛି। ଏଥିରେ ଦୁଇଜଣ ସେନା ଅଧିକାରୀ (ରଣବୀର ଓ ଭିକି) ଏବଂ ଜଣେ ମହିଳାଙ୍କ (ଆଲିଆ) ମଧ୍ୟରେ ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଦେଖିବାକୁ ମିଳିବ, ଯାହାର ପୃଷ୍ଠଭୂମି ହେଉଛି ଭୟଙ୍କର ଯୁଦ୍ଧ। ବଲିଉଡ୍‌ର ସବୁଠାରୁ ଦକ୍ଷ କଳାକାରଙ୍କ ସହ ସଞ୍ଜୟଙ୍କ ଏହି ଫିଲ୍ମ ବକ୍ସ ଅଫିସ୍‌ରେ କିଭଳି ଯାଦୁ ଦେଖାଉଛି, ତାହା ଦେଖିବାକୁ ବାକି ରହିଲା।

# ଛାତ ଉପରେ ସ୍କର୍ପିଓ

ସାଧାରଣତଃ ଗାଡ଼ି ଚୋରି ନ ହେବା ପାଇଁ ଲୋକେ ଜିପିଏସ୍ ଟ୍ରାକର୍, ଆଣ୍ଟି ଥେଫ୍ଟ ଆଲାର୍ମ, ସିସିଟିଭି କ୍ୟାମେରା ଲଗାଇବା ସହ ସୁରକ୍ଷିତ ସ୍ଥାନରେ ପାର୍କିଂ କରିଥାନ୍ତି। ହେଲେ ବିହାରର ଗୋପାଳଗଞ୍ଜ ଜିଲ୍ଲାରେ ଜଣେ ବ୍ୟକ୍ତି ଗାଡ଼ି ଚୋରି ଭୟରେ ନିଜର ବ୍ରାଣ୍ଡ ନ୍ୟୁ ମହିନ୍ଦ୍ରା ସ୍କର୍ପିଓ କ୍ଲାସିକ୍‌କୁ ଏକ ବଡ଼ କ୍ରେନ୍ ସାହାଯ୍ୟରେ ଟେକି ନେଇ ନିଜ ଦୁଇ ମହଲା ଘର ଛାତ ଉପରେ ରଖି ଏବେ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗାଡ଼ିର ମାଲିକ ମନୋଜ ଯାଦବ ବିଦେଶରେ ରହି କାମ କରନ୍ତି। ସେ ଗାଡ଼ିଟିକୁ ଦେଖାଶୁଣା କରିବା ପାଇଁ ଜଣେ ଡ୍ରାଇଭର ରଖିଥିଲେ, କିନ୍ତୁ କୌଣସି କାରଣରୁ ଡ୍ରାଇଭର ଚାକିରି ଛାଡ଼ି ଚାଲିଯାଇଥିଲା। ମନୋଜ ବିଦେଶରେ ଥିବାରୁ ଏବଂ ଘର ବାହାରେ ଗାଡ଼ି ରହିଲେ ଚୋରି ବା ଭଙ୍ଗାରୁଜା ହେବା ଆଶା କରି ପରିବାର ଲୋକେ ଏଭଳି ଏକ ଉପାୟ ଅବଲମ୍ବନ କରିଥିଲେ। ପରିବାର ଲୋକେ ଏକ ବଡ଼ ହେଭି-ଡ୍ୟୁଟି କ୍ରେନ୍ ଭଡ଼ାରେ ଆଣିଥିଲେ। ସ୍କର୍ପିଓକୁ ଚାରିପଟୁ ବେଲ୍ଟରେ ବାନ୍ଧି ଘରର ଦ୍ୱିତୀୟ ମହଲା ଛାତ ଉପରକୁ ନିଆଯାଇଥିଲା ଏବଂ ସେଠାରେ ସୁରକ୍ଷିତ ଭାବେ ରଖାଯାଇଥିଲା। ଛାତ ଉପରେ ଗାଡ଼ି ପାର୍କିଂ ହୋଇଥିବା ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଆସିବା ପରେ ଲୋକେ ଏହାକୁ ଦେଖି ଚକିତ ହୋଇଯାଇଛନ୍ତି। ଅନେକେ ଏଥିରେ ମଜାଳିଆ ଢଙ୍ଗରେ ଲେଖିଛନ୍ତି, "ବିହାର ନୂଆ ପାର୍କିଂ ଲେଭଲ୍ ଅନ୍‌ଲକ୍ କରିଦେଇଛି।" ଅପରପକ୍ଷରେ ମହିନ୍ଦ୍ରା ଗ୍ରୁପ୍‌ର ଚେୟାରମ୍ୟାନ୍ ଆନନ୍ଦ ମହିନ୍ଦ୍ରା ମଧ୍ୟ ଏହି ଭିଡିଓ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି ଯେ, "ଏହା ପାର୍କିଂର ନେକ୍ସଟ୍ ଲେଭଲ୍, କିନ୍ତୁ ଦୟାକରି ଏମିତି ଜିନିଷ ଘରେ ଚେଷ୍ଟା କରନ୍ତୁ ନାହିଁ।" ସେ ଆଶଙ୍କା ପ୍ରକାଶ କରିଛନ୍ତି ଯେ, "ଗାଡ଼ିର ଓଜନ ଯୋଗୁଁ ଘରର ଛାତ ଭାଙ୍ଗିଯିବାର ମଧ୍ୟ ବିପଦ ରହିଛି।"

# ଭୂଇଁରୁ ୧୪୦ ଫୁଟ ଉପରେ ଦୁନିଆ



ଆଜିର ଏଆଇ ଏବଂ ସୁପର୍ କମ୍ପ୍ୟୁଟର ଜମାନାରେ, ଯେଉଁଠି ମଣିଷ ମଙ୍ଗଳ ଗ୍ରହରେ ସହର ବସାଇବାକୁ ସ୍ୱପ୍ନ ଦେଖୁଛି, ସେତିକିବେଳେ ଏହି ପୃଥିବୀରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ଆଦିମ ସଭ୍ୟତା ଆଜି ବି ଜୀବନ୍ତ। କୌଣସି ଆଧୁନିକ ଜ୍ଞାନକୌଶଳ ବିନା, କେବଳ ବାଉଁଶ, ରଶି ଏବଂ ଗଛର ପତ୍ର ସାହାଯ୍ୟରେ ମାଟିରୁ ପ୍ରାୟ ୧୦୦ ରୁ ୧୪୦ ଫୁଟ ଉଚ୍ଚରେ ନିଜର ବାସଗୃହ ନିର୍ମାଣ କରନ୍ତି ଏହି ଜନଜାତି। ଏହା କୌଣସି କାଳ୍ପନିକ କାହାଣୀ ନୁହେଁ, ବରଂ ଇଣ୍ଡୋନେସିଆର ପାପୁଆ ଅଞ୍ଚଳର ଅଞ୍ଚଳର ଘଞ୍ଚ ଓ ରହସ୍ୟମୟ ଜଙ୍ଗଲରେ ବସବାସ କରୁଥିବା 'କୋରୱାଇ' ଜନଜାତିଙ୍କ ବାସ୍ତବ ଜୀବନଶୈଳୀ। ସେମାନଙ୍କର ଏହି ଅଦ୍ଭୁତ ଟ୍ରି-ହାଉସ୍ ଆଜି ସାରା ବିଶ୍ୱରେ ଆଶ୍ଚର୍ଯ୍ୟ ଓ ଚର୍ଚ୍ଚାର ବିଷୟ ପାଲଟିଛି। କୋରୱାଇ ଜନଜାତିଙ୍କ ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ସେମାନଙ୍କର ଘର। ଯେଉଁଠି ସାଧାରଣ ମଣିଷ ମାଟି ଉପରେ ଘର ତିଆରି କରେ, ଏହି ଜନଜାତିର ଲୋକେ ବଡ଼ ବଡ଼ ଗଛର ଅଗ୍ରଭାଗରେ ନିଜର ସଂସାର ବସାନ୍ତି। ଗୋଟିଏ ଗୋଟିଏ ଟ୍ରି-ହାଉସ୍ ଭୂମିରୁ ୩୫ ରୁ ୫୦ ମିଟର ଉଚ୍ଚତାରେ ନିର୍ମିତ ହୋଇଥାଏ। ଏହି ଘରଗୁଡ଼ିକୁ ତିଆରି କରିବା ପାଇଁ ସେମାନେ ଜଙ୍ଗଲର ମଜବୁତ ଗଛ, ବାଉଁଶ, କାଠ ଏବଂ ତାଳ ଜାତୀୟ ଗଛର ପତ୍ର ବ୍ୟବହାର କରନ୍ତି। ଏହି ଆକାଶଛୁଆଁ ଘରକୁ ଚଢ଼ିବା ପାଇଁ ଏକ ସ୍ୱତନ୍ତ୍ର କାଠର ଶିଡ଼ି ତିଆରି କରାଯାଇଥାଏ। ସୁରକ୍ଷା ଦୃଷ୍ଟିରୁ ରାତି ସମୟରେ ଏହି ଶିଡ଼ିକୁ ସେମାନେ ଉପରକୁ ଟାଣି ନିଅନ୍ତି। କୋରୱାଇ ଲୋକଙ୍କ ଗଛ ଉପରେ ରହିବା ପଛରେ କେବଳ ସଉକ ନୁହେଁ, ବରଂ ସେମାନଙ୍କର ସୁରକ୍ଷା ଓ ପରମ୍ପରା ଜଡ଼ିତ ରହିଛି। ପାପୁଆର ଘଞ୍ଚ ଜଙ୍ଗଲରେ ବିଷାକ୍ତ ସାପ, ପୋକଜୋକ ଏବଂ ହିଂସ୍ର ପଶୁଙ୍କ ଭୟ ସବୁବେଳେ ରହିଥାଏ। ଏତେ ଉଚ୍ଚରେ ରହିବା ଦ୍ୱାରା ସେମାନେ ସହଜରେ ଏହି ବିପଦରୁ ବଞ୍ଚିଯାଆନ୍ତି। ଅତୀତରେ ଅନ୍ୟ ପଡ଼ୋଶୀ ଜନଜାତିଙ୍କ ଆକ୍ରମଣ କିମ୍ବା ମହିଳା ଓ ପିଲାମାନଙ୍କୁ ଅପହରଣରୁ ରକ୍ଷା କରିବା ପାଇଁ ଏହି ଟ୍ରୀ-ହାଉସ୍ ସେମାନଙ୍କ ପାଇଁ ଏକ ଦୁର୍ଗ ଭଳି କାମ କରୁଥିଲା। ଏହାବାଦ୍ ଜଙ୍ଗଲରେ ବର୍ଷା ଯୋଗୁଁ ପାଣି ଜମି ରହୁଥିବାରୁ ମଶା ଅଧିକ ହୋଇଥାନ୍ତି। ଉଚ୍ଚତାରେ ରହିବା ଦ୍ୱାରା ମଶାଙ୍କ କବଳରୁ ମଧ୍ୟ ମୁକ୍ତି ମିଳିଥାଏ। କୋରୱାଇ ଜନଜାତିଙ୍କ ମାନ୍ୟତା ଅନୁଯାୟୀ, 'ଭୂମିର ନିକଟତର ହେଲେ ଦୁଷ୍ଟ ଆତ୍ମା କିମ୍ବା ଖରାପ ଶକ୍ତି ସେମାନଙ୍କୁ କ୍ଷତି ପହଞ୍ଚାଇ ପାରନ୍ତି। ତେଣୁ ସେମାନେ ଏପରି ଘରେ ରହି ନିଜକୁ ପ୍ରକୃତି ଓ ଆକାଶର ନିକଟତର କରି ରଖନ୍ତି।' ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରାୟ ୧୯୭୦ ଦଶକ ପର୍ଯ୍ୟନ୍ତ ଏହି ଜନଜାତି ବାହ୍ୟ ଦୁନିଆ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। ସେମାନେ ଭାବୁଥିଲେ ଯେ, ସାରା ବିଶ୍ୱରେ କେବଳ ସେମାନେ ହିଁ ଏକମାତ୍ର ମଣିଷ। ଆଜିର ସମୟରେ ମଧ୍ୟ ଏହି ଜନଜାତିର ଅଧିକାଂଶ ଲୋକ ପୋଷାକ ବଦଳରେ ଗଛର ପତ୍ର ବ୍ୟବହାର କରନ୍ତି ଏବଂ ଶିକାର ତଥା ପାରମ୍ପରିକ ଚାଷ ଉପରେ ନିର୍ଭର କରି ଜୀବନ ଅତିବାହିତ କରନ୍ତି। ସୋସିଆଲ୍ ମିଡିଆରେ ଏହି ସମ୍ପ୍ରଦାୟର ବିଚିତ୍ର ଜୀବନଶୈଳୀ ଓ ଟ୍ରି ହାଉସର ଭିଡିଓ ଆଜିକାଲି ଖୁବ୍ ଭାଇରାଲ୍ ହେବାରେ ଲାଗିଛି।

# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ

# ମୁଢ଼ି ପକୁଡ଼ି



**ଆବଶ୍ୟକ ସାମଗ୍ରୀ**

ମୁଢ଼ି – ଏକ ଡବା, ବେସନ – ଦୁଇ କପ୍, କନ୍‌ଫ୍ଲୋର୍ – ଅଧା କପ୍, କଟା ପିଆଜ – ଏକ କପ୍, ଭୃସଙ୍ଗ ପତ୍ର, ଧନିଆ ପତ୍ର, ହଳଦୀ ଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଏକ ପାତ୍ର ନେଇ ମୁଢ଼ିକୁ କିଛି ସମୟ ବତୁରାଇ ଛାଣି ରଖନ୍ତୁ। ଏହାକୁ ଏକ ଗ୍ରାଇଣ୍ଡିଂ ଜାରରେ ଦେଇ ଗ୍ରାଇଣ୍ଡ କରନ୍ତୁ। ଏଥିରେ ପିଆଜ, ଲଙ୍କା, କନ୍‌ଫ୍ଲୋର୍, ବେସନ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ସମେତ ଲୁଣ ମିଶାଇ ଗୋଳାନ୍ତୁ। ଏହାପରେ ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଆସିଲେ ସେଥିରେ ପ୍ରସ୍ତୁତ କରି ରଖିଥିବା ମୁଢ଼ିଗୋଳାକୁ ଛୋଟ ଛୋଟ ପକୁଡ଼ି ଭଳି ଦେଇ ଛାଣନ୍ତୁ। ଦୁଇପାଖ ଭଲରେ ଛାଣି ହୋଇଆସିଲେ ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ବର୍ଷା ପାଗକୁ 'କୁଡ଼ୁମୁଡ଼ିଆ ମୁଢ଼ି ପକୁଡ଼ି'।

# ରେନ୍ ଡ୍ରପ୍ ବ୍ୟାଙ୍ଗଲ୍ସ

**ସାଧାରଣତଃ ଋତୁ ଅନୁଯାୟୀ, ଫେଶନ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ରେନ୍‌ଡ୍ରପ୍ ବ୍ୟାଙ୍ଗଲ୍ସ ଲୋକପ୍ରିୟ ରହିଛି। ପାଣି ବୁନ୍ଦାକୃତି ଏବଂ ମୋତି ଭଳି ଚମକୁଥିବା ଏହି ଚୁଡ଼ି ଅଧିକ ଆକର୍ଷଣୀୟ ଦିଶିଥାଏ। ଏହା ଉଭୟ ପାରମ୍ପରିକ ଏବଂ ଆଧୁନିକ ଲୁକ୍‌କୁ ଭଲ ମାନିଥାଏ।**

- କାଚନିର୍ମିତ ଏହି ରେନ୍ ଡ୍ରପ୍ ଚୁଡ଼ି ଦେଖିବାକୁ ଖୁବ୍ ସୁନ୍ଦର ଆକର୍ଷଣୀୟ ହୋଇଥାଏ। ରଙ୍ଗିନ୍ ମୋତିରେ ନିର୍ମିତ ଏହି ଚୁଡ଼ି ଆଲୋକ ସଂସ୍ପର୍ଶରେ ଆସିଲେ ଚକ୍ ଚକ୍ କରିଥାଏ।
- ସେହିପରି ବର୍ତ୍ତମାନ ସମୟରେ ରେନ୍‌ଡ୍ରପ ଲଟକନ୍ ଚୁଡ଼ି ଲୋକପ୍ରିୟ ରହିଛି। ଏଥିରେ ଚୁଡ଼ି ତଳେ ଛୋଟ କୁର୍ଣ୍ଣୀ ଏବଂ କୁନ୍ଦନ ଝୁଲିଥାଏ। ଏହାକୁ ବିବାହ କିମ୍ବା ଓଜନିଆ କଡ଼ା ସହ ପିନ୍ଧିପାରିବେ।
- ଅଧିକ ଚାକଚକ୍ୟ ପସନ୍ଦ ନଥିଲେ ପେଷ୍ଟାଲ୍ ରଙ୍ଗ ଯଥା – ଗୋଲାପୀ, ମିଣ୍ଟ ଗ୍ରୀନ୍, ଏବଂ ସ୍କାଏ ବ୍ଲୁ ସହ ସଫା ଧଳାମୋତି ଯୁକ୍ତ ରେନ୍‌ଡ୍ରପ ଚୁଡ଼ି ବାଛିପାରିବେ। ଏହା ସିଲକ୍ ଶାଢ଼ି, ଗାଉନ ସମେତ ଇଣ୍ଡୋ -ୱେଷ୍ଟର୍ଣ୍ଣ ମଧ୍ୟ ଭଲ ମାନିଥାଏ।



# ବାସୀ ଫୁଲରୁ ପରିବେଶ ଅନୁକୂଳ ସାମଗ୍ରୀ





ସାଧାରଣତଃ ବାସୀ ଫୁଲକୁ ଅନେକେ ଅଦରକାରୀ ଭାବି ଡଷ୍ଟବିନ୍, ପୋଖରୀ ତଥା ନଦୀ ନାଳରେ ବିସର୍ଜନ କରି ଦିଅନ୍ତି। ଏହାଦ୍ୱାରା ଆବର୍ଜନା ସୃଷ୍ଟି ହେବା ସହ ପରିବେଶ ଦୂଷିତ ହୋଇଥାଏ। ହେଲେ ଫରିଦାବାଦର ସୁଚେତା ସାହୁ ଏହି ବାସୀ ଫୁଲକୁ ସଂଗ୍ରହ କରି ଏଥିରୁ ବିଭିନ୍ନ ଅର୍ଗାନିକ୍ ପ୍ରଡକ୍ଟ ଯଥା- ଧୂପକାଠି, ସାମ୍ପୁ, ଏୟାର ଫ୍ରେସ୍‌ନର୍, ସମେତ ହ୍ୟାଣ୍ଡୱାସ ପ୍ରସ୍ତୁତ କରୁଛନ୍ତି। ଏଥିରୁ ଅର୍ଥଉପାର୍ଜନ କରିବା ସହ ପରିବେଶ ଅନୁକୂଳ ସାମଗ୍ରୀ ପ୍ରସ୍ତୁତି କରି ସେ ଅନ୍ୟ ମହିଳାଙ୍କୁ ପ୍ରେରଣା ଦେଉଛନ୍ତି।

ଫରିଦାବାଦ୍ ବିଦ୍ୟାଳୟରେ ଲାଇବ୍ରେରୀୟାନ୍ ଭାବେ କାର୍ଯ୍ୟରତ ସୁଚେତା ୨୦୧୫ ମସିହାରେ ଚାକିରି ଛାଡ଼ି ଘରେ ବ୍ୟବସାୟ ଆରମ୍ଭ କରିଥିଲେ। ମନ୍ଦିରରେ ଭଗବାନଙ୍କୁ ଫୁଲ ଚଢ଼ାଯିବା ପରେ ଫୋପଡ଼ା ଯାଉଥିବା ବାସୀ ଫୁଲକୁ ଉପଯୋଗ କରି ସେଥିରୁ ସେ ଅନେକ ପ୍ରକାରର ପ୍ରଡକ୍ଟ ପ୍ରସ୍ତୁତ କରିଥାନ୍ତି। ଫୁଲକୁ ଫୋପାଡ଼ିବା ପରିବର୍ତ୍ତେ ଏହାର ସଠିକ୍ ଉପଯୋଗ କଲେ ପରିବେଶ ପାଇଁ ଏହା ବେଶ୍ ଲାଭଦାୟକ ହେବ ବୋଲି ସେ କୁହନ୍ତି। ସେ ଗୋଲାପ, ଗେଣ୍ଡୁଫୁଲକୁ ଉପଯୋଗ କରି ସେଥିରୁ ବିଭିନ୍ନ ଏନ୍‌ଜାଇମ୍ ପ୍ରସ୍ତୁତ କରିବା ସହ ସାମ୍ପୁ, ହ୍ୟାଣ୍ଡୱାସ୍, ଏୟାର ଫ୍ରେସର୍ଣ୍ଣର୍ ଆଦି ପ୍ରସ୍ତୁତ କରନ୍ତି। ତେବେ ଏ ସମସ୍ତ ଜିନିଷକୁ ସେ ସମ୍ପୂର୍ଣ୍ଣ ଅର୍ଗାନିକ୍ ପ୍ରକ୍ରିୟାରେ ପ୍ରସ୍ତୁତ କରିଥାନ୍ତି। ଏଥିରେ କୌଣସି ପ୍ରକାର ରାସାୟନିକ ମିଶ୍ରଣ ହୁଏ ନାହିଁ। ଆଗାମୀ ଦିନରେ ଏଥିରୁ ସେ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତି ପାଇଁ ପ୍ରୟାସ ଜାରି ରଖିଛନ୍ତି। ମନ୍ଦିରରୁ ଆସୁଥିବା ଫୁଲକୁ ପୃଥକ୍ ନ କରି ସେଥିରୁ ବାୟୋଏନଜାଇମ୍ ତଥା ଜୈବିକ ତରଳ ପଦାର୍ଥ ପ୍ରସ୍ତୁତ କରନ୍ତି। ଏଥିରେ ଥିବା ଉପକାରୀ ବ୍ୟାକ୍ଟେରିଆ ବିଭିନ୍ନ ମଇଳା ଦାଗକୁ ସଫା କରିବାରେ ସହାୟକ ହୋଇଥାଏ। ସେହିପରି ବଳକା ଖଦଡ଼ା ଅଂଶକୁ ସେ କ୍ରିମ୍ ଏବଂ ଉବ୍‌ଟାନ୍ ଭଳି ଜିନିଷ ପ୍ରସ୍ତୁତିରେ ବ୍ୟବହାର କରିଥାନ୍ତି। କମ୍ ସ୍ଥାନ ସତ୍ତ୍ୱେ ସେ ଘରେ ଏ ସମସ୍ତ କାର୍ଯ୍ୟ କରିଥାନ୍ତି। ଏଥିସହ ଲୋକଙ୍କୁ ବାସୀ ଫୁଲ ନ ଫୋପାଡ଼ି ଏହାକୁ ଉପଯୋଗ କରି ବିଭିନ୍ନ ଜିନିଷ ପ୍ରସ୍ତୁତି ପାଇଁ ସେ କୁହନ୍ତି। ଏହାଦ୍ୱାରା ଫୁଲ ନଷ୍ଟ ନ ହୋଇ ଏହାର ଭଲ ଉପଯୋଗ ହୋଇପାରିବ। ଏଥିସହ ଅନ୍ୟ ମହିଳାଙ୍କୁ ସେ ପ୍ରଶିକ୍ଷଣ ମଧ୍ୟ ଦେଇଛନ୍ତି। ବଜାରରେ ଅର୍ଗାନିକ୍ ଗୋଲାପ ବାୟୋଏନ୍‌ଜାଇମ୍ ଖୁବ୍ ଦାମୀ ହୋଇଥାଏ। ତେଣୁ ପ୍ରାକୃତିକ ଉପାୟରେ ବାସୀଫୁଲରୁ ଏହା ଘରେ ପ୍ରସ୍ତୁତ କରି ବ୍ୟବହାର ହେବା ସହ ଖୁବ୍ ଲାଭଦାୟକ ବୋଲି ସୁଚେତା କହିଛନ୍ତି।

# କେଶ ଘନ କରିବାକୁ ଚାହୁଁଥିଲେ

ଅଧିକାଂଶ ମହିଳାଙ୍କଠାରେ କେଶଝଡ଼ା ସମସ୍ୟା ଦେଖିବାକୁ ମିଳିଥାଏ। ଦୀର୍ଘ ସମୟ ହେଲେ କେଶ ଝଡ଼ି ପତଳା ହୋଇଯାଏ, ଅବଶ୍ୟ ଅନେକ ଏଥିପାଇଁ ଦାମୀ ହେୟାର୍ ଟ୍ରିଟ୍‌ମେଣ୍ଟ କରିଥାନ୍ତି। ହେଲେ ଘରୋଇ ଉପଚାର ଆପଣାଇ ପତଳା କେଶକୁ ଘନ ମଜବୁତ୍ କରିବାକୁ ଚାହୁଁଥିଲେ ଏହି ତେଲ ଲଗାଇପାରିବେ।

- ଏଥିପାଇଁ ନଡ଼ିଆ ତେଲରେ ଅଳ୍ପ ରାଶି କିମ୍ବା ଅଲିଭ୍ ଅଏଲ୍ ମିଶାଇ ହାଲୁକା ଗରମ କରନ୍ତୁ। ଏଥିରେ ପିଆଜ, ଲବଙ୍ଗ ଏବଂ ରସୁଣ ପକାନ୍ତୁ।
- ତେଲକୁ ଧୀମା ଆଞ୍ଚରେ ଆଠରୁ ଦଶମିନିଟ୍ ଗରମ କରିବା ଆବଶ୍ୟକ। ପିଆଜ, ରସୁଣ, ଲବଙ୍ଗ ଯେପରି ଜଳି ନ ଯାଏ ଏଥିପାଇଁ ମଝିରେ ମଝିରେ ଚଳାନ୍ତୁ।
- ତେଲ ପ୍ରସ୍ତୁତି ହୋଇଗଲେ ଗ୍ୟାସ୍‌ଟିକୁ ବନ୍ଦ କରନ୍ତୁ। ଥଣ୍ଡା ହେବା ପରେ ଛାଣି ଏକ ସଫା ବୋତଲରେ ରଖନ୍ତୁ।
- ଏହାକୁ ସପ୍ତାହରେ ଥରେ ଦୁଇ ଥର ଲଗାଇ ମସାଜ୍ କରନ୍ତୁ। ଏହାକୁ ୩୦ ମିନିଟ୍ କେଶରେ ରଖି ଧୋଇ ଦିଅନ୍ତୁ। ନିୟମିତ ରୂପେ ଏପରି କରିବା ଦ୍ୱାରା ଖୁବ୍ ସୁଫଳ ମିଳିଥାଏ।
- ଏହାକୁ ମସାଜ୍ କଲେ କେଶରେ ରକ୍ତ ସଞ୍ଚାଳନ ବୃଦ୍ଧି ହୋଇଥାଏ। ଏଥିସହ କେଶମୂଳକୁ ଭଲ ପୋଷଣ ଯାଇଥାଏ।



# ବଜେଟ୍ ଫ୍ରେଣ୍ଡଲି ଫେସିଆଲ୍

**ଧୂଳି, ପ୍ରଦୂଷଣ, ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ଅନେକ ସମୟରେ ତ୍ୱଚା ରୁକ୍ଷ ଏବଂ ଶୁଷ୍କ ହୋଇଯାଏ। ପାରମ୍ପରିକ ଫେସିଆଲ୍ ଟିପ୍ସ ତ୍ୱଚାକୁ ଉପରୁ ସୁରକ୍ଷା ଦେଉଥିବାବେଳେ, ଆଧୁନିକ ଚିକିତ୍ସା ତ୍ୱଚାକୁ ଗଭୀରରୁ ସଫା କରିଥାଏ। ଏଥିସହ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ସକ୍ରିୟ କରି ପୋର୍ସଗୁଡ଼ିକୁ କ୍ଲିନ୍ କରି ପ୍ରାକୃତିକ ଚମକ ଆଣିଥାଏ। ତେବେ ଜାଣିବା କେତୋଟି ବଜେଟ୍ ଫ୍ରେଣ୍ଡଲି ଫେସିଆଲ୍ ବାବଦରେ...**

**ଡିପ୍ କ୍ଲିନ୍ ଫେସିୟାଲ୍**

ଏହା ନର୍ମାଲ ସ୍କିନ୍ ମହିଳାଙ୍କ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଏହା ସବୁଠୁ ସହଜ, ସରଳ ଏବଂ ଦୀର୍ଘସ୍ଥାୟୀ ପ୍ରକ୍ରିୟା ଭାବେ ଜଣାଯାଏ। ଏହା ତ୍ୱଚାକୁ ଗଭୀରରୁ ସଫା କରି, ମଏଶ୍ଚରାଇଜିଂ କରିଥାଏ। ଏଥିରେ ତ୍ୱଚାରେ ଥିବା ମୃତ କୋଷ ସଫା ହୋଇ ତ୍ୱଚା ନିର୍ମଳ ଦିଶିଥାଏ।

**ହାଇଡ୍ରା ବ୍ଲେସଡ୍ କ୍ଲିନ୍ ଆଣ୍ଡ ଗ୍ରୋ ଫେସିଆଲ୍**

ଶୁଷ୍କ ତ୍ୱଚା ଥିବା ମହିଳାଙ୍କ ପାଇଁ ଏହା ଲାଭଦାୟକ ହୋଇଥାଏ। ଏହା ତ୍ୱଚାକୁ ହାଇଡ୍ରେସନ୍ ପ୍ରଦାନ କରିଥାଏ। ଏଥିପାଇଁ ହାଲୁକା ୱାଟର୍ ବେସ୍‌ଡ ସିରମ୍ ଏବଂ ମଏଶ୍ଚରାଇଜିଂ ମାସ୍କର ଆବଶ୍ୟକତା ପଡ଼ିଥାଏ। ତ୍ୱଚା ବାରମ୍ବାର ଶୁଷ୍କ ହୋଇଯାଉଥିଲେ ଏହା କରିପାରିବେ।

**ଚାରକୋଲ୍ ଡିଟକ୍ସ ଫେସିଆଲ୍**

ତେଲିଆ ଏବଂ ବ୍ରଣ ତ୍ୱଚା ଥିବା ମହିଳାଙ୍କ ପାଇଁ ଚାର୍‌କୋଲ୍ ଡିଟକ୍ସ ଫେସିଆଲ ଖୁବ୍ ଭଲ ହୋଇଥାଏ। ଏହା ପ୍ରଦୂଷଣ ଏବଂ ତ୍ୱଚାରେ ଥିବା ଅତିରିକ୍ତ ମଇଳାକୁ ନିୟନ୍ତ୍ରଣ କରିଥାଏ।

## ଆଇଚି-ନାଗୋୟା ଏସିଆନ୍ ଗେମ୍ସ

# ଐତିହାସିକ ରୌପ୍ୟ ଜିତିଲେ ମୀରାବାଇ ଚାନୁ

ଟୋକିଓ,୨୩।୯ (ଏଜେନ୍ସି)

ମହିଳା ଭାରୋତ୍ତୋଳନକାରୀ ମୀରାବାଇ ଚାନୁ ଜାପାନରେ ଚାଲିଥିବା ଆଇଚି-ନାଗୋୟା ୨୦ତମ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦୀର୍ଘ ୨୮ ବର୍ଷ ପରେ ଭାରତ ଭାରୋତ୍ତୋଳନରୁ ପଦକ ଜିତିବାରେ ଐତିହାସିକ ସଫଳତା ପାଇଛି। ବୁଧବାର ପ୍ରତିଯୋଗିତାର ପଞ୍ଚମ ଦିନରେ ଭାରତକୁ ୫ଟି ପଦକ ମିଳିଛି। ଏହା ମଧ୍ୟରୁ ଗୋଟିଏ ରୌପ୍ୟ ଯାହାକୁ ମୀରାବାଇ ଜିତିଛନ୍ତି। ଅନ୍ୟ ୪ଟି କାଂସ୍ୟ ପଦକ ରହିଛି। ଏହା ମଧ୍ୟରେ ସୁଟିଂର ସ୍କିଟ୍ ଇଭେଣ୍ଟରେ ୨ଟି, ସେମିଫାଇନାଲରେ ପରାଜିତ ହୋଇଥିବା ପୁରୁଷ ବ୍ୟାଡମିଣ୍ଟନ ଟିମ୍ ଓ ସଫ୍ଟ

■ ସୁଟିଂରୁ ୨, ପୁରୁଷ ବ୍ୟାଡ୍‌ମିଣ୍ଟନ ଓ ସଫ୍ଟ ଟେନିସରେ କାଂସ୍ୟ
■ ଉଶୁରେ ରୌପ୍ୟ ପଦକ ନିଶ୍ଚିତ

ଟେନିସ ସେମିଫାଇନାଲରେ ହାରିଥିବା ଜୟ ମୀନା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ପ୍ରତିଯୋଗିତାର ୫ମ ଦିନ ଶେଷ ସୁଦ୍ଧା ଭାରତ ୧୨ଟି ପଦକ ଜିତି ପଦକ ତାଲିକାର ୧୩ତମ ସ୍ଥାନରେ ରହିଛି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ରହିଛି। ଆଜି ମଧ୍ୟ ଆଉ ଦୁଇଟି ପଦକ ଜିତିବା ନିଶ୍ଚିତ ହୋଇଛି। ମହିଳା ଉଶୁରେ ରୋଶିବିନା ଦେବୀ ଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ରୌପ୍ୟ ପଦକ ଜିତିବା ନିଶ୍ଚିତ କରିଛନ୍ତି। ମହିଳା ହକିରେ ଭାରତ ୨୦-୧ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରି ୩ଟି ମ୍ୟାଚ୍‌ରୁ ୩ଟିରେ ବୃହତ୍ ବିଜୟ ହାସଲ କରିଛି। ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପଦକ ଆଶାୟୀ ମାନୁ ଭାକର ୫ମ ସ୍ଥାନରେ ରହି ନିରାଶ କରିଛନ୍ତି। ଇରାନ୍‌କୁ ୩୭-୨୩ ପଏଣ୍ଟରେ ପରାସ୍ତ କରି ମହିଳା କବାଡି ଦଳ ଓ ବାଂଲାଦେଶକୁ ୪୮-୨୫ ପଏଣ୍ଟରେ ହରାଇ ପୁରୁଷ ଦଳ ବିଜୟ ଅଭିଯାନ ଅବ୍ୟାହତ ରଖିଛି। ଚୀନ ଓ ଜାପାନ ପଦକ ତାଲିକାରେ ପ୍ରଥମ ୨ଟି ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି।

## ୨୮ ବର୍ଷ ପରେ ଭାରୋତ୍ତୋଳନରୁ ପଦକ



ଆଜି ଏଠାରେ ଅନୁଷ୍ଠିତ ମହିଳା ଭାରୋତ୍ତୋଳନର ୪୯ କିଲୋଗ୍ରାମ୍ ଶ୍ରେଣୀରେ ଭାରତର ମୀରାବାଇ ଚାନୁ ୧୯୮ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଫଳରେ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ମୀରାବାଇ ଏସିଆନ ଗେମ୍ସର ଦୀର୍ଘ ୨୮ ବର୍ଷ ପରେ ଭାରତ ଲାଗି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୧୯୯୮ ବ୍ୟାଙ୍କକ୍ ଏସିଆନ ଗେମ୍ସରେ କର୍ଣ୍ଣମ ମାଲେଶ୍ୱରୀ ଶେଷଥର ପଦକ ବିଜୟୀ ହୋଇଥିଲେ। ମୀରାବାଇ ପଦକ ଜିତି ୨୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି। ୨୦୦୨ରେ ଭାରତ ପଦକ ଜିତିପାରି ନ ଥିଲାବେଳେ ୨୦୦୬ରେ ଡୋପ୍ ଟେଷ୍ଟରେ ଅତ୍ୟଧିକ ଭାରୋତ୍ତାଳକ ଧରାପଡ଼ିବାରୁ ଦେଶକୁ ବାସନ୍ଦ କରାଯାଇଥିଲା। ୨୦୧୦ରେ ୧୨ଜଣ ଅଂଶଗ୍ରହଣ କରିଥିଲେ ମଧ୍ୟ କେହି ପଦକ ଜିତି ନଥିଲେ। ଏହା ପରେ ୩ଟି ଏସିଆନ ଗେମ୍ସରେ ଚେଷ୍ଟା କରି ମଧ୍ୟ ଭାରତ ପଦକ ଜିତିବାରେ ସଫଳ ହୋଇ ପାରି ନ ଥିଲା। ଶେଷରେ ମୀରାବାଇ ଭାରୋତ୍ତୋଳନରୁ ପଦକ ମରୁଡି ହଟାଇବାରେ ସଫଳ ହୋଇଛନ୍ତି।

## ମହିଳା ସ୍କିଟ୍ ସୁଟିଂରେ ପ୍ରଥମ ପଦକ





ଭାରତର ସ୍କିଟ ସୁଟରମାନେ ଦଳଗତ ବିଭାଗରେ ୨ଟି କାଂସ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ମହିଳା ବିଭାଗରେ ପରିନାଜ ଧାଲିୱାଲ, ରେଜା ଧାଲନ ଓ ମାହେଶ୍ୱରୀ ଚୋହାନ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହା ଫଳରେ ଏସିଆନ ଗେମ୍ସ ଇତିହାସରେ ଭାରତର ମହିଳା ସ୍କିଟ୍ ଟିମ୍ ପ୍ରଥମ ପଦକ ଜିତିବାରେ ସଫଳ ହୋଇଛି। ଏହାର କିଛି ସମୟ ପରେ ପୁରୁଷ ଦଳକୁ ମଧ୍ୟ କାଂସ୍ୟ ପଦକ ମିଳିଥିଲା। ଅମନଜିତ ସିଂହ ନାରୁକା, ମୈରାଜ ଅହମ୍ମଦ୍ ଖାନ୍ ଓ ଭବତେଗ ସିଂହ ତୃତୀୟ ସ୍ଥାନ ଅଧିକାର କରି ସ୍କିଟ୍ ସୁଟିଂରେ କାଂସ୍ୟ ପଦକ ହାସଲ କରିଥିଲେ। କିନ୍ତୁ ଅମନଜିତ ଓ ରେଜା ଇଣ୍ଡିଭିଜୁଆଲ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରି ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ମହିଳା ବିଭାଗରେ ଚୀନ୍ ଓ ପୁରୁଷ ବିଭାଗରେ କତାର ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

## ଜୟ ମୀନା ଜିତିଲେ ସଫ୍ଟ ଟେନିସରେ ପ୍ରଥମ ପଦକ

ମଧ୍ୟପ୍ରଦେଶର ଜୟ ମୀନା ସଫ୍ଟ ଟେନିସରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଶେରୱିନ୍ ନୁଗୁଇଟ୍‌ଙ୍କୁ ୪-୩ ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ତାଙ୍କ ସ୍ୱପ୍ନର ଲଢ଼େଇ ସେମି ଫାଇନାଲରେ ଶେଷ ହୋଇଥିଲା। ଜାପାନର ତାକୁୟୋ କୁରୋସାକାଙ୍କଠାରୁ ୪-୨ ସେଟ୍‌ରେ ପରାଜିତ ହୋଇ ଜୟ ମୀନାଙ୍କ ଯାତ୍ରା ଶେଷ ହୋଇଥିଲା। କିନ୍ତୁ ଏହା ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିବା ସହ ସେ ଇତିହାସ ସୃଷ୍ଟି କରିସାରିଥିଲେ। ସେମିରେ ହାରିଯିବା ପରେ ଭାରତର ପ୍ରଥମ ପ୍ରତିଯୋଗୀ ଭାବେ ସଫ୍ଟ ଟେନିସରେ ପ୍ରଥମ ପଦକ ଜିତି ଇତିହାସ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ।



## ସେମିରେ ହାରି ପୁରୁଷ ବ୍ୟାଡ୍‌ମିଣ୍ଟନ ଟିମ୍ ଜିତିଲା କାଂସ୍ୟ

ଏସିଆନ ଗେମ୍ସ ପୁରୁଷ ବ୍ୟାଡ୍‌ମିଣ୍ଟନରେ ଭାରତୀୟ ଦଳ ପୁଣିଥରେ ଚୀନ୍ ନିକଟରୁ ପରାଜିତ ହୋଇଛି। ଏହା ଫଳରେ ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଏହି କାଂସ୍ୟ ପଦକ ବିଜୟ ସହ ଭାରତ ୪୦ ବର୍ଷ ପରେ ଏସିଆନ୍ ଗେମ୍ସରେ କ୍ରମାଗତ ପଦକ ହାସଲ କରିବାରେ ସମର୍ଥ ହୋଇଛି। ଆଜି ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଭାରତ ପକ୍ଷରୁ କେବଳ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ର୍ୟାଙ୍କି ରେଡ୍ଡୀ ଓ ଚିରାଗ ସେଟ୍ଟୀ ଗୋଟିଏ ମ୍ୟାଚ୍ ଜିତିଥିଲେ। ଭାରତ ଅନ୍ୟ ଦୁଇଟି ସିଙ୍ଗଲ୍ସ ଓ ଗୋଟିଏ ଡବଲ୍ସ ମୁକାବିଲାରେ ପରାଜିତ ହୋଇଥିଲା। ଲକ୍ଷ୍ୟ ସେନ୍ ଓ ଆୟୁଷ ସେଟ୍ଟୀ ସିଙ୍ଗଲ୍ସରେ ପରାଜିତ ହୋଇଥିଲେ।



## ମହିଳା ହକି; ଦୀପିକା ଏକାକୀ ଦେଲେ ୯

## ଭାରତ ୨୦-୧ ଗୋଲ୍‌ରେ ଥାଇଲାଣ୍ଡକୁ ହରାଇଲା

ନାଗୋୟା,୨୩।୯ (ଏଜେନ୍ସି): ଗୋଟିଏ ଅନ୍ତର୍ଜାତୀୟ ହକି ମ୍ୟାଚ୍‌ରେ ସର୍ବାଧିକ ୯ଟି ଗୋଲ ଦେବାର ରେକର୍ଡ କରିଛନ୍ତି ଭାରତର ଦୀପିକା ସେରାୱତ। ଦୀପିକାଙ୍କ ଏହି ରେକର୍ଡ ସହାୟତାରେ ଆଜି ଏଠାରେ ଖେଳାଯାଇଥିବା ଏସିଆନ ଗେମ୍ସ ମହିଳା ହକି ଗ୍ରୁପ୍-ବି' ମୁକାବିଲାରେ ଭାରତ ୨୦-୧ ଗୋଲରେ ଥାଇଲାଣ୍ଡକୁ ହରାଇ କ୍ରମାଗତ ତୃତୀୟ ବୃହତ୍ ବିଜୟ ହାସଲ କରିଛି। ଦୀପିକାଙ୍କ ବ୍ୟତୀତ ନବନୀତ କୌର ୪ଟି ଓ ଋତୁଜା ଦାଦାସୋ ପିସାଲ ୩ଟି ଗୋଲ ଦେଇଥିଲେ।



ସଲିମା ଟେଟେ ଅନ୍ୟ ୩ଜଣଙ୍କ ସହ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପୂର୍ବରୁ ଭାରତ ୧୯-୦ ଗୋଲରେ ଉଜବେକିସ୍ତାନକୁ ଓ ଇଣ୍ଡୋନେସିଆକୁ ୧୭-୧ ଗୋଲରେ ପରାସ୍ତ କରିଥିଲା। ଏହା ଫଳରେ ୩ଟି ମ୍ୟାଚ୍‌ରେ ଦଳ ୫୬ଟି ଗୋଲ ଦେବାରେ ସଫଳ ହୋଇଛି। ଭାରତୀୟ ମହିଳା ଦଳ ତାହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ଜାପାନ ସହ ଓ ରବିବାର ସିଙ୍ଗାପୁର ସହ ଖେଳିବ। ପୁରୁଷ ଦଳ ଆସନ୍ତାକାଲି ଦକ୍ଷିଣ କୋରିଆ ସହ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

## ଫାଇନାଲରେ ରୋଶିବିନା ଦେବୀ



ବୁଧବାର ଦୁଇଥରର ଏସିଆନ ଗେମ୍ସ ପଦକ ବିଜେତା ରୋଶିବିନା ଦେବୀ ଉଶୁ ଫାଇନାଲରେ ପ୍ରବେଶ କରି ଆଉ ଏକ ରୌପ୍ୟ ପଦକ ପଦକ ନିଶ୍ଚିତ କରିଛନ୍ତି। ଆଇଚି ପରଫେକ୍‌ଚୁଆଲ ମାର୍ଶିଆଲ ଆର୍ଟସ ହଲ୍‌ରେ ଅନୁଷ୍ଠିତ ମହିଳା ୬୦ କିଲୋଗ୍ରାମ୍ ଉଶୁ ସେମିଫାଇନାଲରେ ରୋଶିବିନା ଇଣ୍ଡୋନେସିଆର ଥାନିଆଙ୍କୁ ୨-୦ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଚୀନ୍‌ର ଜିୟାୟୁ ଝାଙ୍ଗଙ୍କ ସହ ଆସନ୍ତାକାଲି ସ୍ୱର୍ଣ୍ଣପଦକ ଲାଗି ମୁକାବିଲା ହେବ। ଗତକାଲି ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ମାକାଉର ସିନ୍ ତୁ'ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ସୂଚନାଯୋଗ୍ୟ ୨୦୧୮ ଓ ୨୦୨୩ ପରେ ରୋଶିବିନା କ୍ରମାଗତ ଏସିଆନ ଗେମ୍ସରେ ପଦକ ଜିତିଥିଲେ। କିନ୍ତୁ ଚଳିତବର୍ଷ ଦିବ୍ୟାଂଶୀ ଚୌଧୁରୀ ଅନ୍‌ଫିଟ୍ ହେବାରୁ ଶେଷ ମୁହୂର୍ତ୍ତରେ ରୋଶିବିନାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଥିଲା।

## ୟୁ ଜିଦ୍ଦିଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

ଟୋକିଓ,୨୩।୯ (ଏଜେନ୍ସି): ଚୀନ୍‌ର ୧୩ ବର୍ଷୀୟା ସନ୍ତରଣକାରୀ ୟୁ ଜିଦ୍ଦି ୨୦ତମ ଏସିଆନ ଗେମ୍ସରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ୪୦୦ ମିଟର ଇଣ୍ଡିଭିଜୁଆଲ ମେଡଲେ ସନ୍ତରଣରେ ୪ ମିନିଟ୍ ୨୮.୫୬ ସେକେଣ୍ଡ ସମୟ ନେଇ ଏସିଆନ ଗେମ୍ସ ରେକର୍ଡ କରିବା ସହ ତୃତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହା ପୂର୍ବରୁ ସେ ୨୦୦ ମିଟର ବଟରଫ୍ଲାଏ ଓ ୨୦୦ ମିଟର ଇଣ୍ଡିଭିଜୁଆଲ ମେଡ୍‌ଲେ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ୧୩ ବର୍ଷୀୟ ସ୍କୁଲ ଛାତ୍ରୀ ୟୁ ଜିଦ୍ଦି ୩ଟି ସ୍ୱର୍ଣ୍ଣ ପଦକ ଜିତିବା ସହ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ସୂଚନାଯୋଗ୍ୟ ୨୦୨୫ରେ ସେ ବିଶ୍ୱର ସର୍ବକନିଷ୍ଠ ପ୍ରତିଯୋଗୀଭାବେ ବିଶ୍ୱ ଚାମ୍ପିଅନସିପ୍‌ରେ ପଦକ ଜିତି ରେକର୍ଡ କରିଥିଲେ।



### ରି ସଙ୍ଗଙ୍କ ୩ଟି ବିଶ୍ୱରେକର୍ଡ

ଉତ୍ତରକୋରିଆର ଭାରୋତ୍ତୋଳନକାରୀ ରି ସଙ୍ଗ ଗମ୍ ମହିଳା ୪୯ କିଲୋ କାଟେଗୋରୀରେ ୩ଟି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ୪ଫୁଟ୍ ୭ ଇଞ୍ଚ ଉଚ୍ଚତାବିଶିଷ୍ଟ ଏହି ପ୍ରତିଯୋଗୀ ସ୍ନାଚ୍‌ରେ ୯୪, କ୍ଲିନ୍ ଆଣ୍ଡ ଜର୍କରେ ୧୨୧ କେଜି ଓ ମୋଟରେ ୨୧୫ କେଜି ଓଜନ ଉଠାଇ ୩ଟି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ବିଭାଗରେ ମୀରାବାଇ ରୌପ୍ୟ ଜିତିଛନ୍ତି।

## ପେଞ୍ଚକ ସିଲାଟ ଫେଡେରେସନ କପ୍: ୯ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୨୨ ପଦକ

ଭୁବନେଶ୍ୱର, ୨୩।୯ (ସମିସ): ଲଦାଖରେ ଶେଷ ହୋଇଥିବା ପେଞ୍ଚକ ସିଲାଟ ଫେଡେରେସନ୍ କପ୍‌ର ୧୦ମ ସଂସ୍କରଣରେ ଓଡ଼ିଶାର ଖେଳାଳିମାନେ ୨୨ଟି ପଦକ ଜିତିଛନ୍ତି। ଯେଉଁଥିରେ ୯ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ରହିଛି। ଅବ୍ଦୁଲ ସୋଫିଆନ୍, ସ୍ନେହା ସାମନ୍ତରାୟ, ନିଖିଲ ବାରିକ, ମୋନିକା ରାୟ, ଏଲିନା ଗୁରୁଙ୍ଗ ଓ ରାଶି ଗୁରୁଙ୍ଗ, ଗାୟତ୍ରୀ ଦାସ, ଶିବ ପ୍ରସାଦ ଜେନା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ନାରାୟଣ ବାରିକ ଓ ଲୀଳାବତୀ ରଣାଙ୍କ ତତ୍ତ୍ୱାବଧାନରେ ୨୯ ଜଣିଆ ଓଡ଼ିଶା ଦଳ ଏହି



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ନିର୍ଦ୍ଦେଶକ ଡକ୍ଟର ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା, ବିଜୟ ସ୍ୱାଇଁ, ଓଏସଡି ଧୀରୋଜ ପଟ୍ଟନାୟକ ସମେତ ପେଞ୍ଚକ ସିଲାଟ୍‌ର ଅଧ୍ୟକ୍ଷ ତାପସ କୁମାର ରାୟଚୌଧୁରୀ, ସଭାପତି ସୁମନ ମୋଦି, ସମ୍ପାଦକ ସଙ୍ଗୀତ ଥାପା, ଉପସଭାପତି ଜୀତେନ୍ଦ୍ର କୁମାର ରାଉତ, ଆଶୁତୋଷ ନାୟକ, ସହ ସମ୍ପାଦକ ନାରାୟଣ ବାରିକ ଓ ପ୍ରେମ ସିଂ ଥାପା ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଗୋଆରେ ଆଇପିଏଲ୍-୨୦ ଖେଳାଳି ନିଲାମୀ

ମୁମ୍ବଇ, ୨୩।୯ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦ତମ ସଂସ୍କରଣର ଖେଳାଳି ନିଲାମ ଲାଗି ଭେନ୍ୟୁ ଘୋଷଣା ହୋଇଛି। ଚଳିତ ବର୍ଷ ଖେଳାଳି ନିଲାମ ଡିସେମ୍ବର ମାସରେ ଗୋଆରେ ଅନୁଷ୍ଠିତ ହେବ। ବୁଧବାର ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ଏହି ସୂଚନା ଦେଇଛନ୍ତି। ଫଳରେ ତିନିବର୍ଷର ବ୍ୟବଧାନ ପରେ ଆଇପିଏଲ୍ ଖେଳାଳି ନିଲାମ ଘରୋଇ ପରିବେଶରେ ଅନୁଷ୍ଠିତ ହେବ। ଏଥିପୂର୍ବରୁ ୨୦୨୩, ୨୦୨୪ ଓ ୨୦୨୫ ଆଇପିଏଲ୍ ଖେଳାଳି ନିଲାମ ଯଥାକ୍ରମେ ଦୁବାଇ, ଜେଦ୍ଦା ଓ ଆବୁଧାବିରେ ଆୟୋଜିତ ହୋଇଥିଲା। ତେବେ ଡିସେମ୍ବର ମାସରେ କେଉଁ ନିର୍ଦ୍ଦିଷ୍ଟ ତାରିଖରେ ନିଲାମୀ ହେବ ତାହା ପରେ ବିସିସିଆଇ ପକ୍ଷରୁ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ନିକଟରେ ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୁମାଲ କହିଥିଲେ ଯେ ପ୍ରତିବର୍ଷ ଆମେ ନିଲାମକୁ ଭାରତରେ ଆୟୋଜନ କରିବାକୁ ଚେଷ୍ଟା କରୁ। କିନ୍ତୁ ବିବାହ ଋତୁ ଯୋଗୁଁ ଉପଯୁକ୍ତ ସ୍ଥାନ ମିଳିପାରେ ନାହିଁ। ତେବେ, ଚଳିତ ବର୍ଷ ଏହା ଭାରତରେ ହେଉ ବୋଲି ଆମେ ନିଶ୍ଚିତ ଭାବେ ଚାହୁଁଛୁ, କାରଣ ଏଥର ନିଲାମ ପ୍ରକ୍ରିୟା ଛୋଟ ହେବ। ଆଶା କରାଯାଉଛି ଯେ ଆମକୁ ସ୍ଥାନ ମିଳିଯିବ।

### ଅଷ୍ଟ୍ରେଲିଆ ବିପକ୍ଷରେ ମିଶ୍ରିତ ଫଳାଫଳ

## ଯୁବ ଦଳର ସିରିଜ୍ କ୍ଲିନ୍‌ସୁଇପ୍




ରାଜକୋଟ, ୨୩।୯ (ଏଜେନ୍ସି)

ଭାରତ ଗସ୍ତରେ ଥିବା ଅଷ୍ଟ୍ରେଲିଆର ଦୁଇଟି କ୍ରିକେଟ୍ ଦଳ ବିପକ୍ଷରେ ବୁଧବାର ମିଶ୍ରିତ ସଫଳତା ମିଳିଛି। ୧୯ ବର୍ଷରୁ କମ୍ ଭାରତୀୟ ଦଳ ତୃତୀୟ ୟୁଥ୍ ଦିନିକିଆରେ ୬ ୱିକେଟରେ ଅଷ୍ଟ୍ରେଲିଆକୁ ହରାଇ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିଛି। ତେବେ ଭାରତୀୟ ମହିଳା-ଏ ଦଳ ଦ୍ୱିତୀୟ ଦିନିକିଆରେ ୨ ୱିକେଟରେ ଅଷ୍ଟ୍ରେଲିଆ ନିକଟରୁ ହାରିଯାଇଛି।

ରାଜକୋଟରେ ଖେଳାଯାଇଥିବା ଅନ୍ତିମ ତଥା ତୃତୀୟ ୟୁଥ୍ ଦିନିକିଆରେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ପ୍ରଥମେ ବ୍ୟାଟିଂ କରି ୪୯.୩ ଓଭରରେ ୨୫୪ ରନ କରି ଅଲଆଉଟ୍ ହୋଇଯାଇଥିଲା। ଓପନର ଜେଡ୍ ହୋଲିକ ୮୭ ଓ ଭାରତୀୟ ବଂଶୋଦ୍ଭବ ନୀଲ ପଟେଲ ୫୧ ରନ କରିଥିଲେ। ଘରୋଇ ଭାରତୀୟ ୟୁଥ୍ ଦଳର ମନାଲ ଚୌହାନ ଓ ମୋହିତ ଉଲଭାଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିଲା। ଜବାବରେ ଅଧିନାୟକ ଲକ୍ଷ୍ୟ ରାଜେଶ ରାଇଚନ୍ଦାନି (୧୧୦ ରନ)ଙ୍କ ଅପରାଜିତ ଶତକ ବଳରେ ଭାରତ ୪୧.୨ ଓଭରରେ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

**ମହିଳା-ଏ ହାରିଲେ:** ମୋହାଲିରେ ଅନୁଷ୍ଠିତ ଦ୍ୱିତୀୟ ଅନଅଫିସିଆଲ ଦିନିକିଆରେ ଭାରତ-ଏ ମହିଳା ଦଳ ୨ ୱିକେଟରେ ଅଷ୍ଟ୍ରେଲିଆ-ଏ ନିକଟରୁ ହାରିଯାଇଛି। ଅଧିନାୟିକା ଯଷ୍ଟିକା ଭାଟିଆଙ୍କ ୧୧୨ ରନ ବଳରେ ଭାରତ-ଏ ୫୦ ଓଭରରେ ୬ ୱିକେଟରେ ୩୩୮ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ-ଏ ମହିଳା ଦଳ ୩ଟି ବଲ୍ ବାକି ଥାଇ ୮ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ଭାରତ-ଏ ୪ ୱିକେଟରେ ଜିତିଥିଲା। ନିର୍ଣ୍ଣାୟକ ୩ୟ ଦିନିକିଆ ଶୁକ୍ରବାର ଖେଳାଯିବ।

## ସାହାଣୀ କପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୩।୯ (ସମିସ): ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ୬୫ତମ ସିନିଅର ଆନ୍ତଃଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ 'ସାହାଣୀ କପ୍'ର ୬୫ତମ ସଂସ୍କରଣ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର, ନୂଆପଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଚାରୋଟି ଜୋନରେ ମ୍ୟାଚ୍ ଖେଳାଯାଉଛି। ପ୍ରଥମ ଦିବସରେ ସୁନ୍ଦରଗଡ଼ ଜୋନରେ ବଲାଙ୍ଗିର ୧୧-୦ ଗୋଲ୍‌ରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ସୁନ୍ଦରଗଡ଼ ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲ୍‌ରେ ଡ୍ର ରହିଛି। ସେହିଭଳି ସୁବର୍ଣ୍ଣପୁର ଜୋନରେ ଖୋର୍ଦ୍ଧା ୨-୦ରେ ନୟାଗଡ଼କୁ, ଗଞ୍ଜାମ ୧-୦ରେ ପୁରୀକୁ ଏବଂ ଭୁବନେଶ୍ୱର ଜୋନରେ ଝାରସୁଗୁଡ଼ା ୮-୨ ଗୋଲରେ ଜଗତସିଂପୁରକୁ ଓ ଭୁବନେଶ୍ୱର ୫-୨ ଗୋଲ୍‌ରେ ଗଜପତିକୁ ହରାଇଦେଇଛି। ନୂଆପଡ଼ା ଜୋନରେ ସମ୍ବଲପୁର ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ତେବେ କଳାହାଣ୍ଡି ଓ ରାୟଗଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ପ୍ରବଳ ବର୍ଷା ଲାଗି ଅଧାରୁ ସ୍ଥଗିତ ରହିଛି। ସେହି ସମୟରେ କଳାହାଣ୍ଡି ୩-୦ ଗୋଲରେ ଅଗ୍ରଣୀ ରହିଥିଲା। ମ୍ୟାଚର ଦ୍ୱିତୀୟାର୍ଦ୍ଧ ଗୁରୁବାର ଖେଳାଯିବ।

ସକାଳ THE SAKALA
A unit of Nandighosha Network Pvt. Ltd.

The Sakala (A unit of Nandighosha Network Pvt. Ltd.) invites application for the following position

C.T.P. Operator

Minimum 2-3 Yrs. experience

APPLY NOW

Please send your CV with recent passport size photo to
hr@thesakala.com

The Sakala
A unit of Nandighosha Network Pvt. Ltd.

Sd/-
Asst. Manager HR

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS